ମୃତ୍ୟୁ ଆରପାରିରେ ଜୀବନ

ମୂଳ ଲେଖା : ଜେ.ପି. ଭାସୱାନୀ
ଅନୁବାଦ : ବ୍ରଜ କୁମାର ଶତପଥୀ

Digitized by srujanika@gmail.com

ମୃତ୍ୟୁ ଆରପାରିରେ ଜୀବନ

ମୂଳଲେଖା : ଦାଦା ଜେ.ପି. ଭାସୱାନୀ
ଭାଷାନ୍ତର : ବ୍ରଜ କୁମାର ଶତପଥୀ

Digitized by srujanika@gmail.com

ମୃତ୍ୟୁ ଆରପାରିରେ ଜୀବନ

ମୂଳଲେଖା : ଦାଦା ଜେ.ପି. ଭାସୱାନୀ
ଭାଷାନ୍ତର : ବ୍ରଜ କୁମାର ଶତପଥୀ
ପ୍ରଚ୍ଛଦ ସୁଧାଂଶୁ ସାମନ୍ତରାୟ
ମୁଦ୍ରଣ ମା' ତାରିଣୀ ପ୍ରିଣ୍ଟର୍ସ, ଭୁବନେଶ୍ୱର
ପ୍ରକାଶକ : ବ୍ରଜ କୁମାର ଶତପଥୀ
୩୫, ଲକ୍ଷ୍ମୀବିହାର
ପୋ:ଅ: ସୈନିକ ସ୍କୁଲ
ଭୁବନେଶ୍ୱର - ୭୫୧୦୦୫
ଫୋନ୍ - ୯୪୩୭୬୩୦୫୭୪
ମୂଲ୍ୟ : ଟ ୩୦.୦୦ ମାତ୍ର

Life After Death

Dada J.P. Vaswani
Translation : Braja Kumar Satapathy
Cover : Sudhanshu Samantray
Printer : Maa Tarini Printers,
Sahid Nagar, Bhubaneswar
Publisher : Braja Kumar Satapathy
35, Laxmivihar,
P.O.-Sainik School,
Bhubaneswar - 751005
Ph : 9437630574
Price : Rs. 30.00 Only

Digitized by srujanika@gmail.com

ଆରମ୍ଭରେ ପଦେ ଦୁଇପଦ

ମାନବୀୟ ସମସ୍ୟାର ପରିପ୍ରେକ୍ଷୀ ରହିଥାଏ । କେତେକ ସମସ୍ୟା ସମୟ ସହିତ ବିଜଡ଼ିତ । ଅତୀତରେ କେତେକ ସମସ୍ୟା ମନୁଷ୍ୟକୁ ଆଲୋଡ଼ିତ କରୁଥିବା ସ୍ଥଳେ ସେସବୁ ପରିସ୍ଥିତି ଏବେ ଉଦ୍‌ବେଳନ ସୃଷ୍ଟି କରୁନାହିଁ । ଆଉ କେତେକ ସମସ୍ୟା ଜୀବନ ବିକାଶର ସୋପାନ ସହିତ ସମ୍ବନ୍ଧିତ । କେତେକ ସମସ୍ୟା ବାଲ୍ୟ ଜୀବନରେ ସଂକଟ ଉପୁଜାଇବା ସ୍ଥଳେ ଅନ୍ୟ କେତେକ ଦୁରାବସ୍ଥା ଯୌବନ ସମୟରେ ବିପର୍ଯ୍ୟୟ ସୃଷ୍ଟି କରେ । ପୁଣି ଜୀବନର ବିଭିନ୍ନ କ୍ଷେତ୍ରକୁ ନେଇ କେତେକ ସଂକଟ ସୃଷ୍ଟି ହୋଇଥାଏ । ପରିବାରର କେତେକ ସମସ୍ୟା ବିଦ୍ୟାଳୟର ସମସ୍ୟାଠାରୁ ଭିନ୍ନ । ମାତ୍ର ମୃତ୍ୟୁ ଓ ମୃତ୍ୟୁ-ଚିନ୍ତନ ଏପରି ଏକ ସମସ୍ୟା ଯେ ତାହାର ପ୍ରଭାବ ଦେଶ କାଳ ଓ ବୟସର ସୀମା ଡେଇଁ ସମଗ୍ର ମାନସିକ ସତ୍ତାକୁ କବଳିତ କରିଥାଏ ।

ଅଳ୍ପ ବୟସର ଶିଶୁକୁ ବାଦ୍ ଦେଲେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁ ଚିନ୍ତାରେ ଅସ୍ଥିରତା ଅନୁଭବ କରନ୍ତି । ସ୍ୱପ୍ନ ଓ ଜାଗରଣ ସମୟରେ ମୃତ୍ୟୁ ଭୟ ଦିନଚର୍ଯ୍ୟାକୁ ଆକ୍ରାନ୍ତ କରେ । ଅନ୍ୟ ପକ୍ଷରେ ମୃତ୍ୟୁ ଚିନ୍ତନର କୁପ୍ରଭାବ ଏଡ଼ାଇ ଏ ସଂପର୍କୀୟ ମାନସିକତାକୁ ଠିକ୍ ଭାବରେ ପରିଚାଳନା କରିପାରୁଥିବା ବ୍ୟକ୍ତି ଯେ ସଫଳ ଜୀବନର ଅଧିକାରୀ, ଏଥିରେ ସନ୍ଦେହ ନାହିଁ ।

ଆମର ପରମ ସୌଭାଗ୍ୟ ଯେ ଏ ସମୟର ଜଣେ ବିଶ୍ୱବନ୍ଦିତ ସନ୍ଥ ଦାଦା ଜେ.ପି. ଭାସ୍ୱାନୀ ମନୁଷ୍ୟ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆମକୁ ସଚେତନ କରାଇଛନ୍ତି । ତାଙ୍କର ବାର୍ତ୍ତାସବୁର ମୂଳକେନ୍ଦ୍ର ତାତ୍ତ୍ୱିକ ହେଲେ ମଧ୍ୟ ଅଭିବ୍ୟକ୍ତିର ଶୈଳୀ ହେଉଛି ବ୍ୟାବହାରିକ । ପ୍ରୟୋଗାତ୍ମକ ଭାଷାରେ ସଫଳ ଜୀବନ ପାଇଁ ମାର୍ଗଦର୍ଶନ ଦେବାରେ ତାଙ୍କର ଶୈଳୀର ଅନନ୍ୟତା ରହିଛି ।

Digitized by srujanika@gmail.com

ମୃତ୍ୟୁ ସମ୍ପର୍କୀୟ ଭାବନା ଓ ଭୟର ରୂପରେଖ ଖୁବ୍ ଜଟିଳ । ଅକ୍ଟୋପାସର ବହୁ ପ୍ରସାରିତ ପଞ୍ଝା ପରି ଏହା ବ୍ୟକ୍ତିର ଦେହ ମନକୁ କାବୁ କରିଥାଏ । ଏହାର କବଳରୁ ଶକ୍ତି-ସାମର୍ଥ୍ୟହୀନ ମଣିଷକୁ ମୁକୁଳାଇବା ସହଜ କଥା ନୁହେଁ । ମାତ୍ର କ୍ଷୁଦ୍ର କଳେବରବିଶିଷ୍ଟ ଏକ ପୁସ୍ତକ ମାଧ୍ୟମରେ ଦାଦା ଜେ.ପି. ଭାସୱାନୀ ନକାରାତ୍ମକ ଭାବନା-ବିଷକୁ ନିଷ୍କ୍ରିୟ କରି ଜୀବାନୁଭୂତିର ଅମୃତତ୍ୱ ପ୍ରଦାନ କରିଛନ୍ତି ।

ପୁସ୍ତକଟିର ପ୍ରଥମ ଭାଗରେ ମୃତ୍ୟୁଭୟକୁ ଗଭୀର କରୁଥିବା ଅମୂଳକ ଧାରଣା ଉପରେ କୁଠାରାଘାତ କରାଯାଇଛି । ମୃତ୍ୟୁ ଯେ ଏକ ଦ୍ୱାର, ଏ ଦୃଷ୍ଟିଭଙ୍ଗୀକୁ ବଳବତ୍ତର କରାଯାଇଛି । ମୃତ୍ୟୁ ଯେ ଏକ ସୁଖଦ ନିଦ୍ରା, ଏ ଭାବନାକୁ ତୀବ୍ର କରାଯାଇଛି । ଜୀବନକୁ ଏକ ଧର୍ମଶାଳାର ରୂପକଳ୍ପ ଦେଇ ଜୀବନ ଓ ମୃତ୍ୟୁର ସମ୍ପର୍କକୁ ବୈଜ୍ଞାନିକ ରୂପରେଖ ଦିଆଯାଇଛି । ବିଭିନ୍ନ ଆଖ୍ୟାୟିକା ମାଧ୍ୟମରେ ଏବଂ ଅନେକ ବ୍ୟକ୍ତିଗତ ଘଟଣା ବର୍ଣ୍ଣନାର ଶୈଳୀ ମଧ୍ୟରେ ମୃତ୍ୟୁଭୟକୁ ଦୂର କରିବାର ମାର୍ଗଦର୍ଶନ ପ୍ରଦାନ କରିଯାଇଛି ।

ଏହା ଏକ ମନସ୍ତାତ୍ତ୍ୱିକ ସତ୍ୟ ଯେ ଅନେକ ସମୟରେ ନକାରାତ୍ମକ ଭାବନା ସହିତ ସଂଗ୍ରାମ କରିବାର ଫଳାଫଳ ସଫଳ ହୋଇଥାଏ । ଭୟ ବିରୁଦ୍ଧରେ ସଂଗ୍ରାମ କଲେ ଭୟର କାରଣ ହୁଏତ ଅଧିକ ଶକ୍ତିଶାଳୀ ହୋଇ ଉଠେ । ଗଭୀର ଅନ୍ତଃଦୃଷ୍ଟିସମ୍ପନ୍ନ ବିଶ୍ୱଗୁରୁ ଜେ.ପି. ଭାସୱାନୀ ଏପରି ସଂଭାବନା ସଂପର୍କରେ ଅବହିତ ରହି ମନୁଷ୍ୟ ମନରେ ସକାରାତ୍ମକ ମନୋବୃତ୍ତି ଗଠନର ପ୍ରୟାସ କରିଛନ୍ତି । ପୁସ୍ତକର ଦ୍ୱିତୀୟ ଭାଗରେ ସେ ମୃତ୍ୟୁର ଆର ପାରିରେ ଥିବା ପରିକଳ୍ପନାସବୁ ସହିତ ଶ୍ରଦ୍ଧାଳୁମାନଙ୍କୁ ପରିଚିତ କରାଇଛନ୍ତି ।

ମୃତ୍ୟୁ ସହିତ ମିତ୍ରତା ସ୍ଥାପନ ଏକ ଅନନ୍ୟ ଧରଣର ମନୋବୃତ୍ତି । ଏହା ଏକ ସକାରାତ୍ମକ ମନୋବୃତ୍ତି । ଏପରି ମନୋବୃତ୍ତିର ଗଠନ ପାଇଁ

Digitized by srujanika@gmail.com

ସେ କେବଳ ଆମର ପରମ୍ପରାଗତ ଶାସ୍ତ୍ର ପୁରାଣର କଥା ଉଲ୍ଲେଖ କରି ନାହାନ୍ତି । ଆଧୁନିକ ଜନଜୀବନରେ ବହୁ ଚର୍ଚ୍ଚିତ Dr. Raymond Moody ଙ୍କ 'Life After Life' ପୁସ୍ତକରେ କେତେକ ଅବିସ୍ମରଣୀୟ ଘଟଣାର ଅବତାରଣା କରିଛନ୍ତି । ଫ୍ରଏଡ୍ ଏବଂ ୟୁଙ୍ଗଙ୍କ ପରି ମନୋବିଜ୍ଞାନୀ ଏବଂ ଅନ୍ୟ କେତେକ ମନୋଚିକିତ୍ସକଙ୍କ ପର୍ଯ୍ୟବେକ୍ଷଣକୁ ଆଧାର କରି ଆମର ଅସ୍ମିତାଜାଗତ ମୃତ୍ୟୁଭୟକୁ ନିଷ୍କ୍ରିୟ କରାଯାଇଛି ।

ମୃତ୍ୟୁପର ସୂକ୍ଷ୍ମ ଜୀବନର ସ୍ୱରୂପ ଏବଂ ସ୍ୱର୍ଗ ଓ ନର୍କ ସମ୍ପର୍କରେ ଲୋକବିଶ୍ୱାସ ବହୁ ପରିମାଣରେ ଅସ୍ପଷ୍ଟ । ମାତ୍ର ଜ୍ଞାନପ୍ରବକ୍ତା ଜେ.ପି. ଭାସ୍ୱାନୀ ଖୁବ୍ ସରଳ ଓ ସାବଲୀଳ ଭଙ୍ଗୀରେ ମରଣୋତ୍ତର ସୂକ୍ଷ୍ମ ଶରୀର ସମ୍ପର୍କରେ ପ୍ରାଞ୍ଜଳ ଭାଷାରେ ବର୍ଣ୍ଣନା ଦେଇଛନ୍ତି । ନର୍କକୁ ଏକ ପାପ ଶୋଧନକାରୀ ସାମୟିକ ରହଣିସ୍ଥଳ ରୂପେ ବର୍ଣ୍ଣନା କରି ଆମର କିମ୍ଭୂତ କିମାକାର ଧାରଣାସବୁ ସେ ଦୂର କରିଛନ୍ତି । ସଂସ୍କାରମୁଖୀ ଜୀବନ ପାଇଁ ଅଭିଳାଷ ପୋଷଣ କରିଥିବା ପ୍ରତିଟି ବ୍ୟକ୍ତି ପାଇଁ ଏପରି ଚର୍ଚ୍ଚା ପ୍ରକୃତରେ ଚିର ସହାୟକ ।

ପୁସ୍ତକଟିର ଶେଷ ପର୍ଯ୍ୟାୟରେ ଆମ ମନରେ ଆଲୋଡ଼ନ ସୃଷ୍ଟି କରୁଥିବା କେତେକ ପ୍ରଶ୍ନର ଉତ୍ତର ଦିଆଯାଇଛି । ଜାତିସ୍ମର ସମ୍ପର୍କୀୟ ପ୍ରଶ୍ନ, ଜ୍ୟୋତିଷଶାସ୍ତ୍ରର ଗୁରୁତ୍ୱ, ଦୁର୍ଘଟଣାଜନିତ ମୃତ୍ୟୁ, ବିକଟ ଅପରାଧ ପାଇଁ ମୃତ୍ୟୁଦଣ୍ଡ ଏବଂ ଆତ୍ମହତ୍ୟା ପରି ଜଟିଳ ପ୍ରଶ୍ନ ବିଷୟରେ ସନ୍ଥଙ୍କର ମନ୍ତବ୍ୟ ଓ ପରାମର୍ଶ ସ୍ଥାନ ପାଇଛି । ବିଜ୍ଞ ଶିକ୍ଷକ ପାଖରେ ଜିଜ୍ଞାସୁ ଛାତ୍ରଛାତ୍ରୀଙ୍କୁ ସବୁବେଳେ ପ୍ରଶ୍ନ ପଚାରିବାକୁ ପଡ଼ି ନ ଥାଏ । ଦୂରଦ୍ରଷ୍ଟା ଗୁରୁ ସେସବୁର ସମ୍ଭାବନା ଦେଖି ପାରନ୍ତି । ସୁତରାଂ ସମାଧାନର ସୂତ୍ର ପୂର୍ବରୁ ଦେଇଦିଅନ୍ତି । ପ୍ରାତଃସ୍ମରଣୀୟ ଜେ.ପି. ଭାସ୍ୱାନୀ ଜଟିଳ ପ୍ରଶ୍ନସବୁର ପୂର୍ବାନୁମାନ କରି ସେଗୁଡ଼ିକ ସମ୍ପର୍କରେ ସୁଚିନ୍ତିତ ମତ ପ୍ରଦାନ କରିଛନ୍ତି ।

Digitized by srujanika@gmail.com

ପରିଶେଷରେ ଏକ ବିଶେଷ ତାତ୍ପର୍ଯ୍ୟ ସମ୍ପର୍କରେ ଧ୍ୟାନଶୀଳ ହେବାକୁ ପଡ଼ିବ । ଦାଦା ଭାସୱାନୀଙ୍କ ବାର୍ତ୍ତା ସମଗ୍ର ମନୁଷ୍ୟ ଜାତି ପ୍ରତି ଅଭିପ୍ରେତ ହେଲେ ମଧ୍ୟ ଏ ପୁସ୍ତକରେ ନିର୍ଘୋଷିତ ବାର୍ତ୍ତା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ମହୌଷଧିର କାର୍ଯ୍ୟ କରିବ । ସେ ଗୋଷ୍ଠୀଟି ହେଉଛି ଏଡ୍‌ସ୍, କ୍ୟାନସର ଏବଂ ସେହିପରି କିଛି ଦୁରାରୋଗ୍ୟ ସଂକ୍ରମଣର ଶିକାର ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବ୍ୟକ୍ତିସମୂହ । ମନୋବିଜ୍ଞାନୀମାନେ ଲକ୍ଷ୍ୟ କରିଛନ୍ତି ଯେ ଏପରି ଲୋକମାନେ ମୃତ୍ୟୁଭାବନା ଦେଇ ଗତି କରୁଥିବା ସମୟରେ ପାଞ୍ଚୋଟି ସୋପାନ ଦେଇ ଗତି କରନ୍ତି । ପ୍ରଥମେ ସେମାନେ ରୋଗର ସ୍ଥିତିକୁ ଅସ୍ୱୀକାର କରନ୍ତି । ଦ୍ୱିତୀୟ ସୋପାନରେ କ୍ରୋଧ ପ୍ରକାଶ କରନ୍ତି । ତୃତୀୟ ସୋପାନରେ ଦର କଷାକଷି କରନ୍ତି । ଦୀର୍ଘ ଦିନ ବଞ୍ଚି ରହିଲେ ଅବଶିଷ୍ଟ ଜୀବନକୁ ସକାରାତ୍ମକ ଭାବରେ ବିନିଯୋଗ କରିବାର ମନେମନେ ଶପଥ କରନ୍ତି । ପୁଣି ପର ସୋପାନରେ ବିଷାଦଗ୍ରସ୍ତ ହୋଇ ପଡ଼ନ୍ତି । ଅବଶ୍ୟ ଶେଷ ପର୍ଯ୍ୟାୟରେ ସ୍ୱୀକାର ମନୋଭାବ ପ୍ରକାଶ ପାଏ ।

ଗୋଟିଏ ସୋପାନରୁ ଅନ୍ୟ ସୋପାନକୁ ହୁଏତ ସଂଗ୍ରାମଶୀଳ ସବୁଲୋକ ଯାଆନ୍ତି । କିନ୍ତୁ କ୍ରୋଧ ଓ ବିଷାଦ ପରି ନକାରାତ୍ମକ ଆବେଗର ନିୟନ୍ତ୍ରଣ କରି ଜୀବନ ସମସ୍ୟାର ଉପଯୋଗୀ ସମାଧାନ ପାଇଁ ଦାଦା ଭାସୱାନୀଙ୍କ ପ୍ରଦର୍ଶିତ ପନ୍ଥା ଓ ଉପଦେଶ ମଲମ ସଦୃଶ । ଗ୍ରହଣଶୀଳତା ନେଇ ଜୀବନର ଦୁର୍ଦ୍ଦିନକୁ ସମ୍ଭାଳିବା ସଂଗେ ସଂଗେ ମାନସିକ ସ୍ଥିରତା ରକ୍ଷାରେ ଦାଦା ଭାସୱାନୀଙ୍କ ବାଣୀର ସାରମର୍ମ ଅତ୍ୟନ୍ତ ଉପାଦେୟ ।

ମୂଳ ପୁସ୍ତକର ସାରବତ୍ତାକୁ ଅକ୍ଷୁର୍ଣ୍ଣ ରଖି ଓଡ଼ିଆ ଭାଷାରେ ଭାବନା ଓ ଭାବର ଉପହାର ଦେବାପାଇଁ ଅନୁବାଦକ ଶ୍ରୀ ବ୍ରଜ କୁମାର ଶତପଥୀ ଅଭିନନ୍ଦନୀୟ ଉଦ୍ୟମ କରିଛନ୍ତି । ସରଳ ବାକ୍ୟ, ସୁବୋଧ୍ୟ ଭାଷା ଓ ମନୋରମ ଶୈଳୀର ଉପଯୋଗ ଓଡ଼ିଆ ଭାଷାନ୍ତରକୁ ମନୋଜ୍ଞ କରିଛି ।

Digitized by srujanika@gmail.com

ଅବଶ୍ୟ ଶ୍ରୀ ଶତପଥୀଙ୍କ କ୍ଷେତ୍ରରେ ଏପରି ଉଦ୍ୟମ ପ୍ରଥମ ନୁହେଁ । ଏହାପୂର୍ବରୁ ସେ ସନ୍ଥ ଜେ.ପି. ଭାସୱାନୀଙ୍କର ଏକାଧିକ ରଚନା ଓଡ଼ିଆରେ ଭାଷାନ୍ତର କରିଛନ୍ତି । ଓଡ଼ିଶାର ପାଠକମାଠିକା ଏବଂ ଭାସୱାନୀଙ୍କ ଚିନ୍ତାଧାରା ମଧ୍ୟରେ ସଂଯୋଗ ସେତୁ ନିର୍ମାଣ କରିବାର ପୂର୍ବ ଅଭିଜ୍ଞତା ଓ ସୁନ୍ଦର ଅନୁଭୂତି ପୁଣି ଥରେ ଏ ପୁସ୍ତକରେ ପ୍ରକଟନ ଲାଭ କରିଛି । ଶ୍ରୀଯୁକ୍ତ ଶତପଥୀଙ୍କର ଏପରି ସାଧୁ ଉଦ୍ୟମ ପାଇଁ ବିଶେଷ ଧନ୍ୟବାଦ ଜଣାଇବା ସଂଗେ ସଂଗେ ଅଧିକ ସାରସ୍ୱତ ସାଧନା ପାଇଁ ତାଙ୍କୁ ଆଶୀର୍ବାଦ ଦେବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ।

ଡଃ ଫକୀର ମୋହନ ସାହୁ
ରିସର୍ଚ୍ଚ ପ୍ରଫେସର
ଜାଭିୟର ମ୍ୟାନେଜମେଣ୍ଟ ସଂସ୍ଥା,
ଭୁବନେଶ୍ୱର

Digitized by srujanika@gmail.com

ସୂଚୀପତ୍ର

ପରିଚ୍ଛେଦ		ପୃଷ୍ଠା
୧	ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା	୯
୨	ମରଣ ହେଉଛି ସୁଖଦ ନିଦ୍ରା	୧୪
୩	ମୃତ୍ୟୁକୁ ଭୟ କାହିଁକି ?	୧୮
୪	ମୃତ୍ୟୁପରର ଜୀବନସତ୍ତା	୨୨
୫	ମୃତ୍ୟୁ ସହିତ ବନ୍ଧୁତା କରନ୍ତୁ	୨୭
୬	ତିନୋଟି ବ୍ୟାବହାରିକ ପ୍ରସ୍ତାବ	୩୩
୭	ମୃତ୍ୟୁର ଆରପାରିରେ	୩୯
୮	ଦିବଂଗତ ମୃତ ନୁହଁନ୍ତି	୪୫
୯	ମୃତ୍ୟୁ ପରର ଜୀବନ	୪୭
୧୦	ସୂକ୍ଷ୍ମ ପ୍ରତିରୂପ	୫୨
୧୧	ଚାନ୍ଦିର ଡୋରି	୫୪
୧୨	ପାରଲୌକିକ ଜଗତ	୫୭
୧୩	ତିନୋଟି ବ୍ୟାବହାରିକ ପରାମର୍ଶ	୬୩
୧୪	ସ୍ୱର୍ଗ ଏବଂ ନର୍କ	୬୭
୧୫	ପାରଲୌକିକ ସଂସାର	୭୧
୧୬	ନର୍କ ବୋଲି କିଛି ନାହିଁ	୭୫
୧୭	ସ୍ୱର୍ଗଲୋକ	୮୦
୧୮	ଦେବଲୋକ	୮୬
୧୯	ତିନୋଟି ଉପଯୋଗୀ ପରାମର୍ଶ	୮୮
୨୦	କେତୋଟି ପ୍ରଶ୍ନୋତ୍ତର	୯୪
୨୧	ଆତ୍ମା ସହିତ କଥାବାର୍ତ୍ତା	୧୦୦
୨୨	ଜ୍ୟୋତିଷଶାସ୍ତ୍ର ଏବଂ ମୃତ୍ୟୁ	୧୦୫
୨୩	ମୃତ୍ୟୁର ସର୍ବୋତ୍ତମ ରୂପ	୧୦୭
୨୪	ଦୁର୍ଘଟଣାରେ ମୃତ୍ୟୁ	୧୦୯
୨୫	ମୃତ୍ୟୁଦଣ୍ଡ	୧୧୧
୨୬	ଆତ୍ମହତ୍ୟା ମୃତ୍ୟୁ	୧୧୩
୨୭	ଆଲୋକ ତଥା ମୁକ୍ତିର ପଥ	୧୧୫

Digitized by srujanika@gmail.com

ପରିଚ୍ଛେଦ - ୧

ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା

କ'ଣ ଆପଣ କେବେ ନିଜକୁ ପ୍ରଶ୍ନ ପଚାରିଛନ୍ତି, ''ଏ ସଂସାରଟା କ'ଣ ? ଏହି ଯେଉଁ ଧରିତ୍ରୀ, ପୃଥିବୀ ଉପରେ ମୁଁ ଓ ଆପଣମାନେ ରହିଥାଉଁ, ଏହା କ'ଣ ?'' ଏହି ପ୍ରଶ୍ନର ଅନେକ ଉତ୍ତର ମିଳେ । ମୋତେ ଯେଉଁ ଉତ୍ତର ସବୁଠାରୁ ଅର୍ଥପୂର୍ଣ୍ଣ ଲାଗେ, ତାହା ହେଲା, ''ଏ ସଂସାର ଯାତ୍ରୀମାନଙ୍କର ଧର୍ମଶାଳା, ଧରିତ୍ରୀ ଗୋଟିଏ ଯାତ୍ରୀନିବାସ । ଆମେ ସମସ୍ତେ ଯାତ୍ରୀ । ଏଠାକୁ ଆମେ ଅଳ୍ପ ସମୟ ପାଇଁ ଆସିଅଛେ । ଆପଣ ହୁଏତ ଦୀର୍ଘ ଜୀବନଯାପନ କରନ୍ତି ତଥାପି କେତେ ଛୋଟ ! ଆପଣ ଶହେ ବର୍ଷର ବର୍ଷୀୟାନ ହୋଇ ପାରନ୍ତି, କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏପରି ଦିନ ନିଶ୍ଚୟ ଆସିବ ଯେଉଁଦିନ ସେ ନିଜର ପତ୍ନୀ ଓ ସନ୍ତାନସନ୍ତତି, ସାଙ୍ଗ-ସାଥି, ନିଜର ପ୍ରିୟଜନଙ୍କୁ, ନିଜର ଧନ-ସମ୍ପତ୍ତି, ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି ଏବଂ ନିଜର ଘରଦ୍ୱାର ଛାଡ଼ିଯିବାକୁ ହେବ । ନିଜର ପରିଶ୍ରମ-ସୃଷ୍ଟ ତଥା ହୃଦୟର ଗଭୀରତମ ଶ୍ରଦ୍ଧା ଓ ପ୍ରେମର ସହିତ ପରିଚାଳିତ ସଂସ୍ଥାସବୁକୁ 'ବିଦାୟ' କହି ମନୁଷ୍ୟ ଜୀବନର ରଙ୍ଗଭୂମିକୁ ଛାଡ଼ି ଚାଲିଯିବାକୁ ହେବ । ଏଠାରେ ମନୁଷ୍ୟ ଜଣେ ଯାତ୍ରୀ ମାତ୍ର ।''

ବଲ୍‌ଖର ରାଜାଙ୍କ ସମ୍ପର୍କରେ ଗୋଟିଏ ଛୋଟ ତଥା ଅର୍ଥପୂର୍ଣ୍ଣ କାହାଣୀ ଅଛି । ସେ ରାଜାଙ୍କର ନାମ ଇବ୍ରାହିମ ଏବଂ ସେ ଜଣେ ମହାନ୍ ରାଜା ଥିଲେ । ତାଙ୍କ ପାଖରେ ସଂସାରର ସମସ୍ତ ବସ୍ତୁ ଥିଲା । ସୁଖ, ଐଶ୍ୱର୍ଯ୍ୟ ତଥା କ୍ଷମତାର ସେ ପ୍ରଭୁ ଥିଲେ । କିନ୍ତୁ ତାଙ୍କର ଚିତ୍ତ ପ୍ରସନ୍ନ ନ ଥିଲା । ତାଙ୍କ ମନ ମଧ୍ୟରେ ଗୋଟିଏ ଅଭାବବୋଧ ରହିଥିଲା । ତାଙ୍କ ଆତ୍ମା ମଧ୍ୟରେ ଗୋଟିଏ ଜିଜ୍ଞାସା ଥିଲା । କିନ୍ତୁ କି ପ୍ରକାର ଜିଜ୍ଞାସା, ତାହା ସେ ବୁଝି ପାରୁ ନଥିଲେ ।

Digitized by srujanika@gmail.com

ଦିନେ ଅଚାନକ ଭାବରେ ଜଣେ ଅପରିଚିତ ଲୋକ ରାଜାଙ୍କ ଦରବାରରେ ଉପସ୍ଥିତ ହୋଇ ଚଟାଣ ଉପରେ ନିଜର ଆସନ ବିଛାଇ ତା' ଉପରେ ଶୋଇ ପଡ଼ିଲା । ତା' ଉପରେ ତଥା ତା'ର ଆଶ୍ଚର୍ଯ୍ୟଜନକ ଆଚରଣ ଉପରେ ରାଜାଙ୍କର ସ୍ୱାଭାବିକ କ୍ରୋଧଜାତ ହେଲା । ତାକୁ ରାଜା କହିଲେ, ''ତୁମେ ଏ ରାଜମହଲକୁ କ'ଣ ବୋଲି ଭାବୁଛ ?''

ଅପରିଚିତ ବ୍ୟକ୍ତିଟି ଶାନ୍ତ ଭାବରେ କହିଲା, ''ମୁଁ ଭାବିଲି ଯେ ଏହା ଗୋଟିଏ ଯାତ୍ରୀନିବାସ ।''

ରାଜା ପଚାରିଲେ, ''ମୋର ଏ ରାଜପ୍ରାସାଦକୁ ଯାତ୍ରୀନିବାସ ବୋଲି କହିବାର ଅଭିପ୍ରାୟ କ'ଣ ?''

ସେହି ଅପରିଚିତ ବ୍ୟକ୍ତିଟି କହିଲା, ''ମହାରାଜ ! ଦୟାକରି ମୋ ଉପରେ କ୍ରୋଧ କରନ୍ତୁ ନାହିଁ ଏବଂ ମୋର ପ୍ରଶ୍ନର ଉତ୍ତର ଦିଅନ୍ତୁ । ଆପଣ କୁହନ୍ତୁ, ଆପଣ ଏଠାରେ ରହିବା ପୂର୍ବରୁ ଆଉ କିଏ ରହୁଥିଲେ ?''

ରାଜା କହିଲେ, ''ମୋ ପୂର୍ବରୁ ମୋର ପିତା ଏଠାରେ ରହୁଥିଲେ ।''

''ଆପଣଙ୍କ ପିତା ଏବେ କେଉଁଠି ଅଛନ୍ତି ?'' ଅପରିଚିତ ବ୍ୟକ୍ତିଟି ପଚାରିଲା ।

ରାଜା କହିଲେ, '' ତାଙ୍କର ସ୍ୱର୍ଗପ୍ରାପ୍ତି ହୋଇଗଲାଣି ।''

''ଆପଣଙ୍କ ପିତାଙ୍କ ପୂର୍ବରୁ ଏ ରାଜମହଲରେ କିଏ ରହୁଥିଲେ ?''

ରାଜା ଜବାବ ଦେଲେ, ''ମୋ ପିତାଙ୍କ ପୂର୍ବରୁ ମୋର ଜେଜେବାପା ଏଠାରେ ରହୁଥିଲେ ।''

''ଆପଣଙ୍କ ଜେଜେବାପା ଏବେ କେଉଁଠାରେ ?'' – ବ୍ୟକ୍ତିଟି ପଚାରିଲା ।

Digitized by srujanika@gmail.com

ରାଜା କହିଲେ, ''ତାଙ୍କର ମଧ୍ୟ ସ୍ୱର୍ଗପ୍ରାପ୍ତି ହୋଇଗଲାଣି ।''

''ଏବଂ ଆପଣଙ୍କ ଜେଜେବାପାଙ୍କ ପୂର୍ବରୁ ଏଠାରେ କିଏ ରହୁଥିଲେ ?''

ରାଜା କହିଲେ, ''ମୋ ଅଣଜେଜେବାପା ରହୁଥିଲେ ।''

''ଆପଣଙ୍କ ଅଣଜେଜେବାପା ଏବେ କେଉଁଠାରେ ।''

ରାଜା ପୁଣି ଉତ୍ତର ଦେଲେ, ''ମୋର ଅଣଜେଜେବାପା ମଧ୍ୟ ସ୍ୱର୍ଗବାସୀ ହୋଇ ଗଲେଣି ।''

ଅପରିଚିତ ବ୍ୟକ୍ତି ଜଣକ କହିଲେ, ''ତେବେତ ନିଶ୍ଚିତ ଭାବରେ ଏହା ଗୋଟିଏ ଯାତ୍ରୀନିବାସ । କାରଣ ଜଣକ ପରେ ଜଣେ ଲୋକ ଏଠାକୁ ଆସନ୍ତି, କିଛି ସମୟ ପାଇଁ ଏଠାରେ ରହନ୍ତି ଏବଂ ପୁଣି ଚାଲିଯାଆନ୍ତି । ମହାରାଜ ! ଆପଣଙ୍କୁ ମଧ୍ୟ ଦିନେ ଏଠାରୁ ଚାଲିଯିବାକୁ ହେବ ।'' ଏତକ କହି ଅପରିଚିତ ଲୋକଟି ଯେପରି ଆସିଥିଲା ସେପରି ଚାଲିଗଲା ।

ସେହି ଅପରିଚିତ ବ୍ୟକ୍ତିଟିର ପ୍ରତିଟି ଶବ୍ଦ ରାଜାଙ୍କ କାନରେ ବହୁତ ସମୟ ପର୍ଯ୍ୟନ୍ତ ଗୁଞ୍ଜରିତ ହୋଇ ରହିଲା । ସେ ନିଜକୁ ନିଜେ କହିଲେ, ''ଏହା ରାଜମହଲ ନୁହେଁ, କିନ୍ତୁ ଯାତ୍ରୀନିବାସ ।'' ନିଃସନ୍ଦେହ ଯେ ସାରା ସଂସାର ମଧ୍ୟ ଗୋଟିଏ ଯାତ୍ରୀନିବାସ । ପ୍ରତିଦିନ ବହୁତ ଲୋକ ଜନ୍ମ ନିଅନ୍ତି, ବହୁତ ଲୋକ ମଧ୍ୟ ମରନ୍ତି । ଏହି ପୃଥିବୀ ଆମର ଘର ନୁହେଁ । ତେବେ ଆମର ପ୍ରକୃତ ଘର କେଉଁଠାରେ ? ସେହି ଘରକୁ ଛାଡ଼ି ଆମେ କୌଣସି ବିଶେଷ କାର୍ଯ୍ୟ ପାଇଁ ଏହି ପୃଥିବୀକୁ ଆସିଛେ । ଓଃ ! ଆମେ ନିଜର ଲକ୍ଷ୍ୟ ଭୁଲି ଯାଇଛୁ ଏବଂ ଖୁସି, ସମୃଦ୍ଧି ଏବଂ କ୍ଷମତାର ସୁଖ ପଛରେ ଦଉଡୁଛୁ । ରାଜାଙ୍କ ମନରେ ଏପରି ଅନେକ ବିଚାର ଆସିବାକୁ ଲାଗିଲା । କେବେ କେବେ ଅଧ ରାତିରେ ଉଠି ରାଜା ନିଜେ ନିଜକୁ ପ୍ରଶ୍ନ କରିବାକୁ ଲାଗିଲେ। ମୋର

Digitized by srujanika@gmail.com

ଏହି ପୃଥିବୀକୁ ଆସିବାର ଉଦ୍ଦେଶ୍ୟ କ'ଣ ? ମୁଁ ଏଠାକୁ କ'ଣ ପାଇଁ ଆସିଛି ? ଦିନେ ରାତିରେ ସେ ଏକ ଆକାଶବାଣୀ ଶୁଣିଲେ, ''ହେ ମହାରାଜ ! ଯଦି ଆପଣ ନିଜ ପ୍ରଶ୍ନର ଉତ୍ତର ଜାଣିବାକୁ ଚାହୁଁଛନ୍ତି, ତେବେ ତ୍ୟାଗ କରନ୍ତୁ, ତ୍ୟାଗ କରନ୍ତୁ ।'' ରାଜା ନିଜର ରାଜ୍ୟ ତ୍ୟାଗ କରିଦେଲେ, ରାଜସିଂହାସନ ଛାଡ଼ିଲେ । ବୁଦ୍ଧଙ୍କ ପରି ନିଜର ରାଜପରିଧାନ ମଧ୍ୟ ତ୍ୟାଗ କରିଦେଲେ ଓ ଜଣେ ଫକୀରଙ୍କ ପରି ବସ୍ତ୍ର ପରିଧାନ କଲେ । ଜଣେ ପରିବ୍ରାଜକ ଭିକ୍ଷୁଙ୍କର ପୋଷାକ ପିନ୍ଧିଲେ । ଫକୀର ବେଶ ଧାରଣ କରି ସେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବିଚରଣ କରିବାକୁ ଲାଗିଲେ । ତାଙ୍କ ଅନ୍ତଃମନରେ ଏହି ପ୍ରଶ୍ନ ଉଠିଲା, ''ଜୀବନର ଏହି ଅନ୍ତହୀନ ଯାତ୍ରାର ରହସ୍ୟ କ'ଣ ? ଜୀବନ କ'ଣ ? ଆଉ ମୃତ୍ୟୁ କ'ଣ ?''

ଶୁଣାଯାଏ ଯେ ସେ ଭାରତ ଆସିଲେ କୌଣସି ସନ୍ଥଙ୍କ ସହିତ ସମୟ କଟାନ୍ତି ।

ରାଜାଙ୍କ ହୃଦୟକୁ ଆଲୋଡ଼ିତ କରିଥିବା ଏହି କାହାଣୀ ମୁଁ କେବଳ ଆପଣମାନଙ୍କ ସମୟ କାଟିବା ପାଇଁ କହିନାହିଁ । ମୁଁ ଆପଣଙ୍କୁ କେବଳ କହିବାକୁ ଚାହୁଁଛି ଯେ ରାଜାଙ୍କ ମନରେ ଚେତନା ଆସିଲା । ସେତେବେଳେ ତାଙ୍କର ଜ୍ଞାନ ହେଲା ଯେ ଏହି ସଂସାର ଗୋଟିଏ ଧର୍ମଶାଳା, ଗୋଟିଏ ଯାତ୍ରୀନିବାସ । ଆମେ ସମସ୍ତେ ଯାତ୍ରୀ । ଏହି ପୃଥିବୀ ଉପରେ ଆମର ରହଣି ମଧ୍ୟ କିଛି ସମୟ ପାଇଁ । ଆମେ ଏହି ପୃଥିବୀ ଉପରକୁ ଆସୁଛେ ଏବଂ ଦିନେ ନା ଦିନେ ଏହାକୁ ଛାଡ଼ି ଚାଲିଯିବାକୁ ହେବ ।

ମୁଲତାନରେ ଫରିଦ ନାମକ ଜଣେ ସନ୍ଥ ଥିଲେ । ତାଙ୍କଦ୍ୱାରା ରଚିତ ତଥା ଗାୟନ କରାଯାଇଥିବା ଅନେକ ସୁନ୍ଦର ଗୀତ ଆଜି ମଧ୍ୟ ଅନେକଙ୍କ ଘରେ ବୋଲାଯାଏ । ସେ ଗୋଟିଏ ଗୀତରେ କହିଛନ୍ତି - ''ଫରିଦା ! ବାବା

Digitized by srujanika@gmail.com

ଗୟା, ଦାଦା ଗୟା, ତୁଭି ଚଲଣ ହାର, ପିଛେ ଯୋ ରହଗୟେ ଲଡ଼କେ ଉନକାଭି ଚଲଣା ପାର !''

''ଓଃ ! ଫରିଦ, ତୋର ପିତା, ତୋର ବଡ଼ ଭାଇ ତ ଆଗରୁ ଚାଲି ଯାଇଛନ୍ତି । ଅତିଶୀଘ୍ର ତୋର ପାଳି ପଡ଼ିବ । ପଛରେ ରହିଯାଇଥିବା ପିଲାମାନଙ୍କୁ ମଧ୍ୟ ଦିନେ ଯିବାକୁ ପଡ଼ିବ ।''

ଏହି ପୃଥିବୀରେ କେହି ବି ସବୁକାଳ ପାଇଁ ରହିନାହିଁ । ପୃଥିବୀକୁ ଛାଡ଼ି ଯିବାକୁ ଆମେ ''ମୃତ୍ୟୁ'' ବୋଲି କହୁ । ପୃଥିବୀକୁ ଆସିବାକୁ ''ଜନ୍ମ'' ବୋଲି କହୁ । ମୃତ୍ୟୁ ଏକ ସ୍ୱାଭାବିକ ପ୍ରାକୃତିକ ପ୍ରକ୍ରିୟା । ଯିଏ ଜନ୍ମ ନେଇଛି, ତା'ର ମୃତ୍ୟୁ ନିଶ୍ଚିତ । ତଥାପି ଆମର ମୃତ୍ୟୁକୁ ଏତେ ଡର କାହିଁକି ?

***

Digitized by srujanika@gmail.com

পরিচ্ছেদ - ২

ମରଣ ହେଉଛି ସୁଖଦ ନିଦ୍ରା

ଜଣେ ଭଉଣୀ ମୋତେ କହିଲେ, ''ମୁଁ ମୃତ୍ୟୁ ବିଷୟରେ ଭାବିଲେ, ମୋର ଶରୀର ଭୟରେ କମ୍ପି ଉଠୁଛି ।'' ମୁଁ ଜାଣେ ଯେ ଆମ ମଧ୍ୟରୁ କେତେକ ଲୋକ ମୃତ୍ୟୁକୁ ଭୟ କରନ୍ତି । ଆପଣଙ୍କ ପାଖରେ ଗୋଟିଏ ବିଚାର ପ୍ରଥମେ ରଖିବାକୁ ଚାହୁଁଛି । ତାହା ହେଲା, ଆମେ ମୃତ୍ୟୁକୁ ଭୟ କରିବା ଅନୁଚିତ୍ । ମୃତ୍ୟୁ ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା । ମୃତ୍ୟୁ ଗୋଟିଏ ଆନନ୍ଦଦାୟକ ଅନୁଭବ ମଧ୍ୟ । ମୃତ୍ୟୁ କେବଳ ନିଦ୍ରା ସହିତ ସମାନ ।

ଆମର ପ୍ରତିଦିନର ଅନୁଭବ ମଧ୍ୟରୁ ''ନିଦ୍ରା'' ସବୁଠାରୁ ସୁଖଦାୟକ ଅନୁଭବ । ନିଦ୍ରା ପରି ଆଉ କିଛି ମଧୁର ନାହିଁ । ଗଭୀର ଦୃଷ୍ଟିସମ୍ପନ୍ନ ଟେନିସନ୍ ନିଜ ପୁସ୍ତକ In Memoriam ରେ କହିଛନ୍ତି, ''ନିଦ୍ରା ହେଉଛି ମତ୍ୟୁର ଜାଆଁଳା ଭାଇ ।'' ତେଣୁ ମୃତ୍ୟୁ ଶୋଇପଡ଼ିବା ସହିତ ସମାନ । ଗୋଟିଏ ସ୍ୱାଭାବିକ ପ୍ରକିୟା ମଧ୍ୟ । ଏହି ମୃତ୍ୟୁକୁ ଭୟ କରିବାର କାରଣ କ'ଣ ?

ଆତ୍ମିକ ଜଗତରୁ ଆସିଥିବା ଅନେକ ବାର୍ତ୍ତାରୁ ଜଣାଯାଏ ଯେ ମୃତ୍ୟୁ ସମ୍ପୂର୍ଣ୍ଣଭାବରେ ଯନ୍ତ୍ରଣାରହିତ । ମୃତ୍ୟୁ ପୂର୍ବରୁ ବ୍ୟକ୍ତି କୌଣସି ଦୁରୁହ ରୋଗ କାରଣରୁ ଯେତେ ଶାରୀରିକ ଯନ୍ତ୍ରଣା ଭୋଗକଲେ ମଧ୍ୟ ମୃତ୍ୟୁର କିଛି କ୍ଷଣ ପୂର୍ବରୁ ସମସ୍ତ ଯନ୍ତ୍ରଣା ଦୂର ହୋଇଯାଏ ଏବଂ ନିଜ ଜୀବନର ସର୍ବୋତ୍କୃଷ୍ଟ ସୁଖଦ ସ୍ମୃତିକୁ ପ୍ରତ୍ୟକ୍ଷ ଅନୁଭବ କରେ । କୁହାଯାଇଛି ବ୍ୟକ୍ତି ମୃତ୍ୟୁ ପରେ ମଧ୍ୟ ମୃତ୍ୟୁ ପୂର୍ବ ସ୍ଥିତିରେ ରହେ । ସେ ଅପରିବର୍ତ୍ତିତ ରହେ । ସମସ୍ତ ଚାରିତ୍ରିକ ବିଶେଷତ୍ୱ ତଥା ବିଚାରଧାରା, ତା'ର ଭାବନା, ସବୁ ଇଚ୍ଛା, ସବୁ ସ୍ମୃତି ସେହିପରି ରହିଥାଏ । ସେଗୁଡ଼ିକ ବଦଳେ ନାହିଁ ।

Digitized by srujanika@gmail.com

ଥରେ ଗୋଟିଏ ଆତ୍ମା କହିଥିଲା, "ମୋତେ କେବଳ ଏତିକି ମାତ୍ର ପରିବର୍ତ୍ତନ ଲାଗୁଛି । ସମ୍ଭବତଃ ସାପକୁ ନିଜ ଖୋଳପା ବଦଳାଇବାରେ ଯେତିକି ପରିବର୍ତ୍ତନ ଲାଗେ ।" ସେ ନିଜର ନୂଆ ଚମଡ଼ା ସହିତ ଜୀବିତ ରହେ, ସେ କେବଳ ନିଜର ପୁରୁଣା ଚମଡ଼ା କାଢ଼ିଦେଇ ନୂଆ ଚମଡ଼ା ପିନ୍ଧିଥାଏ ।

ମୃତ୍ୟୁରେ ମଧ୍ୟ ମନୁଷ୍ୟ କ୍ଷେତ୍ରରେ ଏହାହିଁ ହୋଇଥାଏ । ସେ ନିଜର ବାହ୍ୟ ଶରୀର ତ୍ୟାଗ କରେ । ବର୍ତ୍ତମାନ ଆମ ସମସ୍ତଙ୍କର ଗୋଟିଏରୁ ଅଧିକ ଶରୀର ଅଛି । ଗୋଟିଏ ଉଦାହରଣରୁ ଆପଣମାନେ ଏହାକୁ ସହଜରେ ବୁଝି ପାରିବେ । ଜଣେ ବ୍ୟକ୍ତି ଗୋଟିଏ ସାର୍ଟ ପିନ୍ଧେ, ସାର୍ଟ ଉପରେ ଗୋଟିଏ କୋଟ୍ ପିନ୍ଧେ ତଥା ଥଣ୍ଡାରୁ ମୁକ୍ତି ପାଇବା ପାଇଁ ଗୋଟିଏ ଓଭରକୋଟ୍ ପିନ୍ଧେ । ସେହି ବ୍ୟକ୍ତି ଯେତେବେଳେ ଓଭରକୋଟ୍ କାଢ଼ିଦିଏ, ସେହି ସମାନ ବ୍ୟକ୍ତିହିଁ ଥାଏ । ଓଭରକୋଟ୍ କାଢ଼ିଲାପରେ ଆମେ କେବଳ କୋଟ୍‌ପିନ୍ଧା ବ୍ୟକ୍ତିକୁ ହିଁ ଦେଖିଥାଉଁ ।

ମୃତ୍ୟୁରେ ମନୁଷ୍ୟ ସହିତ ଏହାହିଁ ହୋଇଥାଏ । ସେ କେବଳ ନିଜର ଓଭରକୋଟ୍ କାଢ଼ିଦିଏ । ଏହାକୁ ଆମେ ଭୌତିକ ଶରୀର ବୋଲି କହିଥାଉଁ । ପରିଶେଷରେ ଏହାକୁ ମୁଁ ଏକ "ଅଲୌକିକ" (ପରାଭୌତିକ) ଶରୀର ବୋଲି କହିବି । ବ୍ୟକ୍ତି ସେଇଥିରେ ହିଁ ରହିଯାଇଥାଏ । ବ୍ୟକ୍ତି ସେହି ଏକାପରି ରହେ । ମୋ ଶାଲ୍ କାଢ଼ିଦେଇ କେବଳ ସାର୍ଟ ପିନ୍ଧିଲେ ମଧ୍ୟ ମୁଁ ସେହି ସମାନ ବ୍ୟକ୍ତି ।

ମଣିଷ ମରେ ନାହିଁ, କେବଳ ନିଜର ଭୌତିକ ଶରୀର ତ୍ୟାଗ କରିଦିଏ । ଏହାକୁ ଏହିପରି କୁହାଯାଇପାରେ ଯେ ତା'ର ଶରୀରର ମୃତ୍ୟୁ ହୋଇଯାଇଛି । ବ୍ୟକ୍ତି ମରେ ନାହିଁ, ମରି ପାରିବ ନାହିଁ ।

ଆତ୍ମା ଜଗତର ବହୁ ସୂଚନା ବା ଜ୍ଞାନ ମିଳେ । ଜଣାଯାଏ ଯେ ଆତ୍ମା ଭୌତିକ ଶରୀର ତ୍ୟାଗ କଲେ ମଧ୍ୟ ସେ ନିଜର ବନ୍ଧୁବାନ୍ଧବ, ପରିବାରର

Digitized by srujanika@gmail.com

ସଦସ୍ୟମାନଙ୍କୁ ଦେଖିପାରୁଥାଏ ଏବଂ ସେ ସମସ୍ତଙ୍କୁ କାନ୍ଦୁଥିବାର ଦେଖି ଅତ୍ୟଧିକ ଦୁଃଖୀ ହୋଇଥାଏ । ସେ ସେମାନଙ୍କୁ କହିବାକୁ ଓ ଜଣାଇବାକୁ ଚାହୁଁଥାଏ ଯେ ତା'ର ମୃତ୍ୟୁ ହୋଇ ନାହିଁ । ସେ ସେମାନଙ୍କ ପାଖକୁ ଆସେ ଓ କାନରେ କହେ, ''ତୁମେ କାହିଁକି ଭାବୁଛ ଯେ ମୁଁ ମରିଯାଇଛି । ମୁଁ ମଧ୍ୟ ତୁମ ସମସ୍ତଙ୍କ ପରି ପୂର୍ଣ୍ଣରୂପରେ ଜୀବିତ ଅଛି ।'' ସେ ଆସି ସମସ୍ତଙ୍କୁ ସ୍ପର୍ଶ କରେ ଓ ସାନ୍ତ୍ୱନା ଦିଏ । ବର୍ତ୍ତମାନ ନିଜର ଭୌତିକ ଶରୀର ନଥିବାରୁ ସେ କାହାକୁ ଦିଶେ ନାହିଁ । କିଛି ସମୟ ମଧ୍ୟରେ ସେ ଅନୁଭବ କରେ ଯେ ତା'ର ଚେଷ୍ଟା ନିରର୍ଥକ, କାରଣ ତା'ର ସୂକ୍ଷ୍ମ ହାତର ସ୍ପର୍ଶ ବନ୍ଧୁମାନେ ଅନୁଭବ କରି ପାରୁନାହାନ୍ତି ।

ମୃତ୍ୟୁଜନିତ ଶୋକାକୁଳ ସ୍ଥାନକୁ ମୋତେ ଡକାଗଲେ ମୁଁ କହିଥାଏ, ''କାନ୍ଦ ନାହିଁ ! ଲୁହ ବୁହାଅ ନାହିଁ । ନିଜ ପ୍ରିୟଜନଙ୍କ ପାଇଁ ଶୋକ କରନାହିଁ କାରଣ ସେ ମରିନାହାନ୍ତି । ସେ ବର୍ତ୍ତମାନ ସେହି ମୃତ୍ୟୁହୀନ ଜୀବନରେ ଅଛନ୍ତି । ଆପଣମାନେ ନିଜର ପ୍ରିୟଜନଙ୍କ ପାଇଁ କ୍ରନ୍ଦନ କଲେ ତାଙ୍କୁ ଆପଣ ଦୁଃଖ ଦିଅନ୍ତି । ଆମେ ତାଙ୍କପାଇଁ ଯେତେ ଅଧିକ ଶୋକ କରିବା, ତାଙ୍କୁ ଜାବୁଡ଼ି ଧରିବା, ସେତେ ଅଧିକ ତାଙ୍କର 'ଅନ୍ୟ ଜଗତ' କୁ ଯିବାର ରାସ୍ତାରେ ବାଧା ସୃଷ୍ଟି କରିବା । ଆମେ ତାଙ୍କୁ ଜାବୁଡ଼ି ଧରିବା ଉଚିତ୍ ନୁହେଁ । ଏବେ ତାଙ୍କ ମୁକ୍ତ କରିବାକୁ ହେବ । ଏହାଦ୍ୱାରା ସେ ନିଜର ନୂତନ ଯାତ୍ରା ପଥରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହେବେ । ତାଙ୍କୁ ଆମର ପ୍ରାର୍ଥନାରେ ପ୍ରତିଦିନ ସ୍ମରଣ କରିବା ଓ ପ୍ରତିଦିନ ତାଙ୍କ ନାମରେ କିଛି ସେବାକାର୍ଯ୍ୟ କରିବା । ସେଥିରେ ସେ ଧନ୍ୟ ହେବେ ଏବଂ ତାଙ୍କର ନୂତନ ଯାତ୍ରାରେ ସହଯୋଗ ମିଳିବ ।''

ମୃତ୍ୟୁର ଠିକ୍ ପରେ ପରେ ମନୁଷ୍ୟ ନିଜର ଚତୁର୍ଦ୍ଦିଗକୁ ଦେଖେ ଓ ଚିରପରିଚିତ ନିଜ ''ଘରକୁ ଦେଖେ ।'' ନିଜ ପ୍ରିୟ ବନ୍ଧୁବାନ୍ଧବମାନଙ୍କଦ୍ୱାରା

Digitized by srujanika@gmail.com

ପରିବେଷ୍ଟିତ ମାଟି ଉପରେ ପଡ଼ିଥିବା ଭୌତିକ ଶରୀରକୁ ଦେଖେ । ଧୀରେ ଧୀରେ ତାଙ୍କର ଅନୁଭବ ହୁଏ ଯେ ସେ ନିଜେ ଓ ନିଜର ପ୍ରିୟଜନଙ୍କ ମଧ୍ୟରେ କିଛିଟା ପାର୍ଥକ୍ୟ ଅଛି । ସେ ମଧ୍ୟ ଶୀଘ୍ର ଜାଣିଯାଆନ୍ତି ଯେ ସେହି ''ପାର୍ଥକ୍ୟ'' ଯୋଗୁ ତାଙ୍କୁ କୌଣସି ଯନ୍ତ୍ରଣା କିମ୍ୱା ଅବଶତା ଅନୁଭବ ହେଉନାହିଁ । ସୂକ୍ଷ୍ମ ଶରୀରକୁ କୌଣସି ପ୍ରକାର କ୍ଷୁଧା କିମ୍ୱା ଯନ୍ତ୍ରଣା ଅନୁଭବ ହୁଏ ନାହିଁ କି କୌଣସି ନିଦ୍ରାର ଆବଶ୍ୟକତା ପଡ଼େନାହିଁ । ମୃତ୍ୟୁରେ ମନୁଷ୍ୟ ନିଜର ଭୌତିକ ଶରୀର ତ୍ୟାଗ କରିଦିଏ ତଥା ସୂକ୍ଷ୍ମ ଶରୀରରେ ରହିଥାଏ । କିନ୍ତୁ ତା'ର ବିଚାର, ଇଚ୍ଛା, ଭାବନା ତଥା ଆକାଂକ୍ଷା ଏବଂ ସ୍ମୃତିସବୁ ପୂର୍ବବତ୍ ରହିଥାଏ । ପ୍ରତ୍ୟେକ ଦୃଷ୍ଟିକୋଣରୁ ସେ ସେହି ପୂର୍ବ ବ୍ୟକ୍ତିଟି ହୋଇ ରହିଥାଏ କେବଳ ଭୌତିକ ଶରୀରକୁ ଛାଡ଼ି ।

* * *

Digitized by srujanika@gmail.com

ମୃତ୍ୟୁକୁ ଭୟ କାହିଁକି ?

"ମୃତ୍ୟୁ ପରେ ଆମର ଜୀବନ କିପରି ରୂପ ନେବ ?" ଏହା ଚିନ୍ତା କରିବା ପୂର୍ବରୁ ଆମକୁ ଜାଣିବାକୁ ହେବ ଯେ ପ୍ରକୃତରେ ମୃତ୍ୟୁଟି କ'ଣ ? କାରଣ ଆମକୁ ସମ୍ପୂର୍ଣ୍ଣ ଭାବରେ ଜଣାନାହିଁ ଯେ ମୃତ୍ୟୁର ସ୍ୱରୂପ କ'ଣ ? ତଥାପି ଆମେ ମୃତ୍ୟୁ ପାଇଁ ଭୟଭୀତ । ଆମକୁ ପ୍ରଥମେ ମୃତ୍ୟୁକୁ ଜାଣିବାକୁ ପଡ଼ିବ ଏବଂ ମୃତ୍ୟୁ ବିଷୟରେ ସମସ୍ତ ଭୟ ତ୍ୟାଗ କରିବାକୁ ପଡ଼ିବ ।

ପ୍ରସିଦ୍ଧ ଦାର୍ଶନିକ ବେକନ କହନ୍ତି, "ପିଲାମାନେ ଅନ୍ଧାରକୁ ଡରିଲାପରି ବ୍ୟକ୍ତି ମୃତ୍ୟୁକୁ ଭୟ କରେ । ଆମେ 'ଅଜ୍ଞାତ' ବିଷୟକୁ ଭୟକରୁ । ମୃତ୍ୟୁ ସମୟରେ ଆମର କ'ଣ ହେବ ସେ ବିଷୟରେ ଆମର ଜ୍ଞାନ ନାହିଁ । ମୃତ୍ୟୁ ଆମ ଶରୀର ଉପରେ ତା'ର ଥଣ୍ଡା ହାତ ରଖିଲେ ଆମର ଦଶା କ'ଣ ହେବ ତାହା ମଧ୍ୟ ଜାଣିନାହୁଁ । ଆମେ ଆମର କଳ୍ପନାରେ ମୃତ୍ୟୁଦେବତାର କଳା ତଥା କ୍ରୁର ସ୍ୱରୂପକୁ ଦେଖୁ । ଆମକୁ ଦଉଡ଼ିରେ ବାନ୍ଧିନେବ ବୋଲି କଳ୍ପନା କରୁ । ସମଗ୍ର ବିଶ୍ୱ ମୃତ୍ୟୁଭୟରେ ଭୟଭୀତ । ପ୍ରତ୍ୟେକଙ୍କର ଜାଣିବାକୁ ଇଚ୍ଛାଥାଏ ଯେ ମୃତ୍ୟୁର 'ଆରପାରି' ରେ କ'ଣ ହେବ, କିନ୍ତୁ ମୃତ୍ୟୁ ବରଣ କରିବାକୁ କେହି ପ୍ରସ୍ତୁତ ନୁହେଁ । ଆମେ ସମସ୍ତେ ଯେଉଁ ବସ୍ତୁଠାରୁ ରକ୍ଷାପାଇବାକୁ ଚାହଁ, ତାହା ହେଉଛି ମୃତ୍ୟୁ । ପ୍ରଖର ସୁଖରେ ଭାସୁଥିବା ଲୋକ ମରିବା ଚାହେଁନାହିଁ । ଅତି ଦୁଃଖ କଷ୍ଟ ଭୋଗ କରୁଥିବା ବ୍ୟକ୍ତି ମଧ ମରିବାକୁ ଚାହେଁନାହିଁ ।"

କିଛି ବର୍ଷ ପୂର୍ବେ ଜଣେ ମହିଳା ମୋ ପାଖକୁ ଆସିଥିଲେ । ତାଙ୍କର ଭୟାନକ ତଥା ଅସାଧ୍ୟ ରୋଗ ଥିଲା । ତାଙ୍କୁ ନିଜର ଭାଇବନ୍ଧୁ ସମସ୍ତେ ପରିତ୍ୟାଗ କରିଥିଲେ । ତାଙ୍କର ଦେଖାଶୁଣା କରିବାକୁ କେହି ନ ଥିଲେ ।

Digitized by srujanika@gmail.com

ଲୋତକପୂର୍ଣ୍ଣ ଆଖିରେ ସେ ତାଙ୍କର କଷ୍ଟକର କାହାଣୀ ଶୁଣାଇଲେ । ସେ କହିଲେ "ମୁଁ ମରିଯାଆନ୍ତି କି ଭଲ ହୁଅନ୍ତା ! ଆଉ ଅଧିକ ବଞ୍ଚିବାର ଇଚ୍ଛା ନାହିଁ ।"

ମୁଁ ତାଙ୍କୁ କହିଲି, "ମା' ! ପ୍ରକୃତରେ ଆପଣ କ'ଣ ମରିବାକୁ ଚାହୁଁଛନ୍ତି ?" ସେ କହିଲେ, "ଯଦି ମୃତ୍ୟୁ ଆସିବ, ତେବେ ମୁଁ ଦୁଇହାତ ବଢ଼ାଇ ସ୍ୱାଗତ କରିବି ।" ତାଙ୍କୁ ପରୀକ୍ଷା କରିବା ପାଇଁ ମୁଁ ଏକ ସାଧାରଣ ପାଉଡ଼ର ଦେଲି ଏବଂ କହିଲି, "ମା' ! ଏ ପାଉଡ଼ର ନେଇଯାଆନ୍ତୁ । ଯଦି ଈଶ୍ୱରଙ୍କ ଇଚ୍ଛା ହୁଏ ତେବେ ଘଣ୍ଟେ ଦୁଇ ଘଣ୍ଟାରେ ଆପଣଙ୍କର ମୃତ୍ୟୁ ହୋଇଯିବ । ଏହି ଦୁଃଖକଷ୍ଟରୁ ମୁକ୍ତି ମଧ୍ୟ ମିଳିଯିବ ।"

ସେ ମୋତେ କ'ଣ ଉତ୍ତର ଦେଲେ ? ସମ୍ଭବତଃ ଅକସ୍ମାତ୍ ମୃତ୍ୟୁକୁ ଦେଖି ସେ ସ୍ତବ୍ଧ ହୋଇଗଲେ । ସେ ପାଉଡ଼ରକୁ ଛୁଇଁଲେ ନାହିଁ । ସେ ମୋତେ କେବଳ ଏତିକି କହିଲେ, "ମୋର କେତେକ ଆବଶ୍ୟକ କାର୍ଯ୍ୟ କରିବାର ଅଛି । ଦୟାକରି ଏବେ ମୋତେ ଯିବାକୁ ଅନୁମତି ଦିଅନ୍ତୁ । ଆଉଦିନେ ଆସି ମୁଁ ଏ ପାଉଡ଼ର ନେଇଯିବି ।"

ଆଜି ପର୍ଯ୍ୟନ୍ତ ସେ ମହିଳା ଫେରିକରି ଆସିନାହାନ୍ତି ।

ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁରୁ ରକ୍ଷା ପାଇବାକୁ ଚାହାନ୍ତି । ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁପାଇଁ ଭୟଭୀତ । କିନ୍ତୁ ମୃତ୍ୟୁଟା କ'ଣ ?

ଜଣେ ବ୍ୟକ୍ତି ସବୁବେଳେ ମୃତ୍ୟୁକୁ ଭୟ କରୁଥିଲେ । ଜୀବନର ଅନ୍ତିମ ଦିନଗୁଡ଼ିକରେ ନିଜ ପୁରୁଣା ଘର ଛାଡ଼ି ଗୋଟିଏ ନୂଆ ଘରକୁ ଯିବାକୁ ଚାହୁଁଥିଲେ । ସମସ୍ତ ଘରର ଜିନିଷ, ଫର୍ଣ୍ଣୀଚର ସବୁ ଚାଲିଗଲା । ତଥାପି ସେ ବୃଦ୍ଧବ୍ୟକ୍ତି ଜଣକ ପୁରୁଣା ସ୍ମୃତିରେ ବୁଡ଼ି ରହିଲେ । ଏଠାରେ ତାଙ୍କର ପିଲାମାନେ ଜନ୍ମ ହୋଇଛନ୍ତି । ସମସ୍ତେ ଅନେକ ବର୍ଷ ଏଠାରେ ରହିଛନ୍ତି ।

Digitized by srujanika@gmail.com

ଶେଷରେ ତାଙ୍କର ଚାକର ଆସି କହିଲା, "ବାବୁ, ସମସ୍ତ ଜିନିଷ ଚାଲିଗଲାଣି । ନୂଆ ଘର ଏ ଘରଠାରୁ ବହୁଗୁଣରେ ଭଲ । ଚାଲନ୍ତୁ ଯିବା ।"

ଏହି ସମସ୍ତ କଥା ତାଙ୍କ ହୃଦୟକୁ ଛୁଇଁଲା । "ନୂଆଘର ଏହାଠାରୁ ଅଧିକ ଭଲ", ଏହା ଶୁଣି ସେ ନିଜେ ନିଜକୁ କହିଲେ, "ଈଶ୍ୱର ଆମ ପାଇଁ ଏହି ଘରଠାରୁ ବହୁ ଗୁଣରେ ଭଲ ଘରର ବ୍ୟବସ୍ଥା କରନ୍ତି ଏବଂ ଆମକୁ ସେଠାକୁ ଆମନ୍ତ୍ରଣ କରନ୍ତି । ମୃତ୍ୟୁ ପୁରୁଣା ଘରୁ ନୂଆ ଘରକୁ ଯିବା ସହିତ ସମାନ ।" ଏପରି ଜ୍ଞାନ ହେବାରୁ, ସେ ବ୍ୟକ୍ତିଙ୍କର ମୃତ୍ୟୁଠାରୁ ସମସ୍ତ ଭୟ ଦୂର ହୋଇଗଲା ।

ଏହା ସତ୍ୟ ଯେ ମୃତ୍ୟୁ ହେଉଛି ଗୋଟିଏ ଘରୁ ଅନ୍ୟ ଘରକୁ ଯିବାପରି । ମୃତ୍ୟୁ ହେଉଛି ଗୋଟିଏ କୋଠରୀରୁ ଅନ୍ୟ କୋଠରୀକୁ ଯିବାପରି । ମୋର ମନେ ପଡୁଛି, ଭାରତର ମହାନ୍ ସନ୍ଥ ଶ୍ରୀରାମକୃଷ୍ଣ ପରମହଂସଙ୍କର ଦେହାବସାନ ହୋଇଗଲା । ଶ୍ରୀମତୀ ସାରଦାଦେବୀଙ୍କୁ ଅଗଣିତ ଭକ୍ତ 'ପବିତ୍ର ମା'ଙ୍କ ସ୍ଥାନ ଦିଅନ୍ତି । ମା' ନିଜକୁ ନିଜେ କହିଲେ, "ମୋର ପୂଜ୍ୟ ପତିଙ୍କର ଦେହାନ୍ତ ହୋଇଯାଇଛି, ମୁଁ ବିଧବା ହୋଇଗଲି । ମୋର ଆଉ ହାତରେ ଚୁଡ଼ି ପିନ୍ଧିବା ଅନୁଚିତ୍ ।" ତାଙ୍କ ହାତରେ ହାତୀଦାନ୍ତର ଚୁଡ଼ି ଥିଲା । ସେ ବାଳିକା ଥିଲାବେଳେ ତାଙ୍କର ବିବାହ ହୋଇଥିଲା । ସେତିକିବେଳେ ସେହି ଚୁଡ଼ି ପିନ୍ଧିଥିଲେ । ସମୟ କ୍ରମେ ତାଙ୍କର ହାତ ମୋଟା ହୋଇଗଲା । ଚୁଡ଼ି ଖୋଲିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାହା ବାହାରିଲା ନାହିଁ । ସେ ତାକୁ ଭାଙ୍ଗିବାକୁ ପ୍ରସ୍ତୁତ ହୁଅନ୍ତେ ତାଙ୍କୁ କିଏ କିଛି କହୁଥିବାର ଶୁଣିଲେ । ସେ କଣ୍ଠସ୍ୱର ଶ୍ରୀରାମକୃଷ୍ଣଙ୍କର ହିଁ ଥିଲା । କିନ୍ତୁ ଗତରାତିରୁ ସେ ଚାଲିଯାଇଥିଲେ । ମା' ନିଜର ମୁଣ୍ଡ ଟେକିଲେ । କ'ଣ ଦେଖିଲେ ? ଦେଖିଲେ ଯେ ଶ୍ରୀରାମକୃଷ୍ଣ ପରମହଂସ ତାଙ୍କ ସାମନାରେ

Digitized by srujanika@gmail.com

ଠିଆ ହୋଇଛନ୍ତି । ଶ୍ରୀରାମକୃଷ୍ଣ ପରମହଂସ ତାଙ୍କୁ କହିଲେ, ''ସାରଦା, ହେ ସାରଦା, ତୁମେ ଏ କ'ଣ କରୁଛ ? ମୁଁ ମରିନାହିଁ, ମୁଁ କେବଳ ଗୋଟିଏ କୋଠରୀରୁ ଅନ୍ୟ କୋଠରୀକୁ ଆସିଯାଇଛି ।''

ଈଶ୍ୱର କରନ୍ତୁ, ଭାରତର ମହାନ୍ ସନ୍ଥ କହିଯାଇଥିବା ଏହି ଶବ୍ଦ ଆମର ଅନ୍ତର୍ମନରେ ପ୍ରବେଶ କରୁ ଏବଂ ଆମର ସ୍ମରଣ ରହୁ ଯେ ମୃତ୍ୟୁ ଗୋଟିଏ କୋଠରୀରୁ ଅନ୍ୟ ଏକ କୋଠରୀକୁ ଯିବା ସହିତ ସମାନ ।

ତେବେ ମୃତ୍ୟୁପାଇଁ ଭୟଭୀତ କାହିଁକି ? ଆମେ ମରି ନଥାଉ । ଆମେ କେବଳ ଭୌତିକ ଶରୀରକୁ ତ୍ୟାଗ କରି ଗୋଟିଏ କୋଠରୀରୁ ଅନ୍ୟ ଏକ କୋଠରୀକୁ ଚାଲିଯାଉ । ପରବର୍ତ୍ତୀ କୋଠରୀଟି ଅନେକଗୁଣରେ ଭଲ ।

❋ ❋ ❋

Digitized by srujanika@gmail.com

ପରିଚ୍ଛେଦ - ୪

ମୃତ୍ୟୁପରର ଜୀବନସତ୍ତା

ଦେହାତୀତ ଆତ୍ମାମାନେ ନିଜ ବନ୍ଧୁବାନ୍ଧବଙ୍କୁ ନିଜର ଭୌତିକ ଶରୀରରେ ଦେଖାଦେବାର ଅନେକ ଉଦାହରଣ ଅଛି । କିନ୍ତୁ ମୁଁ ଗୋଟିଏ ବିଚିତ୍ର ଉଦାହରଣ ଦେବାକୁ ଯାଉଛି । ଏହା ଫ୍ରାନ୍‌ସର ରାଜଜ୍ୟୋତିଷ, ମହାନ୍ ବୈଜ୍ଞାନିକ ଫ୍ଲାମାରିଅନ୍‌ଙ୍କର ଅନୁଭୂତି ।

ସେ ଜଣେ ବଡ଼ ଅଦ୍‌ଭୁତ ବ୍ୟକ୍ତି ଥିଲେ । ତାଙ୍କ ଜୀବନରେ ବୁଦ୍ଧି ଏବଂ ଅନ୍ତଃପ୍ରେରଣାର ଅପୂର୍ବ ସମନ୍ୱୟ ଘଟିଥିଲା । ସେ ନୈତିକ ତଥା ଆତ୍ମିକ ଗୁଣରେ ପରିପୂର୍ଣ୍ଣ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ଅଶୀ ବର୍ଷ ହୋଇଥିଲା । କଠୋର ପରିଶ୍ରମରେ ତାଙ୍କର ବିଶ୍ୱାସ ଥିଲା । ନିରନ୍ତର ଦଶଘଣ୍ଟା କାମ କରିବା ତାଙ୍କର ଦିନଚର୍ଯ୍ୟା ଥିଲା । କଠୋର ପରିଶ୍ରମ ସତ୍ତ୍ୱେ ତାଙ୍କ ମୁଖମଣ୍ଡଳରେ ଶାନ୍ତିର ଆଭା ଝଟକୁଥିଲା । ତାଙ୍କୁ କେବେବି କ୍ରୋଧ ଲାଗୁନଥିଲା ।

ଦିନେ କେହି ଜଣେ ତାଙ୍କୁ ପଚାରିଲେ, ''ଆପଣଙ୍କ ନିରାମୟ ଜୀବନ ତଥା ଶାନ୍ତ ଚିତ୍ତର ରହସ୍ୟ କ'ଣ ?'' ଫ୍ଲାମାରିଅନ୍ କହିଲେ, ''ମୁଁ କେବେବି ଅତି ଅଭିଳାଷୀ ନୁହେଁ ।''

ସେ କିଛି ସମୟ ନିରବ ରହି ପୁଣି କହିଲେ, ''ମୁଁ ଈଶ୍ୱରଙ୍କ ଆଡ଼କୁ ଚାହିଁ ଅତି ଅଭିଳାଷୀ କିପରି ହୋଇ ପାରିବି ?''

ଫ୍ଲାମାରିଅନ୍ ''ଅନନ୍ତ'' ର ଉପସ୍ଥିତି ଅନୁଭବ କରୁଥିଲେ । ସେ ଅବାସ୍ତବ ଅଭିଳାଷରୁ ମୁକ୍ତ ଥିଲେ । ସେ କେବଳ ପୀଡ଼ିତ ମଣିଷର ସେବା କରିବାକୁ ଆଗ୍ରହୀ ଥିଲେ ।

Digitized by srujanika@gmail.com

ଏହି ମହାନ୍ ବୈଜ୍ଞାନିକ ନିଜର ପ୍ରସିଦ୍ଧ ପୁସ୍ତକ "ୟୁରେନିଆ" ରେ ଗୋଟିଏ ଅନୁଭୂତିର ଉଲ୍ଲେଖ କରିଛନ୍ତି । ଆମେ ସେହି ନିଷ୍ଠାବାନ ବୈଜ୍ଞାନିକଙ୍କ କଥାକୁ ସନ୍ଦେହ କରି ପାରିବା ନାହିଁ । 'ସ୍ପେରୋ' ନାମକ ତାଙ୍କର ଜଣେ ବନ୍ଧୁଙ୍କର ମୃତ୍ୟୁ ହୋଇଗଲା । ଦିନେ ସନ୍ଧ୍ୟାରେ ସେ ନିଜ ଘର ଛାତ ଉପରକୁ ଯାଇଥିବା ସିଡ଼ି ଚଢୁଥିଲେ । ଗୋଟିଏ ଆଶ୍ଚର୍ଯ୍ୟ କଥା ଦେଖିଲେ । ସେ ଲେଖିଛନ୍ତି, "ମୋର ପାଦ ଶେଷ ପାହାଚ ଉପରେ ଥାଏ ଏବଂ ମୁଁ ହଠାତ୍ ଡରିଗଲି । ଡରରେ ବାହାରିଥିବା ଚିତ୍କାର ସତେ ଯେପରି ଗଳାରେ ଅଟକିଗଲା । ସ୍ପେରୋ ! ସ୍ପେରୋ ହିଁ ମୋ ସାମ୍ନାରେ ବସିଥିଲେ । ସ୍ପେରୋ ନିଜର ଅତି ପରିଚିତ ମୃଦୁ ସ୍ୱରରେ ମୋତେ କହିଲେ, 'କଣ ତୁମେ ମୋତେ ଦେଖି ଡରୁଛ ?' ସେ ମୁରୁକି ହସୁଥିଲେ । ଚନ୍ଦ୍ରମାର କିରଣରେ ତାଙ୍କର ଚେହେରା ଠିକ୍ ସେହିପରି ଥିଲା । ସେ ପ୍ୟାରିସ୍ ଛାଡ଼ିଯିବା ସମୟରେ ମୁଁ ଏପରି ଚେହେରା ଦେଖିଥିଲି । ମୁଁ ତାଙ୍କୁ ଦେଖି ସ୍ତବ୍ଧ ହୋଇଗଲି । ମୁଁ କାନ୍ଦି ପକାଇଲି ! ସ୍ପେରୋ ! ଏ କ'ଣ ତୁମେ ? ମୋତେ ଦେଖିବାକୁ ଦିଅ ଏବଂ ଅନୁଭବ କରିବାକୁ ଦିଅ । ମୁଁ ତାଙ୍କର ଶରୀରକୁ ସ୍ପର୍ଶ କଲି, ମୁଣ୍ଡର କେଶକୁ ଆଉଁଷିଲି, ଏବଂ ଠିକ୍ ସେ ଜୀବିତ ଥିବାପରି ଅନୁଭବ କଲି । ତା'ପରେ ମୁଁ କହିଲି, 'ଆରେ – ଏତ ତୁମେ !' ମୁଁ ତାଙ୍କ ପାଖରେ ଛାତ ଉପରେ ବସିଗଲି ।"

ଆମ ଦୁଇବନ୍ଧୁଙ୍କ ମଧ୍ୟରେ ବହୁତ ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଲା । ସ୍ପେରୋ ନିଜର ପରଲୋକର ଅନୁଭୂତି ଶୁଣାଇଲେ । ସ୍ପେରୋ କହିଲେ, "କେତେକ ଆତ୍ମା ନିଜ ବ୍ୟକ୍ତିତ୍ୱ ପ୍ରତି ସଚେତନ, ସେମାନେ ସ୍ଥାନ ଏବଂ ସମୟର ସୀମା ପାର ହୋଇଯାଆନ୍ତି । ଶରୀରର ମୃତ୍ୟୁ ପରେ ସେମାନେ କୌଣସି ଏକ ସ୍ଥାନରେ ରହନ୍ତି ନାହିଁ ।"

ସ୍ପେରୋ ପୁଣି କହିଲେ, "ମନୁଷ୍ୟ ନିଜେ ନିଜର ଭାଗ୍ୟବିଧାତା । ଆତ୍ମାର ନିୟମ ହେଉଛି ମୁକ୍ତି । ଭୌତିକ ଶରୀରରୁ ଅଧିକରୁ ଅଧିକ

Digitized by srujanika@gmail.com

ମୁକ୍ତି ।'' ଆମେ କେବେବି ଭୁଲିଯିବା ଉଚିତ୍ ନୁହେଁ ଯେ ଆମେ ଏ ପୃଥିବୀକୁ ଭୌତିକ ସଂସାରରୁ ନିଜକୁ ମୁକ୍ତ କରିବାକୁ ଆସିଛୁ । କିନ୍ତୁ ଆମେ ଏହା କ'ଣ କରୁଛୁ ?

ଆମେ ଏହି ସଂସାରକୁ ଏଇଥିପାଇଁ ଆସିଛେ ଯେ ନିଜକୁ ଭୌତିକ ସଂସାରରୁ ମୁକ୍ତ କରିବା । ଆମେ ଏହା କରିପାରିଲେ ସ୍ୱେରୋଙ୍କ ଭାଷାରେ, ଜୀବାତ୍ମା ବା ଆତ୍ମିକ ଲୋକ ସୂକ୍ଷ୍ମଲୋକରେ ପ୍ରବେଶ କରିବ । ସ୍ୱେରୋ ଆଉ ଗୋଟିଏ ମହତ୍ୱପୂର୍ଣ୍ଣ କଥା କହିଥିଲେ ତାକୁ ବିଚାର କରିବାକୁ ହେବ । ସେ କହିଥିଲେ, ''ପ୍ରତ୍ୟେକ ବ୍ୟକ୍ତିର ଉଚ୍ଚତମ ତଥା ମୂଳ ଉଦ୍ଦେଶ୍ୟ ହେଲା ଦିବ୍ୟ ଆନନ୍ଦର ପ୍ରାପ୍ତି ।''

ମୁଁ ଆପଣଙ୍କୁ ବମ୍ବେର ପ୍ରସିଦ୍ଧ ନେତ୍ରରୋଗ ବିଶେଷଜ୍ଞ ଡାକ୍ତର ଏସ୍.ଏସ୍. ଅଜଗାଁଙ୍କରଙ୍କ ମୃତ ପତ୍ନୀଙ୍କର ଭୌତିକ ସ୍ୱରୂପ ଧାରଣ କରିବାର ଗୋଟିଏ ଉଦାହରଣ ଦେଉଛି । ଶ୍ରୀମତୀ ଅଜଗାଁଙ୍କରଙ୍କ ୭ ଜୁନ୍ ୧୯୫୨ ରେ କ୍ୟାନ୍ସର ଯୋଗୁ ଦେହାନ୍ତ ହୋଇଗଲା । ତାଙ୍କ ମୃତ ଶରୀରର ଦାହ ପରଦିନ ରାତିରେ ନିଜ ଭାଇ ତଥା ବମ୍ବେ ହାଇକୋର୍ଟର ଓକିଲ ଶ୍ରୀ ଆର୍.ସି. ସାମନ୍ତଙ୍କୁ ଭୌତିକ ମଣିଷ ଶରୀରରେ ସେ ଦେଖାଦେଲେ । ସାମନ୍ତ ନିଜ ଘରେ ଏକୁଟିଆ ଥିଲେ । ସେତେବେଳେ ଅଚାନକ ନିଜ ଭଉଣୀକୁ ନିଜ ଆଗରେ ଦେଖିଲେ । ସେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାଙ୍କ ନିଜ ଆଖିକୁ ସଂଗେ ସଂଗେ ବିଶ୍ୱାସ କରି ପାରିଲେ ନାହିଁ । ସେ ନିଜକୁ ଅନେକ ଥର ଚୁମୁଟିବାକୁ ଲାଗିଲେ । କାରଣ ସେ ଜାଣିବାକୁ ଚାହୁଁଥିଲେ ଯେ ସେ ପୂରାପୂରି ଜାଗ୍ରତ ଅଛନ୍ତି ଓ ସ୍ୱପ୍ନ ଦେଖୁନାହାନ୍ତି ତ ! ନିଜେ ଜାଗ୍ରତ ଥିବାର ପୂର୍ଣ୍ଣବିଶ୍ୱାସ ହେବାପରେ ସେ ନିଜ ଭଉଣୀକୁ ସ୍ୱାଗତ କଲେ ଓ ଭଉଣୀର ହାତ ଧରି ନେଇ ସୋଫା ଉପରେ ବସାଇଲେ । ଶ୍ରୀମତୀ ଅଜଗାଁଙ୍କର ପୂର୍ବରୁ ପଚିଶ ବର୍ଷକାଳ ବଟ-ପୂର୍ଣ୍ଣିମା ବ୍ରତ ପାଳନ କରୁଥିଲେ । ବ୍ରତଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁ କାରଣରୁ

Digitized by srujanika@gmail.com

ସେ ବ୍ରତ ବା ଉପବାସ ଶେଷ କରିପାରି ନଥିଲେ । ତେଣୁ ନିଜ ଭାଇଙ୍କୁ ଗୋଟିଏ କପ୍ କଫି ଆଣିବାକୁ କହିଲେ । ଭାଇ କଫି ତିଆରି କରିବାକୁ ଗଲେ କିନ୍ତୁ କଫି ପାଇଁ କ୍ଷୀର ମିଳିଲା ନାହିଁ । ଭଉଣୀ କ୍ଷୀର କେଉଁଠି ଅଛି କହିଲେ । ଭାଇଙ୍କୁ କ୍ଷୀର ମିଳିଲା । ସେ କ୍ଷୀରରେ କଫି ମିଶାଇ ଭଉଣୀକୁ ଦେବାକୁ ଗଲେ । ଭଉଣୀ ତାଙ୍କୁ କହିଲେ ଯେ ତାଙ୍କ ପାଇଁ ଭାଇ କଫିତକ ପିଇଦେଲେ ବ୍ରତ ପୂରଣ ହେବ ଓ ଉପବାସ ଭଙ୍ଗ ହେବ । ଏତକ କହି ସେ ଅଦୃଶ୍ୟ ହୋଇଗଲେ ।

ଏହା ପରର ଘଟଣା ଆହୁରି ହୃଦୟସ୍ପର୍ଶୀ । ସାମନ୍ତଙ୍କ ଘରେ କୌଣସି ସନ୍ତାନ ନ ଥିଲେ କାରଣ ଶ୍ରୀମତୀ ସାମନ୍ତଙ୍କର ଗର୍ଭାଶୟରେ କିଛି ଦୋଷ ଥିଲା । ଶ୍ରୀମତୀ ସାମନ୍ତଙ୍କୁ ସପ୍ନରେ ଶ୍ରୀମତୀ ଅଢଗାଁଙ୍କର ଦେଖାଦେଲେ ଓ ସେ ଶ୍ରୀମତୀ ସାମନ୍ତଙ୍କୁ କହିଲେ ଯେ ତାଙ୍କର ପ୍ରାର୍ଥନା ସଫଳ ହୋଇଛି ଏବଂ ସେ ନିଶ୍ଚୟ ସନ୍ତାନବତୀ ହେବେ । ଶ୍ରୀ ସାମନ୍ତ ବମ୍ବେର କେ.ଇ.ଏମ୍ ହସ୍ପିଟାଲର ଡାକ୍ତର କରନାଡ଼େଙ୍କ ଦ୍ୱାରା ପତ୍ନୀଙ୍କର ଡାକ୍ତରୀପରୀକ୍ଷା କରାଇଲେ । ସେହି ଡାକ୍ତର ପୂର୍ବରୁ ତିନିଥର ତାଙ୍କ ପତ୍ନୀଙ୍କର ପରୀକ୍ଷା କରିଥିଲେ । ଏବେ ଡାକ୍ତର ଆଶ୍ଚର୍ଯ୍ୟ ହେଲେ । ସେ ଦେଖିଲେ ଯେ ଶ୍ରୀମତୀ ସାମନ୍ତଙ୍କର ଗର୍ଭାଶୟ ଠିକ୍ ଅଛି ଏବଂ ସନ୍ତାନ ଧାରଣପାଇଁ ଉପଯୁକ୍ତ ।

ଏହିପରି ଅନେକ ଆତ୍ମା ବିଷୟରେ ସୂଚନା ରହିଛି । ଦେହାତୀତ ଆତ୍ମା ମନୁଷ୍ୟର ଭୌତିକ ଶରୀର ଧାରଣ କରି ପ୍ରତ୍ୟକ୍ଷ ଭାବରେ ଆସି ନିଜ ବନ୍ଧୁବାନ୍ଧବଙ୍କୁ କହିଛନ୍ତି ଯେ ସେ ମରିନାହାନ୍ତି । ସେହିପରି ଆମର ପ୍ରିୟଜନମାନେ ମରନ୍ତି ନାହିଁ । ଆମେ ମଧ୍ୟ ମରିବୁ ନାହିଁ । କେବଳ ଭୌତିକ ଶରୀର ମରେ । ଏହି ଭୌତିକ ଶରୀର କ'ଣ ? ଏହା ଏକ ପୋଷାକ । ଏହାକୁ ଆମେ ପିନ୍ଧିଛୁ । ଆମ ପାଖରେ ଶରୀର ବ୍ୟତୀତ ଅନ୍ୟ ପୋଷାକ ମଧ୍ୟ ଅଛି ।

Digitized by srujanika@gmail.com

ଭୌତିକ ଶରୀରକୁ ମଧ୍ୟ ଗୋଟିଏ ଘର ବୋଲି କହିହେବ । ଏହି ଘରେ ଆମେ କିଛି ସମୟ ପାଇଁ ରହିଥାଉ । ପରେ ଘରଟି ଭୁଷୁଡ଼ି ପଡ଼େ ଏବଂ ଏଥିରେ ଥିବା ଆତ୍ମା ବାହାରିଯାଏ ।

ଶରୀର ଗୋଟିଏ ପଞ୍ଜୁରୀ । ଏହି ପଞ୍ଜୁରୀ ଭିତରେ ଆମ୍ଭେମାନେ ଗୋଟିଏ ପକ୍ଷୀ । ପଞ୍ଜୁରୀ ଭାଙ୍ଗିଗଲେ ପକ୍ଷୀ ଉଡ଼ିପଳାଏ ।

ଶରୀର ଗୋଟିଏ ଯନ୍ତ୍ର । ଏହି ଯନ୍ତ୍ର ସାହାଯ୍ୟରେ ଆମେ ପୃଥିବୀକୁ ଆସି ନିଜର କାର୍ଯ୍ୟ କରିଥାଉଁ । ଶରୀର ଗୋଟିଏ ଯନ୍ତ୍ର । ତେଣୁ ତା'ର ଦାୟିତ୍ୱ ନେବାକୁ ପଡ଼ିବ । ଶରୀରକୁ ସ୍ୱଚ୍ଛ ତଥା ପବିତ୍ର ରଖିବାକୁ ହେବ । ଶରୀରକୁ ସୁସ୍ଥ ଏବଂ ସବଳ ରଖିବାକୁ ହେବ । ଶରୀରକୁ ଉପେକ୍ଷା କରିବା ଉଚିତ୍ ନୁହେଁ । ରଙ୍ଗବେରଙ୍ଗର ଭଉଁରୀ ମଧ୍ୟକୁ ଏହାକୁ ଠେଲିଦେବା ଅନୁଚିତ୍ । ଶରୀରର ଯତ୍ନ ନେବାକୁ ହେବ । ଏହି ଯନ୍ତ୍ର ଠିକ୍ ରହିଲେ କୁଶଳତା ସହିତ ସମସ୍ତ କାର୍ଯ୍ୟ କରିଯିବ ।

ଶରୀର ଗୋଟିଏ ନୌକା । ଏହାର କାର୍ଯ୍ୟ ହେଉଛି ଆମକୁ ଆରପାରିକୁ ନେଇଯିବା । ଶରୀରର ରକ୍ଷଣାବେକ୍ଷଣ ଦରକାର କିନ୍ତୁ ଶରୀରକୁ ନିଜର ପ୍ରକୃତ ସ୍ଥିତି ବୋଲି ଭାବିବା ଠିକ୍ ନୁହେଁ । ଶରୀରର ମୃତ୍ୟୁ ହୁଏ, ଆମେ ମରି ନଥାଉ । ଆମକୁ ମୃତ୍ୟୁ ଛୁଇଁ ପାରିବ ନାହିଁ । ମୃତ୍ୟୁ କେବଳ ଭୌତିକ ଶରୀରକୁ ସ୍ପର୍ଶ କରିପାରିବ ।

❋ ❋ ❋

Digitized by srujanika@gmail.com

ପରିଚ୍ଛେଦ - ୪

ମୃତ୍ୟୁ ସହିତ ବନ୍ଧୁତା କରନ୍ତୁ

ମୃତ୍ୟୁପର ଜୀବନର ଅଧ୍ୟୟନ କରିବା ପୂର୍ବରୁ ମୁଁ ଚାହୁଁଛି ଯେ, ଆପଣ ସମସ୍ତେ ମୃତ୍ୟୁ ସହିତ ମିତ୍ରତା କରନ୍ତୁ । ମୃତ୍ୟୁ ପ୍ରକୃତରେ ଏକ ମିତ୍ର । ଏହା ଶତ୍ରୁ ନୁହେଁ । ମୃତ୍ୟୁ ନ ଥିଲେ କ'ଣ ହୋଇଥାଆନ୍ତା, କଳ୍ପନା କରନ୍ତୁ ତ ? ପୃଥିବୀ ଉପରେ ଜୀବନର ପ୍ରାଦୁର୍ଭାବ ଚିନ୍ତା କରନ୍ତୁ । ମନେକରନ୍ତୁ କୌଣସି ବୃକ୍ଷଲତା ମରିନଥାନ୍ତେ, କୌଣସି ପଶୁପକ୍ଷୀ ମରିନଥାନ୍ତେ, କୌଣସି ବ୍ୟକ୍ତି ମରି ନଥାଆନ୍ତେ, ତେବେ ଆମେସବୁ ଆଜି କେତେ ସମସ୍ୟା ଓ ଜଟିଳ ପରିସ୍ଥିତି ମଧ୍ୟରେ ପଡ଼ିଥାଆନ୍ତେ । ସେହିପରି ଭାବନ୍ତୁ ଯେ ପ୍ରତି ମଞ୍ଜି ବିକଶିତ ହୋଇ ବୃକ୍ଷ ହୋଇଯାଆନ୍ତେ । ସମସ୍ତ ଜୀବଜନ୍ତୁଙ୍କର ସନ୍ତାନ ବଡ଼ ହୋଇ ବିଛେଇ ହୋଇଯାଆନ୍ତେ । ତେବେ ଆମକୁ ଘନ ଜଙ୍ଗଲର ଗଛ ଉପରେ ତଥା ମଶା, ମାଛିମାନଙ୍କ ମଧ୍ୟରେ କଷ୍ଟରେ ରହିବାକୁ ପଡ଼ନ୍ତା ।

ସେହିପରି ମଣିଷ ଶରୀରର ମଧ୍ଯ ବିଲୟ ରହିଛି । ମନେ କରନ୍ତୁ ମଣିଷ କାମ କରିବାର ସାମର୍ଥ୍ୟ ହରାଇ ବସିଛି । ଶକ୍ତିବହୀନ ଶରୀର, ପୀଡ଼ାଦାୟକ ଅଙ୍ଗମାନଙ୍କ ପାଇଁ ପ୍ରସନ୍ନତା ପାଇବାର ସମ୍ଭାବନା ଚାଲିଯାଇଛି । ଏପରି ବ୍ୟକ୍ତି ପାଇଁ ମୃତ୍ୟୁ ମୁକ୍ତିଦାତା ରୂପରେ ଆସିଥାଏ । ଏହିପରି ଶରୀରରେ ଦୀର୍ଘଦିନ ଅଟକି ରହିବା କାରାବାସ ପରି ମନେ ହେବନାହିଁକି ?

ମୃତ୍ୟୁ ପ୍ରକୃତରେ ଆମର ମିତ୍ର । ଆଉ ମୋର ସମସ୍ତଙ୍କୁ ନିବେଦନ ଯେ ସମସ୍ତେ ଏହା ସହ ମିତ୍ରତା କରନ୍ତୁ ।

ବିତୁଥିବା ପ୍ରତ୍ୟେକ ଦିବସ ସହିତ ମୃତ୍ୟୁ ପାଖେଇ ଆସେ । ଆମେ ସମସ୍ତେ ଗୋଟିଏ ଅନିଶ୍ଚିତତା-ପୂର୍ଣ୍ଣ ସଂସାରରେ ରହିଛେ । ଏହି ସଂସାରରେ

Digitized by srujanika@gmail.com

କିଛି ବି ନିଶ୍ଚିତ ନୁହେଁ । ଆମେ ସମସ୍ତେ ଜାଣିଛେ ଯେ ଆମକୁ ନିଶ୍ଚୟ ଦିନେ ମରିବାକୁ ପଡ଼ିବ । ଆମର ଭୌତିକ ଶରୀର ନଷ୍ଟ ହୋଇଯିବ । ଆମେ ଫେରିଯିବାର ଟିକେଟ ମଧ୍ୟ ଧରି ଆସିଛେ । ସେହି ଟିକଟରେ ଫେରିଯିବାର ତାରିଖ ଲେଖା ଅଛି, କିନ୍ତୁ ଆମେ ତାକୁ ପଢ଼ିପାରୁନାହୁଁ । ଆମେ ଏହା ମଧ୍ୟ ଜାଣିନାହୁଁ ଯେ ମୃତ୍ୟୁ କେବେ, କେଉଁଠାରେ ଏବଂ କେଉଁ ରୂପରେ ଆସି ଆମ ଶରୀର ଉପରେ ଅଧିକାର ସାବ୍ୟସ୍ତ କରିବ । କିନ୍ତୁ ଆମେ ଏହା ନିଶ୍ଚିତ ଭାବରେ ଜାଣିଛୁ ଯେ ପ୍ରତ୍ୟେକ ଦିନଅନ୍ତେ ଆମେ ମୃତ୍ୟୁର ନିକଟତର ହେଉଛୁ । ସେଥିପାଇଁ ମୁଁ ଚାହୁଁଛି ଯେ ଆପଣ ସମସ୍ତେ ମୃତ୍ୟୁ ସହିତ ମିତ୍ରତା କରନ୍ତୁ । ଥରେ ମୃତ୍ୟୁ ସହିତ ମିତ୍ରତା କରିଦେଲେ ଆମେ ମୃତ୍ୟୁକୁ ଆଉ ଡରିବା ନାହିଁ, ବରଂ ମୃତ୍ୟୁକୁ ସାମ୍ନା କଲେ ଆମେ ପ୍ରସନ୍ନ ହେବା ।

ପ୍ରାଚୀନ ଭାରତରେ ଏହି ଶିକ୍ଷା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଦିଆଯାଉଥିଲା । ପ୍ରାଚୀନ ଭାରତରେ ବିଦ୍ୟାର୍ଥୀମାନଙ୍କୁ ''ଜିଜ୍ଞାସୁ'' ବା ସତ୍ୟ ଅନୁସନ୍ଧାନକାରୀ ବୋଲି କୁହାଯାଉଥିଲା । ସତ୍ୟକୁ ଖୋଜୁଥିବା ବିଦ୍ୟାର୍ଥୀମାନଙ୍କୁ ଋଷି କହନ୍ତି, ''ବତ୍ସ ! ପ୍ରତିଦିନ କିଛି ସମୟ ମୃତ୍ୟୁ ଉପରେ ଧ୍ୟାନ କର ।'' ମୁଁ ମଧ୍ୟ ଏହି ଆଶା ଆପଣଙ୍କଠାରୁ ରଖୁଛି । ଶରୀର ସମାପ୍ତ ହୋଇଯିବାର ସମୟ ଆସୁଛି । ଏହି ଶରୀରକୁ ଆମେ ଏତେ ମାନୁଛୁ । ଏହା ଉପରେ କେତେ ଅଭିମାନ କରୁଛୁ, ଏହି ଶରୀରକୁ ଅତି ନିଜର ବୋଲି ଭାବୁଛୁ । ଆମେ ଭାବୁଛୁ ଯେ ପିନ୍ଧିଥିବା ଏହି ଶରୀର ବ୍ୟତୀତ ଆମର ଅସ୍ତିତ୍ୱ ନାହିଁ । ସେହିଦିନ ଆସୁଛି ଯେବେ ଏହି ଶରୀର ନଷ୍ଟ ହୋଇଯିବ । ସେତେବେଳେ ମୁଁ କେଉଁଠି ଥିବି ? ସେତେବେଳେ ଆପଣମାନେ କେଉଁଠି ଥିବେ ? ତଥାପି ଆମର ଅସ୍ତିତ୍ୱ ରହିବ । ଆମର ଏହି ଶରୀରର ଜନ୍ମ ପୂର୍ବରୁ ମଧ୍ୟ ଆମର ଅସ୍ତିତ୍ୱ ଥିଲା, କାରଣ ଆମେ ସମସ୍ତେ ସନାତନ । ଆମେ ଯେଉଁ ପୃଥିବୀ ଉପରେ ଘର ତିଆରି କରିଛେ ସେହି ପୃଥିବୀଠାରୁ ମଧ୍ୟ ଆମେ ପୁରାତନ । ଆମେ ''ମୃତ୍ୟୁ'' ଉପରେ ଆମର ଧ୍ୟାନ ଦେଲେ ଆମେ ମୃତ୍ୟୁକୁ ଡରିବା ନାହିଁ । ସେତିକିବେଳେ

Digitized by srujanika@gmail.com

ଆମେ ଜାଣି ପାରିବା ଯେ ମୃତ୍ୟୁ ଗୋଟିଏ ଭ୍ରମ ମାତ୍ର । ମୃତ୍ୟୁ କେବଳ ଗୋଟିଏ ପ୍ରତିଛବି । ବାସ୍ତବରେ ମୃତ୍ୟୁ ବୋଲି କିଛି ନାହିଁ । ଆମେ ମରିବା ସମ୍ଭବ ନୁହେଁ ।

ସାଧୁ ଭାସୱାନୀ ମୃତ୍ୟୁର ତୁଳନା ସୂର୍ଯ୍ୟାସ୍ତ ସହିତ କରୁଥିଲେ । ସେ ଆମକୁ କହୁଥିଲେ "ସୂର୍ଯ୍ୟାସ୍ତ" ମଧ୍ୟ ଗୋଟିଏ "ଦୃଶ୍ୟ"ଅଟେ, କାରଣ ଗୋଟିଏ ସ୍ଥାନରେ ସୂର୍ଯ୍ୟାସ୍ତ ହେଉଥିଲା ବେଳେ ଅନ୍ୟ ସ୍ଥାନରେ ସୂର୍ଯ୍ୟୋଦୟ ହେଉଥାଏ । ବାସ୍ତବିକତା ଏହା ଯେ ସୂର୍ଯ୍ୟ କେବେବି ଅସ୍ତ ହୁଅନ୍ତି ନାହିଁ । ସେହିପରି ମୃତ୍ୟୁ ମଧ୍ୟ କେବେ ହୁଏ ନାହିଁ । ମୃତ୍ୟୁ କେବଳ ଗୋଟିଏ ଭ୍ରମ । ଏହା କେବଳ ଏକ ଦୃଶ୍ୟ । ଏଠାରେ ମୃତ୍ୟୁ ହେଉଥିଲା ବେଳେ ଅନ୍ୟ ସ୍ଥାନରେ ଜନ୍ମ ହେଉଥାଏ । ଆମେ ସାଧୁ ଭାସୱାନୀଙ୍କୁ ପଚାରିଲୁ, "ମୃତ୍ୟୁ କ'ଣ ?" ତାଙ୍କର ଉତ୍ତର ଥିଲା । "ମୃତ୍ୟୁ ଗୋଟିଏ ସେତୁ ।" ସତରେ ମୃତ୍ୟୁ ଗୋଟିଏ ସେତୁ । ପାର୍ଥିବ ତଥା ଅପାର୍ଥିବ ଜଗତ ମଧ୍ୟରେ ଏହା ଗୋଟିଏ ସେତୁ । ମୃତ୍ୟୁ ଆସିଲେ ଆମେ ପାର୍ଥିବ ଜଗତକୁ ତ୍ୟାଗ କରିଥାଉ ଏବଂ ସେତୁକୁ ପାରହୋଇ ଅପାର୍ଥିବ ଜଗତରେ ପ୍ରବେଶ କରିଥାଉଁ । ଏହି ଜଗତ ଅଧିକ ଉତ୍କୃଷ୍ଟ, ଅଧିକ ସୁନ୍ଦର, ସମୃଦ୍ଧ ତଥା ଦୀପ୍ତିମାନ ।

ଅନ୍ୟ ଏକ ଅବସରରେ ସାଧୁ ଭାସୱାନୀ ମଧ୍ୟ ଆମକୁ ସେହି ପ୍ରଶ୍ନ ପଚାରିଥିଲେ, "ମୃତ୍ୟୁ କ'ଣ ?" ଏବଂ ଉତ୍ତରରେ ସେହି କହିଲେ, "ମୃତ୍ୟୁ ଗୋଟିଏ ଦ୍ୱାର ।" ମୃତ୍ୟୁ ଗୋଟିଏ ବଖରାରୁ ଅନ୍ୟ ବଖରାକୁ ଯିବାର ବାଟ । ଯୀଶୁ କହିଥିଲେ, "ମୋର ପିତାଙ୍କ ଘରେ ବହୁତ ମହଲା ଅଛି । ସେଥିରୁ ଗୋଟିଏ ମହଲା ହେଉଛି ଏହି ପୃଥିବୀ ଲୋକ ।" ଆହୁରି କେତେକ ମହଲା ତଥା ଲୋକ ଅଛି ଏବଂ ମୃତ୍ୟୁ ଏହି ଲୋକ ସବୁର ଦ୍ୱାର ଅଟେ ।

ଇଂଲଣ୍ଡର ଜାତୀୟକବି ଜନ୍ ମେସ୍‌ଫିଲଡ୍ ଗୋଟିଏ କବିତାରେ କହିଛନ୍ତି, "ମୃତ୍ୟୁ ଅପରିଚିତ ସ୍ଥାନ ପାଇଁ ଦ୍ୱାର ଖୋଲିଥାଏ । ମରିବା ସ୍ୱାଗତଯୋଗ୍ୟ ।"

Digitized by srujanika@gmail.com

ଆମର ଦିବଂଗତ ପ୍ରିୟ ଲୋକମାନେ ମଧ୍ୟ ମୃତ ନୁହଁନ୍ତି । ସେମାନେ କେବଳ ମୃତ୍ୟୁର ଦ୍ୱାର ଦେଇ ଅନ୍ୟ ଲୋକକୁ ଚାଲି ଯାଇଛନ୍ତି । ସେଠାରେ ସେମାନେ ଆମକୁ ଅପେକ୍ଷା କରିଛନ୍ତି । ଆମେ ମଧ୍ୟ ଦିନେ ତାଙ୍କର ପଛେ ପଛେ ଯିବା । ଆମକୁ ଏ ଶରୀର ତ୍ୟାଗ କରିବାର ସମୟ ଆସିଲେ ଏବଂ ନୂଆଲୋକକୁ ଯିବାକୁ ପଡ଼ିଲେ ଆମର ପ୍ରିୟ ଲୋକେ ଆମକୁ ନେବାକୁ ରେଳଷ୍ଟେସନ୍‌କୁ ଆସିବେ । ''ଅନ୍ୟ ଲୋକ'' କୁ ଆମର ଯାତ୍ରା ପଥରେ ଆମେ ଏକୁଟିଆ ନୁହଁ ।

ଏହି କାରଣରୁ ମରଣାସନ୍ନ ବ୍ୟକ୍ତିର ମୁଖମଣ୍ଡଳରେ ଆପଣ ଆନନ୍ଦ ଏବଂ ପ୍ରସନ୍ନତା ଦେଖିବାକୁ ପାଆନ୍ତି । ଏହା ସମ୍ଭବ ଯେ ମୃତ୍ୟୁ ପୂର୍ବରୁ ବେମାରୀ ଯୋଗୁଁ ତାଙ୍କୁ ଅସହ୍ୟ ଶାରୀରିକ ପୀଡ଼ା ଭୋଗିବାକୁ ପଡ଼ିଥାଏ । କିନ୍ତୁ ଅନ୍ତିମ ସମୟ ଆସିଲେ ତାଙ୍କର ଚେହେରା ଅଦ୍‌ଭୁତ୍ ଆନନ୍ଦରେ ଆଲୋକିତ ହୋଇ ଉଠେ । ସେମାନଙ୍କ ମଧ୍ୟରୁ କେତେକ ତ ଉଠିପଡ଼ି ବସିଯାଆନ୍ତି ଓ ହାତ ପ୍ରସାରଣ କରି ଦିଅନ୍ତି । କେତେକ ସେମାନଙ୍କର ସେହି ପ୍ରିୟଜନଙ୍କ ନାମ ଧରି ଡାକନ୍ତି । ଏହି ପ୍ରିୟଜନ ପୂର୍ବରୁ ଦିବଂଗତ ହୋଇଥାଆନ୍ତି । ଡକ୍ଟର ଲେସଲୀ ୱେଦରହାଡ୍ ଏହି ବିଷୟ ଉପରେ ଅନେକ ଗବେଷଣା କରିଛନ୍ତି । ତାଙ୍କ ପୁସ୍ତକ "After Death" ରେ ଲେଖିଛନ୍ତି, ''ମୁଁ କାହାରିକୁ ମୃତ୍ୟୁ ସମୟରେ କୌଣସି ପ୍ରକାର ଦୁଃଖରେ ଥିବା ଦେଖିନାହିଁ ।''

ବହୁତ ଦିନ ହେବ ଅଚେତ ହୋଇ ରହିଥିବା ଜଣେ ମହିଳାଙ୍କ ବିଷୟରେ ମୁଁ ପଢ଼ିଛି ଯେ ସେ ଅଚାନକ ଉଠି ବସିପଡ଼ିଲେ ଏବଂ ନିଜ ହସ୍ତ ପ୍ରସାରଣ କରି କହିବାକୁ ଲାଗିଲେ, - ''ଓଃ ! ମୋ ମା' । ମୋର ମା' କେତେ ସୁନ୍ଦର ।'' ସେହି ମରଣାସନ୍ନ ମହିଳାଙ୍କ ପୁଅ ତାଙ୍କ ପାଖରେ ଥିଲେ । ସେ ଆସି ତାଙ୍କୁ ଶୁଆଇ ଦେବାକୁ ଚେଷ୍ଟାକଲେ । କିନ୍ତୁ ସେ ମହିଳା ତାଙ୍କ ପାଖରୁ ଦୂରକୁ ଯାଇ କହିଲେ, ''ମୋତେ ଯିବାକୁ ଦେ । ମୋ ମା' ମୋତେ ନେବାକୁ ଆସିଛି ।'' ଏତକ କହି ମହିଳାଜଣକ ମୃତ୍ୟୁର ଚିରନିଦ୍ରାକୁ ଚାଲିଗଲେ । ମୃତ୍ୟୁ

Digitized by srujanika@gmail.com

ସମୟରେ ଆମେ ଏକୁଟିଆ ନ ଥାଉ । ଆମର ଦିବଂଗତ ଆତ୍ମୀୟମାନେ ଆସି ଆମକୁ ସ୍ୱାଗତ କରିଥାଆନ୍ତି ।

ମୋର ପ୍ରିୟ ମା' ମୋତେ ଅନେକ ଥର କହିଛନ୍ତି, ''ମୋତେ ମୃତ୍ୟୁକୁ ଆଦୌ ଡର ଲାଗେ ନାହିଁ, କାରଣ ମୋର କିଛି ସଂପର୍କୀୟ ଏଠାରେ ଅଛନ୍ତି ଆଉ କିଛି ସେଠାରେ ଅଛନ୍ତି । ମୁଁ ଆରପାରିକୁ ଗଲେ ସେଠାରେ ମୁଁ ଏକୁଟିଆ ହୋଇଯିବିନି ।'' ନିଜର ନଶ୍ୱର ଶରୀର ଛାଡ଼ିବା ପୂର୍ବରୁ ସେ ଅସହ୍ୟ ପୀଡ଼ା ଭୋଗ କରୁଥିଲେ । ତାଙ୍କର ସେହି ପାର୍ଥିବ ଜୀବନର ଶେଷ ମୁହୂର୍ତ୍ତରେ ମୁଁ ତାଙ୍କ ପାଖରେ ଥିଲି । ସେ ବହୁତ ଶାନ୍ତ ଥିଲେ । ତାଙ୍କ ଆଖି ଦୁଇଟିରେ ଅଦ୍‌ଭୁତ ଦୀପ୍ତି ଥିଲା ।

ସାଧୁ ଭାସୱାନୀ ମିଶନର ଉପସଚିବ ଶ୍ରୀ ଚଣ୍ଡିରାମ ବି. ଆଡ଼ଭାନୀ (ଯାହାଙ୍କର କିଛି ବର୍ଷ ପୂର୍ବରୁ ମୃତ୍ୟୁ ହୋଇ ଯାଇଥିଲା) ଜୀବନରେ ବହୁତ କଷ୍ଟ ଓ ଯନ୍ତ୍ରଣା ଭୋଗ କରିଥିଲେ । କିନ୍ତୁ ତାଙ୍କର ଅନ୍ତିମ ସମୟ ବହୁତ ଶାନ୍ତିପୂର୍ଣ୍ଣ ଥିଲା । ମୋତେ କୁହାଯାଇଥିଲା କି ତାଙ୍କର ଆଖିରେ ଏପରି ଏକ ଅଦ୍ୱିତୀୟ ଆଭା ଥିଲା, ଯାହା ପୃଥିବୀ ବା ସାଗର ମଧ୍ୟରେ ଦେଖାଯାଏ ନାହିଁ ।

ଆମେ ଏହା ଚିନ୍ତା କରିବା ଉଚିତ୍ ଯେ, ''ଆମେ ମୃତ୍ୟୁକୁ ଭୟ କରିବା ନାହିଁ, କାରଣ ଆମର ମୃତ୍ୟୁ ନାହିଁ ।'' ମଲେ ବହୁତ ଭଲ ହେବ । ଯିଏ ମରେ ସେ ହେଉଛି ଶରୀର ଏବଂ ଆମର ଅନ୍ୟ ଶରୀର ମଧ୍ୟ ଅଛି । ପାର୍ଥିବ ଶରୀରର ମୃତ୍ୟୁପରେ ମଧ୍ୟ ଆମେ ଏକୁଟିଆ ନ ଥାଉ । ଆମର ଅନ୍ତିମ ଯାତ୍ରା ସମୟରେ ଦିବଂଗତମାନେ ଆମ ପ୍ରତି ଧ୍ୟାନ ଦିଅନ୍ତି ।

ତେଣୁ ଆମକୁ ଗ୍ରହଣ କରିବାକୁ ପଡ଼ିବ ଯେ ଆମର ପାର୍ଥିବ ଓ ଅପାର୍ଥିବ ଶରୀର ମଧ୍ୟରେ ଥିବା ମୃତ୍ୟୁ ଗୋଟିଏ ସେତୁ ଏବଂ ମୃତ୍ୟୁ ଗୋଟିଏ ଦ୍ୱାର । ଅପାର୍ଥିବ–ଲୋକ କ'ଣ ? ପରବର୍ତ୍ତୀ ଅଧ୍ୟାୟରେ ଏ ବିଷୟରେ ଆଲୋଚନା

Digitized by srujanika@gmail.com

ହେବ । ସେହି ଲୋକରେ ଆମର ଅନ୍ୟ ବନ୍ଧୁବାନ୍ଧବ ଅଛନ୍ତି । ସେମାନେ ସେଠାରୁ ଆମକୁ ଦେଖୁଥାଆନ୍ତି । ସେମାନେ ନିଶ୍ଚୟ ଆସିବେ ଏବଂ ଆମକୁ କହିବେ ଯେ ପାର୍ଥିବ ଜୀବନ ହେଉଛି ଆଗାମୀ ଜୀବନ ପାଇଁ ପ୍ରସ୍ତୁତି ମାତ୍ର ।

ସେଥିପାଇଁ ଆମର ପାର୍ଥିବ ଜୀବନରେ ପ୍ରତ୍ୟେକ ଦିବସ ପ୍ରସ୍ତୁତିର ଦିନ । ପ୍ରସ୍ତୁତି ଆରମ୍ଭ କର । ପ୍ରସ୍ତୁତ ରହ । ଆରପାରିର ଆମର ପ୍ରିୟଜନମାନେ ଆମକୁ ନିରନ୍ତର ଏହି କଥା କହୁଛନ୍ତି – "ପ୍ରସ୍ତୁତ ରହ" । କାରଣ ସେ ଆମକୁ ସାଂସାରିକ ବସ୍ତୁ ପଛରେ ଗୋଡ଼ାଇବାର ଦେଖୁଛନ୍ତି । ବସ୍ତୁଗୁଡ଼ିକୁ ସେମାନେ କେବଳ ଏକ ଛାୟା-ରୂପ ଛଡ଼ା ଆଉ କିଛି ବୋଲି ମାନନ୍ତି ନାହିଁ । ସେମାନେ ଆମକୁ ଧନ ପଛରେ ଦଉଡୁଥିବାର ଦେଖୁଛନ୍ତି । ଲକ୍ଷ-ଲକ୍ଷ, କୋଟି-କୋଟି ଟଙ୍କା ସଂଗ୍ରହ କରୁଥିବାର ଦେଖୁଛନ୍ତି । ସେଥିରୁ ଗୋଟିଏ ପଇସା ମଧ୍ୟ ଏପାରିରୁ ଆରପାରିକୁ, ସେହି ମହାନ ଲୋକକୁ ନେଇ ଯିବାର ଅନୁମତି ନାହିଁ । ସେମାନେ ଆମକୁ ସୁଖ ପଛରେ, ଇନ୍ଦ୍ରିୟ ସୁଖ, ନାମ ଏବଂ ଯଶ, କ୍ଷମତା, ପ୍ରତିପତ୍ତି ପଛରେ ଦଉଡୁଥିବାର ଦେଖୁଛନ୍ତି । ଏ ସବୁ ଭ୍ରମ, ଛାୟାମାତ୍ର । ସେଇଥିପାଇଁ ସେମାନେ ଆମକୁ ଆଖି ଖୋଲିବାକୁ କହନ୍ତି । ମନ ଇନ୍ଦ୍ରିୟର ବଶୀଭୂତ ନହୋଇ ଆଗାମୀ ନିଶ୍ଚିତ ଯାତ୍ରା ପାଇଁ ପ୍ରସ୍ତୁତ ହେବାକୁ କହିଥାଆନ୍ତି ।

* * *

Digitized by srujanika@gmail.com

ତିନୋଟି ବ୍ୟାବହାରିକ ପ୍ରସ୍ତାବ

ଆପଣମାନଙ୍କୁ ତିନୋଟି ବ୍ୟାବହାରିକ ପ୍ରସ୍ତାବ ଦେବାକୁ ଚାହୁଁଛି । ପୃଥିବୀ ଉପରେ ଆମର ଏହି ଜୀବନ ପରିବର୍ତ୍ତନଶୀଳ ତଥା ନଶ୍ୱର । ଆମେ ଏହି ଭୌତିକ ଶରୀର ତ୍ୟାଗ କଲାବେଳେ ଲାଗେ ଯେ ଆମେ ସ୍ୱପ୍ନରୁ ଜାଗ୍ରତ ହୋଇଯାଇଛୁ । ତେଣୁ ଦୀର୍ଘ, ଅସୀମ ଏବଂ ଅନନ୍ତ ମଧ୍ୟରେ ଏ ଜୀବନ ଗୋଟିଏ ମୁହୂର୍ତ୍ତ ମାତ୍ର । ଆମେ ଏହି ଜୀବନର ଅଧିକରୁ ଅଧିକ ସଦୁପଯୋଗ କରିବା ଉଚିତ୍ ଏବଂ ପ୍ରତ୍ୟେକ ଦିବସକୁ "ଅନନ୍ତ" ପାଇଁ ପ୍ରସ୍ତୁତ କରିବା ଦରକାର ।

ପ୍ରଥମ ବ୍ୟାବହାରିକ ପ୍ରସ୍ତାବ :- କୃଷ୍ଣ କିମ୍ବା ରାମ, ବୁଦ୍ଧ କିମ୍ବା ଯୀଶୁ, ମହମ୍ମଦ କିମ୍ବା ମହାବୀର, ଯୋସେସ୍, ଜୋରୋଷ୍ଟର କିମ୍ବା ବାହାଉଲ୍ଲା, ନାନକ କିମ୍ବା କବୀର, କିମ୍ବା ଅନ୍ୟ କୌଣସି ସନ୍ଥ, ଭଗବତ୍-ସ୍ୱରୂପ ସହିତ ପ୍ରେମ ତଥା ଶ୍ରଦ୍ଧାର ସଂପର୍କ ପ୍ରତିଷ୍ଠା କରନ୍ତୁ । ପ୍ରତିଦିନ ଏହି ପ୍ରେମ ଓ ଭକ୍ତିର ବନ୍ଧନକୁ ସୁଦୃଢ଼ କରିବାକୁ ହେବ । ପ୍ରତିଦିନ ତାଙ୍କୁ ପ୍ରାର୍ଥନା କରନ୍ତୁ । ତାଙ୍କର ପବିତ୍ର ଚରଣକୁ ଚୁମ୍ବନ କରନ୍ତୁ । ନିଜର ସମସ୍ତ କର୍ମକୁ ତାଙ୍କ ପାଖରେ ସମର୍ପଣ କରନ୍ତୁ ଏବଂ ତାଙ୍କ ସହିତ ପ୍ରେମ ଓ ଘନିଷ୍ଠତାର ସହିତ ସଂଯୋଗ ରଖନ୍ତୁ । ଏହି ବନ୍ଧନକୁ ଅଧିକରୁ ଅଧିକ ଦୃଢ଼ କରନ୍ତୁ । ଏତେ ଦୃଢ଼ ହେବ ଯେ, ଆମେ ଯେଉଁଠାରେ ଥିଲେ ମଧ୍ୟ ଆମେ ତାଙ୍କଠାରୁ ଦୂର ହେବାନାହିଁ । ତାଙ୍କର ତେଜୋମୟୀ ଉପସ୍ଥିତିର ଉପଲବ୍ଧି ସବୁ ସମୟରେ କରବୁ ଏବଂ ତାଙ୍କ ଉପସ୍ଥିତିରେ ମୃତ୍ୟୁର ଅସ୍ତିତ୍ୱ ରହିବ ନାହିଁ । ଆମର ଏହି ଶରୀର ନଷ୍ଟ ହୋଇଗଲେ ମଧ୍ୟ ସେହି ହିଁ ଆମ ପାଖରେ ଥିବେ । ସେ ତାଙ୍କର ପ୍ରେମମୟୀ, ଅବିନଶ୍ୱର ହାତରେ ଆମକୁ ଉଠାଇନେବେ ଏବଂ ଆମକୁ ଈଶ୍ୱରଙ୍କ ଆଡ଼କୁ ଆଗେଇ ନେଇଯିବେ ।

Digitized by srujanika@gmail.com

ଦ୍ୱିତୀୟ ବ୍ୟାବହାରିକ ପ୍ରସ୍ତାବ :- ଏହି ପ୍ରସ୍ତାବ କ'ଣ ? ଆମେ ଭଗବାନଙ୍କ ସହିତ ପ୍ରେମ ତଥା ଭକ୍ତିର ବନ୍ଧନ ବାନ୍ଧିଲେ ଆମର ଅନୁଭବ ହୁଏ ଯେ ଯାହା କିଛିବି ଘଟୁଛି ସବୁ ଭଗବାନଙ୍କର ଦୟାର ସ୍ୱରୂପ। ଜୀବନରେ ବହୁତ କିଛି ଘଟଣା ଘଟୁଛି । ସେସବୁ ଘଟଣାର କାରଣ ବୁଝିବାକୁ ଆମେ ଅସମର୍ଥ । ହଠାତ୍ ଆମର ପ୍ରିୟଲୋକ ଆମଠାରୁ ଦୂରେଇ ଯାଆନ୍ତି । ହଠାତ୍ କୌଣସି ବିପଦ ଆସି ପହଞ୍ଚିଯାଏ । କୌଣସି ଦୁର୍ଭାଗ୍ୟ ଆମକୁ ଘେରିଯାଏ । ଏହିପରି କଟୁ ଅନୁଭବର କାରଣ ଖୋଜିବାରେ ଅଯଥା ସମୟ ତଥା ଶକ୍ତି ବ୍ୟୟ ନକରି ଆମେ ପ୍ରତ୍ୟେକ ଘଟଣା କିମ୍ବା ଦୁର୍ଘଟଣାକୁ ସ୍ୱାଗତ କରିବା ଉଚିତ୍ । ସାଧୁ ଭାସୱାନୀଙ୍କ ଭାଷାରେ, "I accept ! I accept ! ମୁଁ ଏହାକୁ ସ୍ୱୀକାର କରୁଛି । ସ୍ୱୀକାର କରୁଛି ।"

ବନ୍ଧୁଗଣ ! ଆମର ସବୁବେଳେ ମନେ ରଖିବା ଉଚିତ ଯେ ଦୈବୀ ବିଧାନରେ ଯାହା କିଛିବି ହେଉଛି ସେସବୁ ଆମର ମଙ୍ଗଳ ପାଇଁ ହିଁ ହେଉଛି । କୌଣସି ଘଟଣା ବହୁତ ପୂର୍ବରୁ କିମ୍ବା ବହୁତ ପରେ ଘଟେ ନାହିଁ । ସବୁକିଛି ନିୟତିର ନିୟମରେ ହୋଇଥାଏ । ଭଗବାନଙ୍କର ଘଣ୍ଟା କେବେ ଧୀରେ ଚାଲେ ନାହିଁ । ଦୁଃଖ ସମୟରେ ଆମେ ଦୈବୀ ନିୟମକୁ ବୁଝି ପାରି ନଥାଉ । କିନ୍ତୁ ପରେ ଆମକୁ ପ୍ରତ୍ୟକ୍ଷ ଦେଖାଯାଏ ଯେ ଆମର ନିରାଶା, କଷ୍ଟ, ପରୀକ୍ଷା ତଥା ଅନ୍ୟମାନଙ୍କର ଲାଞ୍ଛନା ଭଗବାନଙ୍କର ମଙ୍ଗଳମୟ ବିଧାନର ଗୋଟିଏ ଗୋଟିଏ ଅଂଶ ।

ଆମ ସହିତ ଘଟିଥିବା ପ୍ରତିଟି ଘଟଣା ଆମକୁ ଆଶୀର୍ବାଦ ପ୍ରଦାନ କରି ଆମକୁ ଆମ ପଥରେ ଆଗକୁ ନେଇ ଯାଇଥାଏ । ତେଣୁ ଭଗବାନ ମୋତେ ଯେଉଁଠାରେ ରଖନ୍ତୁ ମୁଁ ଯିବି । ମୋତେ ଯେଉଁଠାକୁ ପଠାଇବେ ମୁଁ ଯିବି, ତାଙ୍କର ଚରଣ କମଳରେ ମୁଁ ସମସ୍ତ ସମସ୍ୟା ତୋଳିଦେଇ ଶରଣ ନେବି । ମୋତେ ଜାଣିବାକୁ ହେବ ଯେ, ଭଗବାନ ହେଉଛନ୍ତି ମୋର ସମସ୍ତ ସମସ୍ୟାର

Digitized by srujanika@gmail.com

ସମାଧାନ । ପ୍ରତ୍ୟେକ ପରିସ୍ଥିତିକୁ ମୁଁ "ସ୍ୱୀକାର କରୁଛି", "ସ୍ୱୀକାର କରୁଛି" ବୋଲି କହି ସ୍ୱାଗତ କରିବାକୁ ହେବ ।

୩ୟ ବ୍ୟାବହାରିକ ପ୍ରସ୍ତାବ :- ମୁଁ ଏହାକୁ କିପରି ବର୍ଣ୍ଣନା କରିବି ? ଅନ୍ୟମାନଙ୍କ ପାଇଁ ନିଜେ ଆଶୀର୍ବାଦର ରୂପ ଗ୍ରହଣ କର । ଯେଉଁ ଅନୁପାତରେ ତୁମେ ନିଃସ୍ୱାର୍ଥୀ ହେବ, ସେହି ଅନୁପାତରେ ତୁମର ହୃଦୟ ବିଶାଳ ହୋଇଯିବ । ଯେଉଁମାନେ ଏ ପୃଥିବୀରେ ସ୍ୱାର୍ଥପର ଜୀବନ ଯାପନ କରନ୍ତି, ସେମାନେ ନିଜର ସାମାନ୍ୟ ଲାଭପାଇଁ ଅନ୍ୟକୁ କ୍ଷତି ପହଞ୍ଚାଇ ଥାଆନ୍ତି । ସେମାନେ 'ଅନ୍ୟ ଜଗତ'କୁ ଗଲେ ନିଜକୁ କ୍ଷୁଦ୍ର ଏବଂ ଅନ୍ଧାର କୋଠରୀ ମଧ୍ୟରେ ବନ୍ଦୀ ଭାବରେ ପାଆନ୍ତି । ସେଥିପାଇଁ ନିଃସ୍ୱାର୍ଥୀ ହୋଇ ଜୀବନଯାପନ କର । ଅନ୍ୟମାନଙ୍କ ପାଇଁ ଆଶୀର୍ବାଦ ହୋଇଯାଅ । ଭଗବାନ ତୁମକୁ ଧନ-ସମ୍ପତ୍ତି, ପଦ-ଉପାଧି ତଥା କ୍ଷମତା ଦେଇ ଧନ୍ୟ କରିଛନ୍ତି । ତେଣୁ ତୁମେ ଅନ୍ୟମାନଙ୍କ ପାଇଁ ମଙ୍ଗଳମୟ ହୋଇଯାଅ । ବିନା ପ୍ରତିଦାନରେ ସବୁବେଳେ କେବଳ "ନେବା"ର ମନୋଭାବ ମନୁଷ୍ୟକୁ ପୂର୍ଣ୍ଣ ଅହଂକାରୀ ତଥା ସ୍ୱାର୍ଥୀ କରିଦେଇଥାଏ । ଅନ୍ୟର ଭଲପାଇଁ ଭଗବାନଙ୍କ ନାମରେ ନିଜର ସର୍ବଶ୍ରେଷ୍ଠ ତାଙ୍କୁ ଦେଇଦିଅ । ଅସୁବିଧାରେ ଥିବା ବ୍ୟକ୍ତିକୁ ସାହାଯ୍ୟ କର । ଅନ୍ୟର ବୋଝକୁ ଉଠାଇବାରେ ସାହାଯ୍ୟ କର ।

ସାଧୁ ଭାସୱାନୀଙ୍କ କଥା ମୋର ମନେ ପଡୁଛି, "କ'ଣ ଆପଣ ତାଙ୍କୁ ରାସ୍ତାରେ ଦେଖିଲେ ? କ'ଣ ଆପଣ ତାଙ୍କୁ ବୋଝ ତଳେ ଚାପିହୋଇ ରହିବାକୁ ଛାଡ଼ିଦେଲେ ?" ନିଜ କାନ୍ଧରେ ବୋଝ ବୋହିଯାଉଥିବା ବ୍ୟକ୍ତିଙ୍କୁ ସେହି ବୋଝତଳେ ଚାପିହୋଇ ରହିବାକୁ ଦିଅନ୍ତୁ ନାହିଁ । ବୋଝ କେବଳ ଶାରୀରିକ ନୁହେଁ, ବହୁତ ଲୋକ ମନର ଚିନ୍ତା ତଥା ଆଶଙ୍କାର ବୋଝରେ ଦୁଃଖୀ । ଯେଉଁମାନଙ୍କର ଜୀବନରେ ପ୍ରସନ୍ନତା ନାହିଁ, ସେମାନଙ୍କ ଜୀବନରେ ପ୍ରସନ୍ନତା ଆଣନ୍ତୁ । ସୁଖ ଆବଶ୍ୟକ କରୁଥିବା ଲୋକଙ୍କୁ ସୁଖ ଦିଅନ୍ତୁ ! ଯେଉଁମାନଙ୍କୁ ଆପଣଙ୍କ ସେବା ଦରକାର, ସେମାନଙ୍କର ସେବା କରିବା ପାଇଁ ତତ୍ପର

Digitized by srujanika@gmail.com

ଢୁଅନ୍ତୁ । ଗୋଟିଏ କ୍ଷଣ ପାଇଁ ମଧ୍ୟ ଭୁଲନ୍ତୁ ନାହିଁ ଯେ ଆପଣଙ୍କ ଏହି ଜୀବନ ତଥା ସମ୍ପଦ ଆପଣଙ୍କୁ ମିଳିଛି କେବଳ ଦୀନଦରିଦ୍ରଙ୍କ ସେବାପାଇଁ । ନିଜର ବନ୍ଧୁବାନ୍ଧବ ଓ ପଶୁପକ୍ଷୀଙ୍କ ସେବା ପାଇଁ ଆପଣଙ୍କୁ ଏହି ଅମାନତ ମିଳିଛି ।

ଭଗବାନ ଏବଂ ସନ୍ଥମାନଙ୍କ ସହିତ ପ୍ରେମ ତଥା ଭକ୍ତିର ସମ୍ବନ୍ଧ ରଖନ୍ତୁ । ଜୀବନର ପ୍ରତ୍ୟେକ ଅନୁଭବକୁ ''ମୋର ସ୍ୱୀକାର'' ମନ୍ତ୍ର ସହିତ ଆପଣାଇ ଆଗକୁ ବଢ଼ନ୍ତୁ ଓ ଅନ୍ୟମାନଙ୍କ ପାଇଁ ''ଶୁଭସ୍ୱରୂପ'' ରେ ପରିଣତ ହୋଇ ଯାଆନ୍ତୁ । ଭୋକରେ ରହନ୍ତୁ ଫଳରେ ଅନ୍ୟମାନେ ଖାଦ୍ୟ ପାଆନ୍ତୁ । ଜାଗ୍ରତ ରୁହନ୍ତୁ ଯାହାଫଳରେ ଅନ୍ୟମାନେ ଶୋଇପାରନ୍ତୁ । ଏବେ ତ ମୃତ୍ୟୁ ଆପଣଙ୍କୁ ଛୁଇଁ ହିଁ ପାରିବ ନାହିଁ । ଆପଣ ମୃତ୍ୟୁହୀନ ଜୀବନରେ ପ୍ରବେଶ କରିଯିବେ । ସେ ଜୀବନ ଅନନ୍ତ ।

ଫ୍ରାନସ୍‌ରେ ଗୋଟିଏ ଡାକ୍ତରଖାନାରେ ଦୁଇଜଣ ବ୍ୟକ୍ତି ମୃତ୍ୟୁଶଯ୍ୟାରେ ପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବିଶ୍ୱ ପ୍ରସିଦ୍ଧ ଲେଖକ ଭୋଲ୍‌ଟାୟାର୍ ଥିଲେ । ତାଙ୍କର ବହିସବୁ ଆଜି ମଧ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଢ଼ାଯାଉଛି । ସେ ମୃତ୍ୟୁଶଯ୍ୟାରେ ପଡ଼ିଥିଲେ ଏବଂ ତାଙ୍କ ଚାରିପାଖରେ ଡାକ୍ତର ଓ ନର୍ସମାନେ ତାଙ୍କ ଜୀବନ ରକ୍ଷାପାଇଁ ସମସ୍ତ ପ୍ରଚେଷ୍ଟା ଚଳାଇ ରଖିଥିଲେ । ଲେଖକଙ୍କର ମୁଖମଣ୍ଡଳରେ କଷ୍ଟ ଓ ପୀଡ଼ା ସ୍ପଷ୍ଟତଃ ଦେଖାଯାଉଥିଲା । ବାରମ୍ବାର ସେ ଚିତ୍କାର କରୁଥିଲେ, ''ଏବେ ମୋର କ'ଣ ହେବ ? ମୋତେ ଅନ୍ଧକାର ବ୍ୟତୀତ ଆଉ କିଛି ଦେଖାଯାଉନାହିଁ ।'' ଭୋଲ୍‌ଟାୟାର୍ ବହୁତ ପୁସ୍ତକ ରଚନା କରିଥିଲେ ମାତ୍ର ଈଶ୍ୱରଙ୍କ ସହିତ ପ୍ରେମ ତଥା ଭକ୍ତିର ସମ୍ବନ୍ଧ ଗଢ଼ି ନଥିଲେ । ମୃତ୍ୟୁ ସମୟରେ ସେ ନିଜକୁ ଏକାକୀ ତଥା ଅସହାୟ ଅନୁଭବ କଲେ ।

ସେହି ଡାକ୍ତରଖାନାରେ ଅନ୍ୟ ଏକ କୋଠରୀରେ ଗୋଟିଏ ଛୋଟ ଝିଅ ଥିଲା । ତା'ର ବୟସ ବାର ବର୍ଷ । ସେ ମଧ୍ୟ ମୃତ୍ୟୁର ସମ୍ମୁଖୀନ ଥିଲା ।

Digitized by srujanika@gmail.com

କିନ୍ତୁ ସେ ପ୍ରସନ୍ନ, ଶାନ୍ତ ତଥା ଅବିଚଳିତ ଥିଲା । ତା'ର ମୁଖମଣ୍ଡଳରେ ସ୍ମିତହାସ୍ୟ ଭରି ରହିଥିଲା । ଡାକ୍ତର ଓ ନର୍ସମାନେ ସେହି ମହାନ୍ ବ୍ୟକ୍ତିଙ୍କର ମୃତ୍ୟୁକୁ ଭୟ ଏବଂ ଏହି ଟିକି ଝିଅଟିର ଶାନ୍ତି ଦେଖି ଆଶ୍ଚର୍ଯ୍ୟ ଚକିତ ଥିଲେ । ସେମାନେ କୁନି ଝିଅଟିକୁ କହିଲେ, ''ଝିଅ, ତୁ ଜାଣିଛୁ କି ମୃତ୍ୟୁ ତୋର ସାମ୍ନାରେ ଅଛି । ତଥାପି ତୁ ହସୁଛୁ । କ'ଣ ତୁ ମୃତ୍ୟୁକୁ ଭୟ କରୁନାହୁଁ ?'' କୁନି ଝିଅଟି ନିଜର ଚପଳତା ସହିତ କହିଲା, ''ମୁଁ କ'ଣ ପାଇଁ ମୃତ୍ୟୁକୁ ଡରିବି ? ମୋ ସାମନାରେ ମୋର ପ୍ରିୟ ଯୀଶୁ ଖୋଲାହାତ ବଢ଼ାଇ ଠିଆ ହୋଇଛନ୍ତି । ସେ ମୋତେ କହୁଛନ୍ତି କି, ହେ ମୋର ଝିଅ, ମୋ ପାଖକୁ ଚଞ୍ଚଳ ଆସି ଯା !''

ସେହି ଛୋଟ ଝିଅଟି ଯୀଶୁଙ୍କ ସହିତ ପ୍ରେମ ତଥା ଭକ୍ତିର ସମ୍ବନ୍ଧ ଯୋଡ଼ିଥିଲା । ସେ ମୃତ୍ୟୁ ପାଇଁ ଭୟଭୀତ ନଥିଲା । ମୃତ୍ୟୁ ବେଳେ, ତା' ଓଠରେ ଗୋଟିଏ ଗୀତ ଥିଲା । ଗୀତଟି ହେଉଛି :-

ମୋର ପ୍ରିୟତମ ମୋର ସାମ୍ନାରେ
ମୋର ମୃତ୍ୟୁକୁ ନାହିଁ ଡରରେ,
ସୁରକ୍ଷିତ ଅଛି ତାଙ୍କ ବାହୁରେ
କେଉଁଠିକି ଯିବି, ସେହିଁ ଜାଣେରେ ।

ସେ ମୋତେ କେଉଁଠାକୁ ନେବେ, ତାଙ୍କୁହିଁ ଜଣା । ମୁଁ କେବଳ ଏତିକି ଜାଣୁଛି ଯେ ସେ ଯେଉଁଠାକୁ ନେଲେ ମଧ ମୋତେ ତାଙ୍କ ପାଖରେ ରଖିବେ । ମୋର କେବଳ ଏତିକି ଦରକାର । କାରଣ ତାଙ୍କରି ପାଖରେ ସମସ୍ତ ଶାନ୍ତି ଓ ଆନନ୍ଦ ଅଛି । ସେହି ଶାନ୍ତି ସମସ୍ତ ଜ୍ଞାନର ଉର୍ଦ୍ଧ୍ୱରେ ଓ ସେହି ଆନନ୍ଦ ଅନନ୍ତ ।

ଆମେମାନେ ମଧ୍ୟ ସେହି ଭଗବଦ୍ ପୁରୁଷଙ୍କ ସହିତ ପ୍ରେମ ଏବଂ ଭକ୍ତିର ସଂପର୍କ ସ୍ଥାପନ କରିବା । ଫଳରେ ଆମେ ପ୍ରତ୍ୟେକ ପରିସ୍ଥିତିକୁ ''ସ୍ୱୀକାର କରୁ'' ବୋଲି କହି ଅଭିବାଦନ କରିବା । ଏହାଦ୍ୱାରା ଆମେ

Digitized by srujanika@gmail.com

କଷ୍ଟକର ରାସ୍ତାରେ ଚାଲୁଥିବା ଅନେକ ଜୀବନ ପାଇଁ କଲ୍ୟାଣର ସ୍ରୋତ ହୋଇପାରିବା । ଆମେ ମଧ୍ୟ ମୃତ୍ୟୁ ସମୟରେ ସେହି କୁନି ଝିଅଟିର ଓଠରେ ଥିବା ଗୀତଟି ବୋଲି ପାରିବା । ''ମୋର ପ୍ରିୟତମ ମୋର ସାମ୍‌ନାରେ, ମୋର ମୃତ୍ୟୁକୁ ନାହିଁ ଡରରେ, ସୁରକ୍ଷିତ ଅଛି ତାଙ୍କ ବାହୁରେ, କେଉଁଠିକି ଯିବି ସେ ହିଁ ଜାଣେରେ ।''

❋ ❋ ❋

Digitized by srujanika@gmail.com

ମୃତ୍ୟୁର ଆରପାରିରେ

ପରଲୋକ ଜଗତ ହେଉଛି ଗୋଟିଏ କ୍ଷେତ୍ର ।

ପରଲୌକିକ ଜଗତରେ ପ୍ରତ୍ୟେକ ବ୍ୟକ୍ତିକୁ ନିଜର ଉପଯୋଗୀ କ୍ଷେତ୍ର ମିଳିଯାଏ ।

ମୃତ୍ୟୁ ପରେ ନିତାନ୍ତ ସ୍ୱାର୍ଥପର, କ୍ରୁର, କପଟୀ ବ୍ୟକ୍ତି ନିଜ ଲାଳସା ଓ ବାସନା ପାଇଁ ଅପାର୍ଥିବ ଲୋକର ନିମ୍ନତମ କ୍ଷେତ୍ର ମଧ୍ୟରେ ସ୍ଥାନ ପାଏ ।

ଏହି ପୃଥିବୀ ଲୋକରେ ପ୍ରେମ ତଥା କରୁଣାପୂର୍ଣ୍ଣ ଜୀବନ ଯାପନ କରୁଥିବା ବ୍ୟକ୍ତିକୁ ମୃତ୍ୟୁପରାନ୍ତ ଅପାର୍ଥିବ ଲୋକରେ ସୁନ୍ଦର ତଥା ଦିବ୍ୟ କ୍ଷେତ୍ର ମିଳିଥାଏ ।

ବହୁଦିନ ତଳେ ମୋ କିଶୋର ଅବସ୍ଥାରେ ଜଣେ ଶିକ୍ଷକଙ୍କ ଚିଠି ମିଳିଲା । ତାଙ୍କ ପତ୍ନୀଙ୍କର ତେୟାଅଶୀ ବର୍ଷୀୟା ବୃଦ୍ଧା ମା'ଙ୍କର ଦେହାନ୍ତ ହୋଇଗଲା । ଏହି ଘଟଣାରେ ସେ ଏତେ ବ୍ୟଥିତ ଥିଲେ କି ତାଙ୍କୁ ମାନସିକ ରୋଗ ହୋଇଗଲା । ତାଙ୍କୁ ଡାକ୍ତରଖାନା ନେବାକୁ ପଡ଼ିଲା ଏବଂ ICU ରେ ରଖିବାକୁ ପଡ଼ିଲା । ଯେତେବେଳେ ଆମ ନିଜର କାହାର ମୃତ୍ୟୁ ହୁଏ, ଆମେ ଆମର ମାନସିକ ସ୍ଥିରତା ହରାଇବସୁ । କେବେକେବେ ଆମେ ସପ୍ତାହ ତଥା ମାସ ମାସ ପର୍ଯ୍ୟନ୍ତ ଅବସାଦର ପଙ୍କ ମଧ୍ୟରେ, ନିରାଶା ମଧରେ ବୁଡ଼ି ରହୁ । ଯଦି ଆମର ମୃତ୍ୟୁ ସମ୍ବନ୍ଧରେ ସଂପୂର୍ଣ୍ଣ ଜ୍ଞାନ ଥାଆନ୍ତା ତେବେ ଆମକୁ ଏତେ ଗଭୀର ଶୋକ ଓ ଦୁଃଖ ଅନୁଭବ ହୁଅନ୍ତା ନାହିଁ । ଏହା ସତ ଯେ ଆମେ ଆତ୍ମୀୟଜନଙ୍କର ଅନୁପସ୍ଥିତିକୁ ଅନୁଭବ କରିବା । ଏହା ସହିତ ଆମେ ଜାଣିବା ଯେ ସେ

Digitized by srujanika@gmail.com

ସବୁଦିନପାଇଁ ଆମଠାରୁ ଦୂର ହୋଇ ନାହାନ୍ତି । ସେ ତ କେବଳ ''ଆରପାରି''କୁ ଚାଲିଗଲେ ଏବଂ ସେଠାରେ ଆମକୁ ପ୍ରତୀକ୍ଷା କରିଛନ୍ତି ।

ମୋର ଇଚ୍ଛା ଯେ ଆମର ସ୍କୁଲ ଓ କଲେଜମାନଙ୍କରେ ବିଦ୍ୟାର୍ଥୀମାନଙ୍କୁ ''ମୃତ୍ୟୁ'' ପର ଜୀବନର ଏକ ମହତ୍ୱପୂର୍ଣ୍ଣ ଦିଗ ସଂବନ୍ଧରେ ଶିକ୍ଷା ଦିଆଯାଉ । କାରଣ ମୃତ୍ୟୁ ହେଉଛି ଜୀବନର ଗୋଟିଏ ମହତ୍ୱପୂର୍ଣ୍ଣ ଅଂଗ ।

ଯାହାର ଜନ୍ମ ହୋଇଛି, ତାକୁ ଦିନେ ନା ଦିନେ ମୃତ୍ୟୁ ମଧ୍ୟ ମିଳିବ । ମୃତ୍ୟୁପରେ ତା'ର ଦଶା କ'ଣ ହୋଇଥାଏ ?

ଆଗରୁ ଆମେ ଆଲୋଚନା କରିଛେ ଯେ ବାସ୍ତବରେ ମୃତ୍ୟୁର କୌଣସି ଅସ୍ତିତ୍ୱ ନାହିଁ । ସୂର୍ଯ୍ୟ କେବେ ଅସ୍ତ ହୁଅନ୍ତି ନାହିଁ । ଏଠାରେ ଯେତେବେଳେ ସୂର୍ଯ୍ୟାସ୍ତ ଅନ୍ୟ ସ୍ଥାନରେ ସେତେବେଳେ ସୂର୍ଯ୍ୟୋଦୟ । ବାସ୍ତବରେ ମୃତ୍ୟୁ ହିଁ ନାହିଁ । ଯାହାକୁ ଆମେ ମୃତ୍ୟୁ କହୁଛେ ତାହା ଏକ ଭ୍ରମ ଏବଂ ଦୃଶ୍ୟ ମାତ୍ର । ବ୍ୟକ୍ତି ମରେ ନାହିଁ, ସେ ମରି ପାରିବ ନାହିଁ । ସେ ତ ଅଜର ଅମର ଜୀବନରେ ଜୀବିତ ରହିଥାଏ । ଯିଏ ମରିଥାଏ ତାହା ହେଉଛି ଭୌତିକ ଶରୀର । ଯାହା ବିନଷ୍ଟ ହୋଇଯାଏ ତାହା ହେଉଛି ଭୌତିକ ଆକାର । ଯେତେବେଳେ ଭୌତିକ ଶରୀର ନଷ୍ଟ ହୋଇଯାଏ, ସେତେବେଳେ ବ୍ୟକ୍ତି ଅନ୍ୟ ଏକ ଶରୀର, ସୂକ୍ଷ୍ମ ଶରୀର ମଧରେ ଜୀବିତ ରହେ । ସେ ପୂର୍ଣ୍ଣରୂପରେ ସେହି ବ୍ୟକ୍ତି ହିଁ ଥାଏ । କେବଳ ତା'ର ଭୌତିକ ଶରୀର ରହି ନଥାଏ । ପ୍ରକୃତରେ ସେହି ବ୍ୟକ୍ତିହିଁ ରହିଥାଏ । କେବଳ ଭୌତିକ ଦେହବିହୀନ ହୋଇଯାଏ । ତା'ର ସମସ୍ତ ବିଶିଷ୍ଟତା, ତା'ର ବିଚାର, ଇଚ୍ଛାସବୁ, ଭାବ ତଥା ଭାବନାସବୁ ପୂର୍ବପରି ସମାନ ଭାବରେ ଥାଏ । କାରଣ ସେହିହିଁ ସେ ସୂକ୍ଷ୍ମ ଶରୀରରେ ଏକା ବ୍ୟକ୍ତି ।

ଆଗରୁ କହିଛି ଯେ ଦିବଂଗତ ଆତ୍ମା ପାଇଁ ଶୋକ କରନ୍ତୁ ନାହିଁ । ଲୁହ ଗଡ଼ାଇଲେ, ତାଙ୍କ ପାଇଁ ବିଳାପ କଲେ, ତାଙ୍କର ଅନ୍ୟ ଜଗତକୁ ଯିବାରେ

Digitized by srujanika@gmail.com

ବାଧାଜାତ ହୁଏ । ଏ ଜୀବନ ସମାପ୍ତ ହେବା ମାତ୍ରେ ହିଁ ଅନ୍ୟ ଜୀବନ ଆରମ୍ଭ ହୋଇଯାଏ । ଯେଉଁଠାକୁ ସେ ଯାଏ ସେଠାରେ ମଧ୍ୟ ତାକୁ କିଛି କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ପଡ଼ିଥାଏ । ସେହି କାର୍ଯ୍ୟ କରିବାକୁ ତାଙ୍କୁ ସ୍ୱାଧୀନତା ଦେବା ଦରକାର । ସେ ଏହି ପୃଥିବୀର କର୍ତ୍ତବ୍ୟ କରିସାରିଛନ୍ତି, କିନ୍ତୁ ଆମକୁ ଆମ କର୍ତ୍ତବ୍ୟ କରିବାକୁ ହେବ । ଆମ କାର୍ଯ୍ୟ ଆମେ ସୁଚାରୁରୂପରେ କରିବା ଉଚିତ୍ ଏବଂ ଏହା ସହିତ ଆମକୁ ଛାଡ଼ି ଯାଇଥିବା ପ୍ରିୟ ବ୍ୟକ୍ତିଙ୍କୁ ଜାବୁଡ଼ି ଧରି ତାଙ୍କର ବିକାଶ ପଥରେ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । ଆମେ ଯେତେ ସମୟ ଆମର ବିଚାର ଦ୍ୱାରା ତାଙ୍କ ସହିତ ସଂପର୍କ ରଖୁ, ସେତିକି ସମୟ ତାଙ୍କ ମାର୍ଗରେ ବାଧା ଦେଉ । ମୁକ୍ତ ବ୍ୟକ୍ତିକୁ ବଂଧନ ମଧ୍ୟରେ ରଖନ୍ତୁ ନାହିଁ । ତାଙ୍କୁ ମୁକ୍ତ କରି ଦିଅନ୍ତୁ, ଯାହା ଫଳରେ ସେ ନିଜର ବିକାଶ ପଥରେ ବିନା ବାଧାରେ ଆଗେଇ ଯିବେ । ଆମେ ଆମର ପ୍ରତିଦିନର ପ୍ରାର୍ଥନାରେ ତାଙ୍କୁ ମନେ ପକାଇବା ଉଚିତ୍ ତଥା ତାଙ୍କରି ନାମରେ କିଛି ସେବା କାର୍ଯ୍ୟ କରିବା ଉଚିତ୍ ।

ଆଗରୁ ଏପରି କେତେକ ଘଟଣା ବର୍ଣ୍ଣନା କରାଯାଇଛି ଯେଉଁଥିରେ କୁହାଯାଇଛି ଯେ କେତେକ ଦିବଂଗତ ଆତ୍ମା ଭୌତିକ ସ୍ୱରୂପ ଧାରଣ କରି ନିଜ ସଂପର୍କୀୟ ତଥା ପରିଚିତ ବ୍ୟକ୍ତିମାନଙ୍କ ପାଖକୁ ସାକାର ରୂପରେ ଆସିଛନ୍ତି ତଥା ସେମାନଙ୍କୁ କହିଛନ୍ତି ଯେ ସେମାନେ ମଧ୍ୟ ଜୀବନ ଯାପନ କରୁଛନ୍ତି । ଏହା ସତ୍ୟ ଯେ ଯେଉଁମାନଙ୍କର ମୃତ୍ୟୁ ହୋଇଥାଏ, ସେମାନେ ମୃତ ନୁହଁନ୍ତି, ପ୍ରକୃତରେ ଜୀବିତ ଥାଆନ୍ତି । ସେ ଆମ ସହିତ ଅନେକ ପ୍ରକାର ସଂପର୍କ ସ୍ଥାପନ କରିଥାଆନ୍ତି । ଅନେକ ଘଟଣାରେ ''ମୃତକ''ମାନେ ଜୀବିତ ଲୋକଙ୍କ ସହିତ ସ୍ୱପ୍ନରେ ସଂପର୍କ ସ୍ଥାପନ କରିଥାଆନ୍ତି ।

ସେଫିନ୍ ଉଇଲ୍ କେସ୍ (Chaffin will case) ନାମରେ ପ୍ରସିଦ୍ଧ ଗୋଟିଏ ମାମଲାରେ ଏକ ସୁନ୍ଦର ଉଦାହରଣ ମିଳିଥାଏ । ଆମେରିକାରେ ଜେ.ସି.ସେଫିନ ନାମକ ଜଣେ କୃଷକ ରହୁଥିଲେ । ସେ ଚାରିଜଣ ପୁତ୍ରଙ୍କର

Digitized by srujanika@gmail.com

ପିତା ଥିଲେ । ୧୯୦୫ ମସିହା ନଭେମ୍ବର ମାସରେ ସେ ନିଜ ଇଚ୍ଛାପତ୍ର କରିଥିଲେ ଯେଉଁଥିରେ ସେ ନିଜର ସମସ୍ତ ଅଚଳ ସଂପତ୍ତି ନିଜର ତୃତୀୟ ପୁଅ ନାମରେ କରିଯାଇଥିଲେ । ପରେ ତାଙ୍କ ମନ ବଦଳିଗଲା । ୧୯୧୯ ମସିହା ଜାନୁଆରୀ ମାସରେ ସେ ଆଉ ଗୋଟିଏ ଇଚ୍ଛାପତ୍ର କଲେ । ନିଜ ସଂପତ୍ତି ନିଜର ଚାରି ପୁଅଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ନେବାର ତଥା ସେମାନେ ସମସ୍ତେ ନିଜ ମା'ଙ୍କର ଭରଣପୋଷଣ କରିବାର ଦାୟିତ୍ୱ ଦେଇଥିଲେ । ସେଦିନ ଏହି ଦ୍ୱିତୀୟ ଇଚ୍ଛାପତ୍ରଟିକୁ ନିଜ ଘରେ ଥିବା ବାଇବେଲ୍ ମଧ୍ୟରେ ରଖି ଦୁଇ ପୃଷ୍ଠାକୁ ଅଠା ଲଗାଇ ଦେଇଥିଲେ । ଏହି ଇଚ୍ଛାପତ୍ର ବିଷୟରେ ସେ କାହାକୁ ବି କିଛି କହି ନଥିଲେ । ୧୯୨୧ ମସିହାରେ ଗୋଟିଏ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଗଲା । ପ୍ରଥମ ଇଚ୍ଛାପତ୍ର ଅନୁସାରେ ତାଙ୍କର ତୃତୀୟ ପୁତ୍ରକୁ ସମସ୍ତ ସମ୍ପତ୍ତି ମିଳିଗଲା ।

ଚାରିବର୍ଷ ପରେ ୧୯୨୫ ମସିହା ଜୁନ୍ ମାସରେ ସେଦିନ ତାଙ୍କର ଦ୍ୱିତୀୟ ପୁତ୍ରର ସ୍ୱପ୍ନରେ ଆସିଲେ ଏବଂ ଅନ୍ୟ ଇଚ୍ଛାପତ୍ରଟି ବାଇବେଲ ମଧ୍ୟରେ ଅଠାଦିଆହୋଇରହିଥିବା କଥା କହିଲେ । ବାରମ୍ବାର ଏହି ସ୍ୱପ୍ନ ଦେଖିବା ଫଳରେ ଦ୍ୱିତୀୟ ପୁତ୍ରଟି ଘରର ବାଇବେଲକୁ ଆଣିଲେ ଓ କେତେକ ସାକ୍ଷୀମାନଙ୍କ ସାମ୍ନାରେ ସ୍ୱପ୍ନ ଅନୁସାରେ ଅଠାଦିଆଯାଇଥିବା ପୃଷ୍ଠା ମଧ୍ୟରୁ ଇଚ୍ଛାପତ୍ରଟିକୁ ବାହାର କଲେ । ନ୍ୟାୟାଳୟରେ ଏହା ଉପସ୍ଥାପିତ କରିବାରୁ ନ୍ୟାୟାଧୀଶ ଆଦେଶ ଦେଲେ ଯେ ଦ୍ୱିତୀୟ ଇଚ୍ଛାପତ୍ର ଅନୁସାରେ କାର୍ଯ୍ୟ ହେବ । ଆଦେଶ ଅନୁସାରେ ସମସ୍ତ ସମ୍ପତ୍ତି ଚାରି ଭାଇଙ୍କ ମଧ୍ୟରେ ବାଣ୍ଟି ଦିଆଗଲା ।

ଏହିପରି ଅନେକ ଉଦାହରଣ ଅଛି । ଆମର ପ୍ରିୟଜନ ଆମ ସ୍ୱପ୍ନରେ ଆସନ୍ତି ଏବଂ ଆମକୁ ସହାୟତା କରନ୍ତି । ମୋର ପରିଚିତ ଶ୍ରୀ ଜାମସେଦ୍‌ଜୀ ନେସରୱାଙ୍କ ଜୀବନର ଏକ ମନୋରଂଜକ ଘଟଣା ମନେ ପଡୁଛି । ସେ ଗୁରୁଦେବ ସାଧୁ ଭାସୱାନୀଙ୍କର ଘନିଷ୍ଠ ମିତ୍ର ଥିଲେ । ଥରେ ସାଧୁ ଭାସୱାନୀ

Digitized by srujanika@gmail.com

ଜାମସେଦ୍‌ଜୀଙ୍କୁ ''ଗରିବର ରକ୍ଷାକର୍ତ୍ତା'' ବୋଲି କହି ଅଭିନନ୍ଦନ କରିଥିଲେ । ବାସ୍ତବରେ ସେ ନିର୍ଦ୍ଧନଙ୍କର ରକ୍ଷାକର୍ତ୍ତା ଥିଲେ । ତାଙ୍କର ଜନ୍ମ ଗୋଟିଏ ଧନୀ ପରିବାରରେ ହୋଇଥିଲା । ସେ ତାଙ୍କର ସମସ୍ତ ସମ୍ପତ୍ତି ନିର୍ଦ୍ଧନଙ୍କ ପାଇଁ ଖର୍ଚ୍ଚ କରିଦେଇ ନିଜେ ନିର୍ଦ୍ଧନ ହୋଇଗଲେ । ତାଙ୍କ ପାଖକୁ ନିର୍ଦ୍ଧନ ଲୋକ ଅନେକ ସଂଖ୍ୟାରେ ଆସୁଥିଲେ ଏବଂ ଜାମସେଦ୍‌ଜୀ କାହାକୁ ମଧ୍ୟ ହତାଶ କରୁନଥିଲେ । ତାଙ୍କ ଜୀବନରେ ପ୍ରବଳ ଇଚ୍ଛା କେବଳ ଅନ୍ୟମାନଙ୍କର ସେବା ତଥା କଷ୍ଟ ଲାଘବ କରିବାର ଥିଲା ।

ଶ୍ରୀ ଜାମସେଦ୍‌ଜୀ ନେସରୱାଙ୍କୁ ''ଆଧୁନିକ କରାଚୀର ନିର୍ମାତା'' କହିବା ଠିକ୍ ହେବ । କେତେ ବର୍ଷ ପାଇଁ ମଧ ସେ କରାଚୀ ନଗର ନିଗମର ଅଧ୍ୟକ୍ଷ ଥିଲେ । ସେ ସମୟରେ ବମ୍ବେ ସରକାର ଏବଂ କରାଚୀ ନଗର ନିଗମ ମଧ୍ୟରେ ''ଆର୍ଟିଲେରୀ ମୈଦାନ'' ନାମକ ଗୋଟିଏ ବଡ଼ ଜମି ପାଇଁ ବିବାଦ ସୃଷ୍ଟି ହେଲା । ଜାମସେଦ୍‌ଜୀ ଦାବି କରୁଥିଲେ କି ଆର୍ଟିଲେରୀ ମୈଦାନ କରାଚୀ ନଗର ନିଗମର ଅଧୀନରେ ଆସୁଛି । ନିଜ ଦାବିକୁ ପ୍ରମାଣିତ କରିବାକୁ ତତ୍ ସଂବନ୍ଧିତ କାଗଜପତ୍ର ତାଙ୍କୁ ଦେଖାଇବାକୁ କୁହାଗଲା । ସେ ଜାଣିଥିଲେ ଯେ ସମସ୍ତ କାଗଜପତ୍ର ତାଙ୍କ ପାଖରେ ଥିଲା, କିନ୍ତୁ କେଉଁଠାରେ ହଜି ଯାଇଥିଲା । ବହୁତ ଖୋଜାଖୋଜି କଲାପରେ ମଧ୍ୟ ସେ କାଗଜପତ୍ର ମିଳିଲା ନାହିଁ ।

ଏହା ମଧରେ ବମ୍ବେଇ ସରକାର ଆର୍ଟିଲେରୀ ମୈଦାନର ପ୍ଲଟ୍‌କୁ ସର୍ବସାଧାରଣଙ୍କୁ ବିକ୍ରୟ ପାଇଁ ଗୋଟିଏ ବିରାଟ ନୋଟିସ୍ ଲଗାଇଦେଲେ । ସଂଗେ ସଂଗେ ଜାମସେଦ୍‌ଜୀ ଗୋଟିଏ ନୋଟିସ୍ ଲଗାଇଦେଲେ ଯେ ସେହି ସ୍ଥାନଟି ବିବାଦୀୟ ଏବଂ ନ କିଣିବା ପାଇଁ ଚେତାବନୀ ଦିଆଯାଇଥିଲା । ସେ ସମୟର ବମ୍ବେ ଗଭର୍ଣ୍ଣର ସାର୍ ଲାଉଡ୍‌ଙ୍କୁ ଯେତେବେଳେ ଏ ଖବର ମିଳିଲା ସେ କ୍ରୋଧିତ ହୋଇଗଲେ ଏବଂ କରାଚୀ ଯାଉଥିବା ପ୍ରଥମ ରେଳଗାଡ଼ିରେ ବସି ପଡ଼ିଲେ । ଜାମସେଦଜୀଙ୍କୁ ଡକାଗଲା ଏବଂ ସମସ୍ତ କାଗଜପତ୍ର

Digitized by srujanika@gmail.com

ଦେଖାଇବାକୁ କୁହାଗଲା । ଜାମସେଦ୍‌ଜୀଙ୍କ ମୁଣ୍ଡରେ କିଛି ପଶୁ ନଥିଲା । ସେହି ସମୟରେ ସେ ପରଲୋକଗତ ମା'ଙ୍କୁ ମନେ ପକାଇଲେ । ନିଜର କିଶୋର ଅବସ୍ଥାରେ ଯଦି କୌଣସି ଜିନିଷ ହଜି ଯାଉଥିଲା ସେ ନିଜ ମା'ଙ୍କୁ ହିଁ କହୁଥିଲେ ଏବଂ ମା' ଖୋଜି ଦେଉଥିଲେ । ସେ ନିଜ ମା'ଙ୍କୁ ମନେ ପକାଇ ଶୋଇପଡ଼ିଲେ ।

ରାତିରେ ସେ ଗୋଟିଏ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ତାଙ୍କ ମା' ଆସି ତାଙ୍କୁ କହିଲେ, ''ପୁଅ ! ତୁ ଯେଉଁ କାଗଜପତ୍ର ଖୋଜୁଛୁ, ତାହା ତୋର ବହି ଥାକରେ ଅମୁକ ବହି ମଧ୍ୟରେ ଅଛି ।'' ଅତି ଭୋର୍‌ରୁ ଜାମସେଦ୍‌ଜୀ ନିଦରୁ ଉଠି ପଡ଼ିଲା ପରେ ମଧ ସେ ସ୍ୱପ୍ନ ତାଙ୍କର ପୂରା ମନେ ଥିଲା । ସେ ସିଧା ବହିଥାକ ପାଖକୁ ଗଲେ ଓ ନିଃସନ୍ଦେହରେ ସେହି ବହି ଭିତରେ ସେ କାଗଜସବୁ ଥିଲା ଯାହା ତାଙ୍କ ମା' ତାଙ୍କୁ ସ୍ୱପ୍ନରେ କହିଥିଲେ ।

❋ ❋ ❋

Digitized by srujanika@gmail.com

ଦିବଂଗତ ମୃତ ନୁହଁନ୍ତି

ଏବେ ଆମ ସାମନାରେ ପ୍ରଶ୍ନ ଉଠୁଛି, ଯେତେବେଳେ ବ୍ୟକ୍ତି ନିଜର ଭୌତିକ ଶରୀର ତ୍ୟାଗକରି ମୃତ୍ୟୁର ଆର ପାରିକୁ ଚାଲିଯାଏ, ସେତେବେଳେ ସେ ବ୍ୟକ୍ତିର ଦଶା କ'ଣ ହୁଏ ? ତାକୁ ସଂଗେ ସଂଗେ ଆଲୋକ, ମୁକ୍ତି ତଥା ପ୍ରସନ୍ନ ଚିତ୍ତର ଅନୁଭବ ହୋଇଥାଏ । ଏପରି ଲାଗେ ଯେପରି ଅଚାନକ ତା' କାନ୍ଧରୁ ଭାରିବୋଝ ଓହ୍ଲାଇ ଯାଇଛି । ସେ ଅତ୍ୟଧିକ ମୁକ୍ତ ତଥା ଜୀବନ୍ତ ଅନୁଭବ କରେ । ଗୋଟିଏ ଦେହ ତ୍ୟାଗ କରିଥିବା ଆତ୍ମାକୁ ଦେହତ୍ୟାଗର ପରେ ପରେ ପଚରାଗଲା, ''ଆପଣତ ମରିସାରିଛନ୍ତି, ଏବେ ଆପଣଙ୍କୁ କିପରି ଲାଗୁଛି ?'' ସେ ଉତ୍ତର ଦେଲେ, ''ଆପଣ ହୁଏତ ମୃତ କିନ୍ତୁ ମୁଁ ନୁହେଁ ।'' ମୃତ୍ୟୁର ଆରପାରିକୁ ଯାଇଥିବା ବ୍ୟକ୍ତିକୁ ମୁକ୍ତି ତଥା ସଚଳ ଜୀବନର ଅଦ୍‌ଭୁତ ଅନୁଭୂତି ହୋଇଥାଏ ।

ପୃଥିବୀ ଉପରେ ରହି ଆମକୁ ନିଜର ଭୌତିକ ଶରୀରର ଭାର ବହନ କରିବାକୁ ପଡ଼ିଥାଏ । ଆମକୁ ଏହି ଭୌତିକ ଶରୀର ନେଇ ନିର୍ଦ୍ଧାରିତ ସୀମା ମଧ୍ୟରେ ରହିବାକୁ ପଡ଼ିଥାଏ । ଏହା ସହଜରେ ଅନୁମାନ କରାଯାଇପାରେ ଯେ ଆମେ ଦେହତ୍ୟାଗ କଲାବେଳେ ବେଶ୍ ହାଲୁକା ଅନୁଭବ କରିବା, ଭାରମୁକ୍ତ ତଥା ଆନନ୍ଦ ଅନୁଭବ କରିବା । ଆପଣ ଭୌତିକ ଦେହର ଭାରରୁ ମୁକ୍ତ ହେବେ, ଏବଂ ସୀମା-ବନ୍ଧନରୁ ଦୂରେଇ ଯିବେ, ଏବଂ ସ୍ୱାଧୀନ ଓ ଅତ୍ୟଧିକ ଗତିଶୀଳ ହୋଇଯିବେ ।

କିଛିଦିନ ପୂର୍ବେ ଗୋଟିଏ ପୁସ୍ତକ ପ୍ରକାଶ ପାଇଥିଲା । ଏହା ଖୁବ୍ ହଇଚଇ ସୃଷ୍ଟି କରିଥିଲା । ଏହି ପୁସ୍ତକର ଅନେକ ସଂସ୍କରଣ ପ୍ରକାଶିତ ହୋଇଗଲାଣି । ଏହି ବହିର ନାମ ''ଜୀବନୋତ୍ତର ଜୀବନ'' (Life After

Digitized by srujanika@gmail.com

Life) । ଏହି ବହିର ଲେଖକ ଡକ୍ଟର ରେମଣ୍ଡ ମୁଡ଼ି (Dr. Raymond Moody)ଜଣେ ବୈଜ୍ଞାନିକ ତଥା ମାନସିକ ରୋଗ ଚିକିତ୍ସକ । ସେ ଶହେରୁ ଅଧିକ ଲୋକଙ୍କର ସାକ୍ଷାତକାର ନେଇଥିଲେ, ଏମାନଙ୍କୁ ଡାକ୍ତର ମୃତ ଘୋଷଣା କରି ସାରିଥିଲେ । ଡାକ୍ତରମାନେ ସେମାନଙ୍କୁ ପରୀକ୍ଷା କରି ଦେଖିଲେ ଯେ ସେମାନଙ୍କ ମଧ୍ୟରେ ଜୀବନର କୌଣସି ଚିହ୍ନ ନାହିଁ । ନାଡ଼ି ବନ୍ଦ ହୋଇଯାଇଥିଲା । ଶ୍ୱାସକ୍ରିୟା ମଧ ବନ୍ଦ ହୋଇଯାଇଥିଲା । ଡାକ୍ତର ସେମାନଙ୍କୁ "ମୃତ" ଘୋଷଣା କରିଦେଇଥିଲେ । କିନ୍ତୁ କିଛି ସମୟ ପରେ କେତୋଟି ଘଟଣାରେ, ମୃତବ୍ୟକ୍ତି ପୁନର୍ଜୀବିତ ହୋଇଗଲେ । ସେମାନଙ୍କ ଶରୀର ହଲଚଲ ହେଲା ଓ ସେମାନେ ଆଖି ଖୋଲିଲେ ।

ଏହା ଏକ କାଳ୍ପନିକ ଗଳ୍ପ ନୁହେଁ । ଏବେ ମଧ୍ୟ ଆମ ମଧ୍ୟରେ ଦୁଇଜଣ ଅନୁଭବୀ ଭଉଣୀ ଅଛନ୍ତି । ସେମାନଙ୍କର ମା'ଙ୍କୁ ଚିକିତ୍ସାଶାସ୍ତ୍ର ଅନୁସାରେ ମୃତ ଘୋଷଣା କରି ଦିଆଯାଇଥିଲା । ସେମାନଙ୍କ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ଶ୍ମଶାନ ଘାଟକୁ ନେବାର ଯୋଗାଡ଼ ଚାଲିଥିଲା । ସେତିକିବେଳେ ହଠାତ୍ ତାଙ୍କ ଶରୀରରେ ଚଞ୍ଚଳତା ଦେଖାଦେଲା । ମା' ଆଖି ଖୋଲି କହିଲେ, "ମୁଁ ଶରୀରରୁ ବାହାରି ଯାଇଥିଲି । ମୁଁ ମଧ୍ୟ ଦିବ୍ୟ ଲୋକରେ ପହଞ୍ଚି ସାରିଥିଲି । ସେଠାରେ ମୋତେ ପୃଥିବୀ ଲୋକକୁ ଫେରିଯାଇ ନିଜର ଭୌତିକ ଶରୀରରେ ପୁନଃପ୍ରବେଶ କରିବାକୁ କୁହାଗଲା । ନିଜ ପ୍ରିୟଜନଙ୍କୁ ସାନ୍ତ୍ୱନା କରିବାକୁ ନିର୍ଦ୍ଦେଶ ଦିଆଗଲା । ନିଜ ପିଲାମାନଙ୍କୁ ବିଦାୟ କହି ତାଙ୍କଠାରୁ ଶୁଭକାମନା ନେଇ ପୁଣି ଫେରିଆସିବାକୁ ଇଙ୍ଗିତ ପାଇଲି ।" ଏହା ହିଁ ଘଟିଥିଲା । ମା' ନିଜର ପ୍ରତ୍ୟେକ ସନ୍ତାନଙ୍କଠାରୁ ବିଦାୟ ନେଲେ । ଆଶୀର୍ବାଦ ଦେଲେ ଏବଂ ପ୍ରାୟ ଦୁଇଘଣ୍ଟା ପରେ ତାଙ୍କ ଶରୀରର ମୃତ୍ୟୁ ହୋଇଯାଇଥିଲା ।

* * *

Digitized by srujanika@gmail.com

ମୃତ୍ୟୁ ପରର ଜୀବନ

ଡଃ ମୁଡ଼ି ଏପରି ଅନେକ ଲୋକଙ୍କର ସାକ୍ଷାତକାର ନେଇଥିଲେ । ସେ ଲୋକମାନଙ୍କର ମୃତ୍ୟୁ ହୋଇଯାଇଥିଲା । ସେମାନେ ମୃତ୍ୟୁର ଆରପାରିକୁ ଚାଲିଯାଇଥିଲେ ଏବଂ କିଛି ସମୟ ପରେ ଫେରି ଆସିଥିଲେ । ମୃତ୍ୟୁପରେ କ'ଣ ହୁଏ ତାଙ୍କର ତଥା ଅନ୍ୟ କେତେକଙ୍କର ବିବରଣୀରୁ କିଛିଟା ଜଣାଯାଏ ।

ସେମାନଙ୍କ ମଧ୍ୟରୁ କେତେକ ଡଃ ମୁଡ଼ଙ୍କୁ କହିଥିଲେ ଯେ ସେମାନଙ୍କୁ ମୃତ ବୋଲି ଡାକ୍ତର ଘୋଷଣା କରିବା କଥା ସେମାନେ ଶୁଣି ପାରୁଥିଲେ । ଏହାପରେ ସେମାନେ ନିଜକୁ ନିଜ ଶରୀରର ବାହାରେ ଥିବାର ଜାଣୁଥିଲେ । ଅତି ପରିଚିତ ଘର ଏବଂ ନିଜେ ରହିବା କୋଠରୀ ମଧ୍ୟରେ ରହିଥିବାର ଦେଖୁଥିଲେ । ସେମାନେ ଦୂରରୁ ନିଜ ଶରୀରକୁ ଏପରି ଦେଖୁଥିଲେ ସତେ ଯେପରି ସେମାନେ କେବଳ ଦର୍ଶକ । ସେମାନଙ୍କ ମଧ୍ୟରୁ କେତେକ କହିଛନ୍ତି ଯେ ତାଙ୍କର ଜୀବନ ରକ୍ଷା କରିବାପାଇଁ ତାଙ୍କ ହାତରେ ଡାକ୍ତର ଇଂଜେକସନ୍ ଦେବା ସେମାନେ ଦେଖୁଥିଲେ । ଏହା ମଧ୍ୟରେ ସେମାନେ ନିଜ ଶରୀରକୁ କେବଳ ମାତ୍ର ଦର୍ଶକ ହିସାବରେ ଦେଖୁଥିଲେ । ସେମାନେ ନିଜ ଶରୀରର ଅନୁରୂପ ସୂକ୍ଷ୍ମ ଭାବନାକୁ ଅନୁଭବ କରୁଥିଲେ । ସେପର୍ଯ୍ୟନ୍ତ ସେ ଅନୁଭବ କରି ପାରୁନଥିଲେ ଯେ ସେହି ଶରୀରଟି ତାଙ୍କର ନୁହେଁ ।

ଶରୀର ଛାଡ଼ିବାର କିଛି ସମୟ ପରେ ସେ ନୂଆ ତଥା ଅଦ୍‌ଭୁତ ପରିସ୍ଥିତିକୁ ଉପଲବ୍ଧି କରନ୍ତି । ଜାଣିପାରନ୍ତି ଯେ ସେ ଭୌତିକ ଶରୀରକୁ ତ୍ୟାଗ କରି ସାରିଛନ୍ତି ଓ ପୁରୁଣା ଶରୀରରୁ ଭିନ୍ନ ଏକ ନୂତନ ଶରୀରରେ ଅଛନ୍ତି । ନିଜର ନୂତନ ଶରୀରରେ ସେ ପ୍ରେମ ତଥା ଶାନ୍ତିର ଗଭୀର ଭାବରେ ଅଭିଭୂତ ହୋଇପଡ଼ନ୍ତି ।

Digitized by srujanika@gmail.com

ମୃତ୍ୟୁ ପୂର୍ବରୁ ଆସିଥିବା ଦିବଂଗତ ମିତ୍ର ତଥା ସଂପର୍କୀୟମାନଙ୍କୁ ସେ ଦେଖିବାକୁ ପାଆନ୍ତି । ସେତେବେଳେ ସେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ସେମାନେ ସମସ୍ତେ ତ ଜୀବିତ ! ମୃତ ଲୋକ କିପରି ତାଙ୍କୁ ଦେଖା କରି ପାରିବେ । ପର ମୁହୂର୍ତ୍ତରେ ସେ ଏପରି କିଛି ଦେଖନ୍ତି ଯାହା ଶବ୍ଦରେ ବ୍ୟକ୍ତ କରିବା ଅସମ୍ଭବ । ସେ ଆଲୋକ ଦେଖନ୍ତି, ଉଜ୍ଜ୍ୱଳତା ଦେଖନ୍ତି, ମନେହୁଏ ସତେ ଯେପରି ଲକ୍ଷ ଲକ୍ଷ ସୂର୍ଯ୍ୟ ଏକ ସଂଗରେ ଚମକୁଛନ୍ତି । ଏହି ପରିପ୍ରକାଶ ଗୋଟିଏ "ସମନ୍ୱିତ ରୂପରେ" ଦେଖାଯାଏ । ବିଭିନ୍ନ ଲୋକ ନିଜ ଇଷ୍ଟ ଦେବତାଙ୍କ ଅନୁରୂପ "ଛବି" ଏହି ପରିପ୍ରକାଶ ମଧ୍ୟରେ ଦେଖନ୍ତି । ଡଃ ମୁଡ଼ିଙ୍କ ସାକ୍ଷାତକାର ଅନୁସାରେ ଅନେକ ଖ୍ରୀଷ୍ଟିଆନ୍ ହୋଇଥିବାରୁ ସେହି ପରିପ୍ରକାଶକୁ ଯୀଶୁ ବୋଲି ଦେଖନ୍ତି । ଗୋଟିଏ ଇହୁଦୀ ଦମ୍ପତ୍ତି ସେହି ପରିପ୍ରକାଶକୁ ଦେବଦୂତ ରୂପରେ ଦେଖିଲେ । ଜଣେ ନାସ୍ତିକ ସେହି ପରିପ୍ରକାଶକୁ କେବଳ ପ୍ରକାଶ ବୋଲି ଦେଖିଲେ ।

ଏଠାରେ ଧ୍ୟାନ ଦେବାର କଥା ଯେ, ଯେତେବେଳେ ଜଣେ ବ୍ୟକ୍ତିର ମୃତ୍ୟୁ ହୁଏ, ସେ ନିଜର ଭୌତିକ ଦେହ ତ୍ୟାଗ କରେ ଏବଂ ଗୋଟିଏ ରୂପ ବା ପରିପ୍ରକାଶର ସମ୍ମୁଖୀନ ହୋଇଥାଏ । ଏହା ତା'ର ନିଜ ଧର୍ମୀୟ ପୃଷ୍ଠଭୂମିର ଆଧାରରେ କୃଷ୍ଣ କିମ୍ବା ରାମ, ଯୀଶୁ, ମୋସେଜ କିମ୍ବା ମହମ୍ମଦ, ଯୋରଷ୍ଟର ଅଥବା ବାହାଉଲ୍ଲା ତଥା ଅନ୍ୟ କୌଣସି ଭଗବତ୍ ପୁରୁଷ ରୂପରେ ଦେଖାଯାଏ ।

ଯେତେବେଳେ ମୁଁ ମୋର ଏହି ପାର୍ଥିବ ଶରୀର ତ୍ୟାଗ କରିବି, ସେତେବେଳେ ମୋର ଇଷ୍ଟ ହିଁ ପରିପ୍ରକାଶ ସ୍ୱରୂପରେ ଆସିବେ । ସେତେବେଳେ ମୋର କ'ଣ ହେବ ? ସେତେବେଳେ ମୋର ଜନ୍ମଠାରୁ କରିଥିବା ନିଜର ପ୍ରତ୍ୟେକ କାର୍ଯ୍ୟ ମୋ ଆଗରେ ଚିତ୍ରପଟ ରୂପରେ ଦେଖାଦେବ । ଏହା ଏପରି ଯେ ସତେ ଯେପରି **ମୁଁ ନିଜ ଜୀବନର ଫିଲ୍ମ** ଦେଖୁଛି । ନିଜେ କରିଥିବା ସମସ୍ତ କର୍ମର **ପୂରା** ବିବରଣୀ ଏବଂ **କ୍ଷୁଦ୍ରରୁ** କ୍ଷୁଦ୍ରତମ କର୍ମର ଛବି ଉଦ୍‌ଭାସିତ ହେବ । **ମୁଁ ସମସ୍ତଙ୍କ** ସାମନାରେ ହେଉ

Digitized by srujanika@gmail.com

କିମ୍ବା ଏକୁଟିଆ ହେଉ, ଆଲୋକରେ ହେଉ କିମ୍ବା ଅନ୍ଧକାରରେ ହେଉ ଲୋକଙ୍କ ଆଗରେ କିମ୍ବା କେହି ଦେଖି ନଥିବା ଯେଉଁ ସବୁ କାର୍ଯ୍ୟ କରିଥାଏ, ତାହା ମୋ ଦୃଶ୍ୟପଟକୁ ଆସିଯିବ ।

ସେତେବେଳେ ମୋର କି ଦଶା ହେବ ତାହା କଳ୍ପନା କରନ୍ତୁ । ଏପରି ଅନେକ କାର୍ଯ୍ୟ ଅଛି ଯାହା ମୁଁ ଅନ୍ଧାରରେ କରିଛି । ମୋର ବିଶ୍ୱାସ ଯେ ଏହା କେହି ଦେଖୁନାହିଁ କିମ୍ବା କେହି ଏ ବିଷୟରେ ଜାଣିପାରୁନାହିଁ । ମାତ୍ର ସେ ସବୁ ଫିଲ୍ମ ପରି ଯଦି ଦେଖାଦେବ ! ମୋ ସମ୍ମୁଖରେ ଥିବା ପରିପ୍ରକାଶ-ସ୍ୱରୂପଙ୍କୁ ମଧ୍ୟ ତାହା ଦେଖାଦେବ । ପୂର୍ବରୁ ମୁଁ ଭାବୁଥିଲି ଯେ ଯେଉଁସବୁ କର୍ମ ମୁଁ ପୃଥିବୀ ଲୋକରେ କରିଛି ତାହା ବିଷୟରେ ଅନ୍ୟମାନେ ଅଜ୍ଞ । କିନ୍ତୁ ସେ ଅଜ୍ଞତା କଟିଯିବ ।

ସେହି ସମୟରେ ମଧ ଅନ୍ୟ କିଛି ଅନୁଭବ ହେବ । ଅତୀତରେ କ୍ରୋଧ ଏବଂ ଈର୍ଷାର ଭାଷା ମୁଁ ପ୍ରୟୋଗ କରିଛି । କୁଟିଳ ବିଚାର ସବୁକୁ ମୁଁ ଜୀବନରେ ଗୁରୁତ୍ୱ ଦେଇଛି । ସେସବୁ ଦେଖି ନିଜେ ଲଜ୍ଜାରେ ପଡ଼ିଯିବି । ସେହି ସମୟରେ ଅନ୍ୟ କିଛି ଆଶ୍ଚର୍ଯ୍ୟଜନକ ଅନୁଭବ ମଧ୍ୟ ହେବ । ଏପରି ଅନୁଭବ ହେବ ଯେ ପରିପ୍ରକାଶ-ସ୍ୱରୂପ ମୋ ଆଗରେ ଉପସ୍ଥିତ । କୃଷ୍ଣ, ବୁଦ୍ଧ କିମ୍ବା ଯୀଶୁଙ୍କ ପରି । ଗୋଟିଏ ପ୍ରେମ ସ୍ୱରୂପ ମୋ ଆଗରେ ଅଛନ୍ତି । ସିଏ ମୋ ବିଷୟରେ ସମସ୍ତ କଥା ଜାଣିଛନ୍ତି । ସେ ପୂର୍ଣ୍ଣ ରୂପରେ ମୋତେ ସ୍ୱୀକାର କରୁଛନ୍ତି । ସେ ମୋତେ ପ୍ରେମ କରୁଛନ୍ତି କାରଣ ସେ ମୋର ମିତ୍ର ।

ସାଧୁ ଭାସୱାନୀ ଆମକୁ ପ୍ରେମର ଅନୁପମ ପରିଭାଷା ଦେଇଛନ୍ତି । ମିତ୍ର କିଏ ? ସାଧୁ ଭାସୱାନୀ କହନ୍ତି, "ଆପଣଙ୍କର ପ୍ରକୃତ ମିତ୍ରଙ୍କୁ ଚିହ୍ନନ୍ତୁ । ସେମାନେ ଆପଣଙ୍କର ଦୋଷତ୍ରୁଟିକୁ, ଆପଣଙ୍କର ଦୁର୍ବଳତାକୁ ତଥା ଅପୂର୍ଣ୍ଣତାକୁ ଜାଣନ୍ତି ତଥାପି ଆପଣଙ୍କୁ ଭଲ ପାଆନ୍ତି !" ଏହି ପରି ଜଣେ ମିତ୍ର ହେଉଛନ୍ତି ଶ୍ରୀକୃଷ୍ଣ । ସେହିପରି ମିତ୍ର ହେଉଛନ୍ତି ବୁଦ୍ଧ, ଯୀଶୁ, ଜୋରଷ୍ଟର, ମହମ୍ମଦ,

Digitized by srujanika@gmail.com

ମୋସେସ୍, ବାହାଉଲ୍ଲା, ଗୁରୁ ନାନକ ଅଥବା ଅନ୍ୟ କୌଣସି ଭଗବତ୍ ପୁରୁଷ । ଏମାନଙ୍କୁ ଆପଣ ରାତିଦିନ ପ୍ରାର୍ଥନା କରନ୍ତି । ସେଥିପାଇଁ ମୁଁ ଆପଣଙ୍କୁ ବାରମ୍ବାର କହୁଛି ଯେ ଏହିପରି ଜଣେ ମିତ୍ରଙ୍କ ସହିତ ଆପଣ ନିବିଡ଼ତା ରଖନ୍ତୁ । ମୃତ୍ୟୁର ଯାତ୍ରା ପୂର୍ବରୁ ମୁଁ ନିଜ ଜୀବନରେ ଯେତେବେଳେ ବିସ୍ତୃତ ଦୃଶ୍ୟପଟକୁ ଦେଖୁଛି, ସେତେବେଳେ ମୋତେ ବହୁତ ନିରାଶ ତଥା ଏକୁଟିଆ ଲାଗୁଛି । ମୋତେ ଲାଗୁଛି ଯେ ଅନ୍ଧକାର ମୋତେ ଘେରି ରହିଛି ।

ସେହି ପରିପ୍ରକାଶ-ସରୂପକୁ ଯିଏ ଯେଉଁ ରୂପରେ ଦେଖନ୍ତୁନା କାହିଁକି ସେ ''ଏକ''ଅଟନ୍ତି । ଋଷିମାନେ ତାହାଙ୍କୁ ଅନେକ ନାମରେ ଡାକନ୍ତି କିନ୍ତୁ ସେ ଏକ ଏବଂ ଅଭିନ୍ନ । ମନୁଷ୍ୟ ସେହି ''ଏକ'' କୁ ଅନେକ ରୂପରେ ମାନ୍ୟତା ଦେଇଥାଏ । ତାଙ୍କର ସମ୍ମୁଖୀନ ହେଲେ ମୋର ତାଙ୍କୁ ଜାବୁଡ଼ି ଧରିବାକୁ ଇଚ୍ଛା ହୁଏ । ମୁଁ ତାଙ୍କୁ କହେ ଯେ ମୁଁ ଆପଣଙ୍କୁ କେବେ ବି ଛାଡ଼ିବି ନାହିଁ । ହେ ମୋର ପ୍ରିୟ ! ମୋତେ ମଧ୍ୟ ଆପଣ ଛାଡ଼ିବେ ନାହିଁ । ମୁଁ ତାଙ୍କ ଚରଣତଳେ ନତମସ୍ତକ ହୋଇଯାଏ ଏବଂ ମୋର ପଶ୍ଚାତାପର ଅଶ୍ରୁରେ ଧୋଇଦିଏ । ସେ ମୋତେ ଉଠାଇ ନିଜର ବିରାଟ ଜ୍ୟୋତିର୍ମୟ ପ୍ରେମ ପରିପୂର୍ଣ୍ଣ ଆଖିରେ ଦେଖନ୍ତି ଏବଂ ମୋତେ ପଚାରନ୍ତି, ''ହେ ମୋ ସନ୍ତାନ ! ତୁ ନିଜ ଜୀବନ ସହିତ ଏସବୁ କ'ଣ କଲୁ ?''

ସେ ସମୟରେ ମୋର ଜ୍ଞାନ ହୁଏ ଯେ ମୋର ଏ ଜୀବନଟି ଭଗବାନଙ୍କ ଦ୍ୱାରା ବିଶେଷ ଉଦ୍ଦେଶ୍ୟରେ ଉପହାର ସରୂପ ମିଳିଥିଲା । ଆହାଃ ! ଲୋଭର ବଶବର୍ତ୍ତୀ ହୋଇ, ବାସନାର ଜଞ୍ଜାଳ ମଧ୍ୟରେ ବୁଡ଼ି, ମୋହର ଆକର୍ଷଣରେ ପଡ଼ି ମୁଁ ସେ ଉଦ୍ଦେଶ୍ୟକୁ ପୂରାପୂରି ଭୁଲିଗଲି । ମୁଁ ମୋ ଜୀବନ ନଷ୍ଟ କରିଦେଲି । ମୁଁ ଛାଇ ପଛରେ ଦଉଡ଼ିଲି । ମୁଁ ଖୁସି, ସାମୀତ୍ୱ, ପ୍ରଭୁତ୍ୱ ତଥା କ୍ଷମତା ପଛରେ ଦଉଡ଼ିଲି । ମୁଁ ଜୀବନ ନାମକ ଅପୂର୍ବ ରତ୍ନକୁ କ୍ଷଣିକ ଆନନ୍ଦ ତଥା ଭୌତିକ ସୁଖ ପାଇଁ ନଷ୍ଟ କରିଦେଲି । ମୁଁ କିଛି ଅର୍ଜନ କରି ପାରିଲି ନାହିଁ । ଏଠାରେ ମୁଁ ଖାଲି ହାତରେ ଠିଆ ହୋଇଛି । ମୋର ପ୍ରିୟତମଙ୍କର

Digitized by srujanika@gmail.com

ଏହି ପ୍ରଶ୍ନର କି ଉତ୍ତର ଦେବି । ''ହେ ମୋର ସନ୍ତାନ ! ତୁ ତୋର ଜୀବନ ସହିତ ଏ କ'ଣ କଲୁ ?''

ଆମକୁ ଏହି ବିଚାର କରିବାକୁ ହେବ । ଆମେ ଯେତେବେଳେ ମୃତ୍ୟୁ ପଥରେ ପ୍ରବେଶ କରିବା ସେତେବେଳେ ଆମେସବୁ ଆମର ପ୍ରିୟତମଙ୍କ ସମ୍ମୁଖରେ ଉପସ୍ଥିତ ହେବା । ସେ ଆମକୁ ପଚାରିବେ, ''ହେ, ମୋର ସନ୍ତାନ ! ତୁ ନିଜ ଜୀବନ ସହିତ ଏ କ'ଣ କଲୁ ?'' ଆମେ କି ଉତ୍ତର ଦେବା ? ଆମକୁ ଏହାର ଉତ୍ତର ନିଜେ ଭାବିବାକୁ ପଡ଼ିବ । ଜଣେ ସନ୍ଥଙ୍କର ବାଣୀ ମନେ ପଡୁଛି । ''ଏବେ ବି ବେଶି ଡେରି ହୋଇନାହିଁ । ଆମ ଶରୀରରେ ଶ୍ୱାସ ପ୍ରଶ୍ୱାସ ଲାଗିରହିଥିବା ପର୍ଯ୍ୟନ୍ତ ଆମ ପାଖରେ ପୃଥିବୀ ଲୋକକୁ ଆସିବାର ଉଦ୍ଦେଶ୍ୟ ପୂରଣ କରିବାର ସୁଯୋଗ ଅଛି ।'' ତେଣୁ ପ୍ରତିଦିନ କିଛି ସମୟ ମୌନ ରହି ନିଜକୁ ଏହି ପ୍ରଶ୍ନ କରିବା ଉଚିତ୍, ''ମୁଁ କିଏ ?'' । ''ମୁଁ ଲକ୍ଷ୍ୟରୁ ଦୂରକୁ ଯାଉଛି ନା ଲକ୍ଷ୍ୟ ଆଡ଼କୁ ଯାଉଛି ?''

***

Digitized by srujanika@gmail.com

ସୂକ୍ଷ୍ମ ପ୍ରତିରୂପ

ମୃତ୍ୟୁର ଆରପାରିକୁ ଗଲେ ବ୍ୟକ୍ତିର କି ସ୍ଥିତି ହୁଏ ? ଆମେ ଜାଣିଛୁ ଯେ ଜନ୍ମ ହେଉଛି ଭୌତିକ ଶରୀର ଗ୍ରହଣ କରିବାର ଏକ ପ୍ରକ୍ରିୟା । ମୃତ୍ୟୁ ହେଉଛି ଭୌତିକ ଶରୀର ତ୍ୟାଗ କରିବାର ପ୍ରକ୍ରିୟା । ମୃତ୍ୟୁ ସମୟରେ ଭୌତିକ ଦେହକୁ ତ୍ୟାଗ କରାଯାଏ । ଆତ୍ମା ତୁରନ୍ତ ହିଁ ନିଜକୁ ଅନ୍ୟ ଏକ ଶରୀର ମଧ୍ୟରେ ପାଏ । ଏହାକୁ ସୂକ୍ଷ୍ମ ଶରୀର ବା ପରିପ୍ରକାଶ ପ୍ରତିରୂପ ବୋଲି କୁହାଯାଏ ।

ଏହି ସୂକ୍ଷ୍ମ ପ୍ରତିରୂପ କ'ଣ ? ଏହାର କାର୍ଯ୍ୟ କ'ଣ ? ଏହାକୁ ଏପରି କାହିଁକି କୁହାଯାଏ ? ସୂକ୍ଷ୍ମ ଶରୀର ଅତ୍ୟନ୍ତ ସୂକ୍ଷ୍ମ ତତ୍ତ୍ୱରେ ତିଆରି । ଏହାର ଆକୃତି ବିଲ୍‌କୁଲ୍ ପାର୍ଥିବ ଦେହ ପରି ହୋଇଥାଏ । ଏଥିପାଇଁ ଏହି ପ୍ରତିରୂପକୁ ସୂକ୍ଷ୍ମ ଅଥବା ''ସର୍ଗୀୟ'' ବୋଲି କୁହାଯାଏ ।

କେତେକ ଲୋକଙ୍କର ଅନ୍ତଃଦୃଷ୍ଟି ପ୍ରାପ୍ତି ହୋଇଥାଏ । ସେମାନେ ନିଜର ଅନ୍ତର୍ନିହିତ ଶକ୍ତିଦ୍ୱାରା ଦେଖିବାର କ୍ଷମତା ପାଇଥାଆନ୍ତି । କାହାର ମୃତ୍ୟୁରେ ସେହି ବ୍ୟକ୍ତିଜଣକ ମୃତ ବ୍ୟକ୍ତିର ସୂକ୍ଷ୍ମ ପ୍ରତିରୂପକୁ ଦେଖନ୍ତି ଏବଂ ଜଣାନ୍ତି ଯେ ସୂକ୍ଷ୍ମ ପ୍ରତିରୂପଟି ପାର୍ଥିବ ଦେହର ଆକୃତି ସହିତ ସମାନ ।

ସୂକ୍ଷ୍ମ ଶରୀରର କାର୍ଯ୍ୟ କ'ଣ ? ଏହି ସୂକ୍ଷ୍ମ ଶରୀର ଦ୍ୱାରା ହିଁ ଭୌତିକ ଶରୀରକୁ ଶକ୍ତି ମିଳିଥାଏ । ଶରୀରକୁ ଏହା ଜୀବିତ ରଖିଥାଏ । ଏହି ତତ୍ତ୍ୱରୁ ଆମକୁ ଶକ୍ତି ମିଳିଥାଏ । ତାକୁ ସଂସ୍କୃତରେ ''ପ୍ରାଣ'' ବୋଲି କୁହାଯାଏ । ''ପ୍ରାଣ'' ଶବ୍ଦର ଅର୍ଥ କ'ଣ ?

''ପ୍ରାଣ'' ଶବ୍ଦଟି ଦୁଇଟି ଶବ୍ଦର ମିଳନରେ ହୋଇଛି । ''ପ୍ରା''ର ଅର୍ଥ ହେଉଛି, ''ଆଗେ'' ତଥା ''ଣ''ର ଅର୍ଥ ''ଶ୍ୱାସ ନେବା'' । ଏଣୁ ପ୍ରାଣର ଅର୍ଥ ହେଲା – ''ଆଗେ ଶ୍ୱାସ ନେଉଥିବା ।''

Digitized by srujanika@gmail.com

ସୂକ୍ଷ୍ମ ଶରୀର ପ୍ରାଣ ଅଥବା ମହତ୍ତର ଶକ୍ତିକୁ ଗ୍ରହଣ କରି ଭୌତିକ ଶରୀରର ପ୍ରତ୍ୟେକ ଅଣୁ ମଧ୍ୟରେ ପହଞ୍ଚାଇଥାଏ । ଏହି ''ପ୍ରାଣ'' ଆଖିକୁ ଦେଖିବାର, କାନକୁ ଶୁଣିବାର, ହାତଗୋଡ଼ ସଞ୍ଚାଳନ କରିବାର ଶକ୍ତି ଦେଇଥାଏ । ଏହି ପ୍ରାଣ ହିଁ ପ୍ରତ୍ୟେକ ଅବୟବକୁ ଶକ୍ତି ଯୋଗାଇଥାଏ । ଯେତେବେଳ ପର୍ଯ୍ୟନ୍ତ ଏହି ସୂକ୍ଷ୍ମ ଶରୀର ସ୍ଥୁଳ ଶରୀର ମଧ୍ୟରେ ଅଛି, ସେତେବେଳ ପର୍ଯ୍ୟନ୍ତ ସ୍ଥୁଳ ଶରୀର ଶ୍ୱାସ ନେଇପାରୁଥାଏ ଏବଂ ଜୀବିତ ରହିଥାଏ । ଯେଉଁ ସମୟରେ ଏହି ସୂକ୍ଷ୍ମ ଶରୀର ସ୍ଥୁଳ ଶରୀରକୁ ତ୍ୟାଗ କରିଥାଏ, ସେ ସମୟରେ ସ୍ଥୁଳ ଶରୀର ନଷ୍ଟ ହୋଇଯାଏ, ନିଷ୍ପ୍ରାଣ ହୋଇଯାଏ, ମୃତ ହୋଇଯାଏ ।

***

Digitized by srujanika@gmail.com

ଚାନ୍ଦିର ଡୋରି

ଆଉ ଗୋଟିଏ କଥା ହେଲା, ''ସୂକ୍ଷ୍ମ ଶରୀର'' ସ୍ଥୂଳ ଶରୀର ସହିତ ''ଚାନ୍ଦିର ଡ଼ୋରି'' ନାମକ ଏକ ସୂତ୍ରରେ ବନ୍ଧା । ଯେଉଁ ସମୟରେ ସୂକ୍ଷ୍ମ ଶରୀର ସ୍ଥୂଳ ଶରୀରକୁ ଛାଡ଼ିଦିଏ, ସ୍ଥୂଳ ଶରୀର ମୃତ ହୋଇ ନଷ୍ଟ ହୋଇଯାଏ । କିନ୍ତୁ ସେହି ଚାନ୍ଦିର ଡୋରି ଅଖଣ୍ଡ ରହିଲେ ସୂକ୍ଷ୍ମ ଶରୀର ଏହି ଚାନ୍ଦିର ଡୋରି ଦ୍ୱାରା ସ୍ଥୂଳ ଶରୀରରେ ପୁଣି ପ୍ରବେଶ କରିଥାଏ । ସ୍ଥୂଳ ଶରୀର ପୁଣି ଜୀବିତ ହୋଇଯାଏ ।

ଏପରି ଅନେକ ଉଦାହରଣ ଅଛି । କେତେକ ବ୍ୟକ୍ତିଙ୍କୁ ମୃତ ଘୋଷିତ କରିଦେଲାପରେ ମଧ୍ୟ କିଛି ସମୟ ପରେ ସେମାନେ ଜୀବିତ ହୋଇ ଉଠିଥାନ୍ତି । ଏହି ଅବସ୍ଥାରେ ସୂକ୍ଷ୍ମ ଶରୀର ସ୍ଥୂଳ ଶରୀରକୁ ତ୍ୟାଗକରି ଥିବାରୁ ଶରୀର ନିଷ୍ପ୍ରାଣ ହୋଇ 'ମୃତ' ହୋଇଯାଇଥାଏ । କିନ୍ତୁ ଚାନ୍ଦିର ଡୋରି ଛିଡ଼ି ନଥାଏ । କିଛି ସମୟ ପରେ ସେହି ସୂକ୍ଷ୍ମ ଶରୀର ଚାନ୍ଦିର ଡୋରି ସାହାଯ୍ୟରେ ସ୍ଥୂଳ ଶରୀର ମଧରେ ପ୍ରବେଶ କରେ ଏବଂ ସ୍ଥୂଳ ଶରୀର ପୁଣି ଜୀବିତ ହୋଇଉଠେ ।

ଯେଉଁମାନେ ଗଭୀର ଧ୍ୟାନ କରି ପାରନ୍ତି, ତାଙ୍କୁ ଚାନ୍ଦିର ଡୋରିର ସଂଗୀତ ଶୁଣାଯାଏ । ଧ୍ୟାନରେ ମନୁଷ୍ୟଙ୍କୁ ଶରୀରରୁ ଅଲଗା ହେବାର ଅନୁଭବ ହୁଏ । ପ୍ରତ୍ୟେକ ଥର ଆତ୍ମା ଶରୀରରୁ ବାହାରି ଉଚ୍ଚତର ଲୋକକୁ ଯିବା ସମୟରେ ଚାନ୍ଦିର ଡୋରି ବାଜି ଉଠିଥାଏ ଏବଂ ତା'ର ଝଙ୍କାର ଶୁଣାଯାଏ । ଅଧିକ ସମୟ ଏହା ବାଜିଲେ, ଏହି ସଂଗୀତ ଗଭୀର ହୋଇ ସୁମଧୁର ହୋଇଯାଏ । ଶରୀରକୁ ଆତ୍ମା ଛାଡ଼ି ଚାଲିଯିବାର ଅନୁଭବ ହୁଏ ଏବଂ ପୁଣି ଶରୀରକୁ ଫେରି ଆସେ । ଏହିପରି ପ୍ରତ୍ୟେକ ଅନୁଭବ ଏକ ପ୍ରକାର

Digitized by srujanika@gmail.com

"ମୃତ୍ୟୁ" । ମହାନ୍ ଗୁରୁମାନେ ନିଜ ଶିଷ୍ୟମାନଙ୍କୁ ଦିନରେ କେତେଥର ମୃତ୍ୟୁ ସଂପର୍କରେ ସଚେତନ କରାନ୍ତି । ଯେଉଁ ବ୍ୟକ୍ତିର ସେ ସଚେତନତା ନାହିଁ ସେ ଠିକ୍ ଭାବରେ ବଞ୍ଚି ପାରିବ ନାହିଁ ।

ଏହି ଚାନ୍ଦିର ଡୋରି ମନ ପରି ସୂକ୍ଷ୍ମ । ତେଣୁ ତାହା ସବୁ ପ୍ରକାର ଭୌତିକ ସୀମାଠାରୁ ମୁକ୍ତ। ଏହାର ବିସ୍ତାର ମଧ୍ୟ ସୀମାହୀନ । ଚାନ୍ଦିର ଡୋରି ଅଖଣ୍ଡ ହୋଇଥିବାରୁ ସୂକ୍ଷ୍ମ ଶରୀର ଭୌତିକ ଶରୀର କବଚରୁ ବାହାରି ଶହ ଶହ କୋଶ ଯାତ୍ରା କରି ପୁଣି ଭୌତିକ ଶରୀରକୁ ଫେରିଆସି ପାରେ । ଯେତେବେଳେ ଏହି ଚାନ୍ଦିର ଡୋରି ଛିଣ୍ଡିଯାଏ ସେତେବେଳେ ଭୌତିକ ଶରୀରର ମୃତ୍ୟୁ ହୋଇଯାଏ ।

ବହୁ ବର୍ଷ ପୂର୍ବେ ପ୍ରକାଶିତ ଗୋଟିଏ ପୁସ୍ତକରୁ ଆମକୁ ଗୋଟିଏ ସୁନ୍ଦର ଉଦାହରଣ ମିଳେ । ସେ ପୁସ୍ତକର ନାମ ହେଲା, " Man is Spirit" ଏବଂ ଲେଖକଙ୍କର ନାମ J. Arthur Hill । ଏହି ପୁସ୍ତକରେ ଜଣେ ଭୂତପୂର୍ବ ତୋପଚାଳକଙ୍କ ବିଷୟରେ କୁହାଯାଇଛି । ସେ ଗୋଟିଏ ବାରୁଦଭରା ପେଟି ଉପରେ ବସିଥିଲେ । ପେଟି ଉପରେ ଆଘାତ ଲାଗିଲା ଏବଂ ସେଥିରେ ବିସ୍ଫୋରଣ ହେଲା । ଫଳରେ ସେ ବ୍ୟକ୍ତିଜଣକ ପ୍ରଥମେ ଉପରକୁ ପବନରେ ଉଡ଼ିଗଲେ ଏବଂ ତାଙ୍କ ଶରୀର ଖସି ତଳେ ପଡ଼ିଗଲା । ତାଙ୍କ ଶରୀର ମାଟିରେ ପଡ଼ିଗଲା । ତାଙ୍କୁ ଲାଗିଲା ଯେ ସେ ପବନରେ ଉଡୁଛନ୍ତି ଏବଂ ନିଜ ଶରୀରଟି ତଳେ ପଡ଼ିଥିବାର ଦେଖୁଛନ୍ତି । ସେ ଦେଖୁଛନ୍ତି ଯେ ସେ ଓ ତାଙ୍କ ଶରୀର ଗୋଟିଏ ଲମ୍ବା ଚାନ୍ଦିର ଦଉଡ଼ିରେ ବନ୍ଧା ହୋଇଛନ୍ତି । ସେ ତଳକୁ ଚାହିଁ ଦେଖିଲେ କି ଦୁଇଜଣ ଡାକ୍ତର ତାଙ୍କ ଶରୀରକୁ ପରୀକ୍ଷା କରି ଶରୀରକୁ ମୃତ ଘୋଷଣାକରି ଚାଲିଗଲେ । ତା'ପରେ ଲୋକେ ଷ୍ଟ୍ରେଚର ଆଣି ଆସି ଦେଖନ୍ତି ତ ଶରୀରରେ ପ୍ରାଣ ଅଛି । ତୋପଚାଳକ କହିଲେ, "ମୁଁ ସେହି ଚାନ୍ଦିର ଦଉଡ଼ିଦ୍ୱାରା ତଳକୁ ଆସିଲି ଏବଂ ଶରୀର ମଧରେ ପ୍ରବେଶ କରିଗଲି । ଅବଶ୍ୟ ମୁଁ ପୂରା ଅନ୍ଧ ହୋଇଯାଇଥିଲି ଏବଂ ମୋର ଡାହାଣ ହାତ କାନ୍ଧ ପାଖରୁ କଟି ଯାଇଥିଲା ।"

Digitized by srujanika@gmail.com

ତାଙ୍କ କଥାକୁ ବିଚାର କରାଯାଉ । ଯେତେବେଳ ପର୍ଯ୍ୟନ୍ତ ତାଙ୍କ ସୂକ୍ଷ୍ମ ଶରୀର ସ୍ଥୂଳ ଶରୀର ବାହାରେ ଥିଲା, ସେତେବେଳ ପର୍ଯ୍ୟନ୍ତ ସେ ଦେଖିବାକୁ ସକ୍ଷମ ଥିଲେ । ସେ ଚିକିତ୍ସକଙ୍କୁ ଦେଖିଲେ ଏବଂ ଷ୍ଟ୍ରେଚର ଆଣିଥିବା ଲୋକଙ୍କୁବି ଦେଖିଲେ । ତାଙ୍କୁ ସେତେବେଳେ କୌଣସି ଯନ୍ତ୍ରଣା ମଧ୍ୟ ହେଉ ନଥିଲା । କିନ୍ତୁ ସୂକ୍ଷ୍ମ ଶରୀର ଭୌତିକ ଶରୀର ମଧ୍ୟକୁ ଫେରିବାରୁ ସେ ଜାଣିବାକୁ ପାଇଲେ ଯେ ସେ ଅନ୍ଧ ହୋଇଯାଇଛନ୍ତି ଏବଂ ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି । କାନ୍ଧରୁ ହାତ କଟି ଯାଇଥିବାର ପୀଡ଼ା ମଧ ଅନୁଭବ କରୁଛନ୍ତି ।

ଆମକୁ ଶଙ୍କରାଚାର୍ଯ୍ୟଙ୍କ ଜୀବନରୁ ଏପରି ପ୍ରମାଣ ମଧ ମିଳିଥାଏ । ଗୋଟିଏ ତର୍କରେ ଶଙ୍କରାଚାର୍ଯ୍ୟଙ୍କୁ କିଛି ପ୍ରଶ୍ନ କରାଗଲା । ସେ କୌଣସି ପ୍ରଶ୍ନର ଉତ୍ତର ଦେଇ ପାରିଲେ ନାହିଁ । କାରଣ ସମସ୍ତ ପ୍ରଶ୍ନ ବୈବାହିକ ଜୀବନ ସଂବନ୍ଧୀୟ ଥିଲା । ସେଥିରେ ତାଙ୍କର କିଛି ଅନୁଭବ ନ ଥିଲା । ସେ ବାଳବ୍ରହ୍ମଚାରୀ ଥିଲେ । ସେ କିଛି ସମୟ ମାଗିଲେ । ସେ ଭୌତିକ ଶରୀରରୁ ବାହାରି ଜଣେ ରାଜାଙ୍କ ଶରୀରରେ ପ୍ରବେଶ କଲେ । କିଛି ସମୟ ପୂର୍ବରୁ ସେ ରାଜାଙ୍କର ମୃତ୍ୟୁ ହୋଇଥିଲା । ସଂଗେ ସଂଗେ ରାଜାଙ୍କ ଶରୀର ଜୀବିତ ହୋଇଗଲା ଏବଂ ପାଖରେ ଠିଆ ହୋଇଥିବା ଲୋକେ କହି ଉଠିଲେ, ‘‘ରାଜା ବଞ୍ଚିଛନ୍ତି । ରାଜା ଦୀର୍ଘାୟୁ ହୁଅନ୍ତୁ !’’ ରାଜାଙ୍କ ଶରୀରରେ ଶଙ୍କରାଚାର୍ଯ୍ୟଙ୍କ ଆତ୍ମା ରହି ବୈବାହିକ ଜୀବନର ଅନୁଭବକୁ ପ୍ରାପ୍ତ କଲା । କିଛିଦିନ ପରେ ସେ ରାଜାଙ୍କ ଶରୀର ତ୍ୟାଗ କରି ନିଜ ଶରୀରରେ ପ୍ରବେଶ କଲେ । ତାହା ପରେ ତାଙ୍କୁ ଏ ସମ୍ପର୍କରେ ପଚରାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇପାରିଲେ ।

* * *

Digitized by srujanika@gmail.com

ପାରଲୌକିକ ଜଗତ

ଚାନ୍ଦିର ଦଉଡ଼ିରୁ ଛିଣ୍ଡିଗଲା ମାଂତ୍ରେ ଆତ୍ମା ନିଜକୁ ପରଲୋକରେ ପାଏ । ଅନେକାଂଶରେ ସୂକ୍ଷ୍ମ ଶରୀର ପରଲୋକରେ ସଂଗେ ସଂଗେ ପ୍ରବେଶ କରେ । ଆତ୍ମାକୁ ସୂକ୍ଷ୍ମ ପ୍ରତିରୂପ ଅବସ୍ଥାରେ ରହିବାକୁ ପଡ଼ିନଥାଏ । ଭୌତିକ ଶରୀର ମୃତ ହେବା ମାତ୍ରେ ସେ ସୂକ୍ଷ୍ମ ଶରୀରକୁ ପାରହୋଇ ସଂଗେ ସଂଗେ ପରଲୋକ ଗମନ କରିଥାଏ । ଭୌତିକ ଶରୀରକୁ ଜୀବିତ ରଖିବା ବ୍ୟତୀତ ସୂକ୍ଷ୍ମ ପ୍ରତିରୂପର ଅନ୍ୟ କିଛି କାର୍ଯ୍ୟ ନାହିଁ । ଯେତେବେଳେ ଭୌତିକ ଶରୀରକୁ ତ୍ୟାଗ କରାଯାଏ ସେତେବେଳେ ସୂକ୍ଷ୍ମ ପ୍ରତିରୂପର କୌଣସି ଆବଶ୍ୟକତା ପଡ଼େନାହିଁ । ସୂକ୍ଷ୍ମ ପ୍ରତିରୂପର ପରଲୋକ ଗମନ ଗୋଟିଏ ତୀରର ଗତିପରି ତୀବ୍ର ହୋଇଥାଏ ।

ସୂକ୍ଷ୍ମ ପ୍ରତିରୂପକୁ ଛାଡ଼ିବା ପରେ ଆତ୍ମା ପରଲୋକରେ ପ୍ରବେଶ କରିଥାଏ । ପରଲୋକ ଗମନ ତୁରନ୍ତ ହେବା ଉଚିତ୍ । ମନୁଷ୍ୟକୁ ପ୍ରତିରୂପ ଦେହରେ ଅଧିକ ସମୟ ରହିବା ଉଚିତ୍ ନୁହଁ । କିନ୍ତୁ ଭୌତିକ ପଦାର୍ଥ ତଥା ସଂପତ୍ତି ପ୍ରତି ଆସକ୍ତ ଥିବା ବ୍ୟକ୍ତି ପାଇଁ ଏହା ହୋଇନଥାଏ । ଏପରି ବ୍ୟକ୍ତି ସୂକ୍ଷ୍ମ ପ୍ରତିରୂପ ଅବସ୍ଥାରେ ରହନ୍ତି । କାରଣ ଏହି ସୂକ୍ଷ୍ମ ଶରୀର ଦ୍ୱାରା ସେ ପୃଥିବୀ ତଥା ସାଂସାରିକ ବିଷୟ ସହିତ ଯୋଡ଼ି ହୋଇ ରହନ୍ତି ।

ମୁଁ ଜଣେ ମହିଳାଙ୍କୁ ଜାଣିଛି । ତାଙ୍କ ଜନ୍ମଦିନରେ ତାଙ୍କୁ ନିଜ ପତିଙ୍କଠାରୁ ଗୋଟିଏ ହୀରା ମୁଦି ଉପହାର ସ୍ୱରୂପ ମିଳିଥିଲା । ତା' ପରଦିନ ତାଙ୍କର ମୃତ୍ୟୁ ହୋଇଗଲା । ମୃତ୍ୟୁ ସମୟରେ ସେ ହୀରା ମୁଦିଟିକୁ ମଗାଇଲେ । ନିଜ ହାତ ମୁଠାରେ ତାକୁ ରଖିଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଗଲା । ଏପରି ଅବସ୍ଥାରେ ତାଙ୍କର ମୋହ ସମାପ୍ତ ହୋଇନଥିବା ପର୍ଯ୍ୟନ୍ତ ତାଙ୍କୁ ରହିବାକୁ ପଡ଼ିଲା ।

Digitized by srujanika@gmail.com

ଆଉ ଜଣେ ଧନୀ ବ୍ୟକ୍ତି ଥିଲେ । ସେ ନିଜ ପାଇଁ ଗୋଟିଏ ସୁନ୍ଦର ଘର ତିଆରି କଲେ । ଜୀବନର ଅନ୍ତିମ ସମୟତକ ସେଠାରେ ରହିବାର ଅଭିଳାଷ ତାଙ୍କର ଥିଲା । ସେହି ଘରେ ରହିଛନ୍ତି କି ନାହିଁ ତାଙ୍କୁ ଟାଇଫଏଡ଼ ହୋଇଗଲା । ସେଥିରେ ତାଙ୍କର ମୃତ୍ୟୁ ହୋଇଗଲା । ମୃତ୍ୟୁ ସମୟରେ ସେ ନିଜ ଘର ପ୍ରତି ଆସକ୍ତି ଚିନ୍ତାରେ ରହିଥିଲେ । କୁହାଯାଏ ଯେ ବହୁତ ଦିନ ପର୍ଯ୍ୟନ୍ତ ସେ ଭୂତ ହୋଇ ସେହି ଘରେ ଘୂରି ବୁଲୁଥିଲେ । ପ୍ରତିରୂପ ଅବସ୍ଥାରେ ଦୀର୍ଘ ସମୟ ରହିଲେ ଆତ୍ମା ଭୂତ ଅଥବା ପ୍ରେତ ଅବସ୍ଥାକୁ ଆସିଯାଇଥାଏ । ସେହି ବ୍ୟକ୍ତି ଭୂତ ହୋଇଯାଇଥିଲେ । ତାଙ୍କର ପତ୍ନୀ ନିଜ ପତିଙ୍କର ଏପରି ଅବସ୍ଥା ଦେଖି ଗୁରୁ ଗ୍ରନ୍ଥସାହେବର ଅଖଣ୍ଡ ପାଠ କରାଇଲେ ତଥା ତାଙ୍କର ମୁକ୍ତି ପାଇଁ ପ୍ରାର୍ଥନା କଲେ ।

ବନ୍ଧୁଗଣ ! ସେଥିପାଇଁ ସାବଧାନ ! ଯେତେଦିନ ପର୍ଯ୍ୟନ୍ତ ଆପଣ ପୃଥିବୀ ଉପରେ ଅଛନ୍ତି, ମନେରଖିବେ ଯେ କୌଣସି ବସ୍ତୁ କିମ୍ବା ସରୂପ ପ୍ରତି ଅତିମାତ୍ରାରେ ଆସକ୍ତ ହେବେ ନାହିଁ । ନିଜର ପ୍ରିୟ ଶିଷ୍ୟ ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ହେ ଅର୍ଜ୍ଜୁନ, ମୃତ୍ୟୁ ସମୟରେ ତୁମର ଯେଉଁ ପ୍ରକାର ବିଚାର ହେବ, ତୁମେ ସେହିଠାକୁ ଯିବ ।" ବନ୍ଧୁଗଣ ମନେ ରଖନ୍ତୁ, ଏହି ନିୟମ ଚିରନ୍ତନ । ବ୍ୟକ୍ତିର ଅନ୍ତିମ କାଳର ବିଚାର ତାଙ୍କର ମୃତ୍ୟୁପରର ଭାଗ୍ୟକୁ ନିର୍ଣ୍ଣୟ କରିଥାଏ । ସେଥିପାଇଁ ସବୁ ସମୟରେ ଭଗବାନଙ୍କୁ ମନେ ପକାନ୍ତୁ ଏବଂ ନିଜର କର୍ତ୍ତବ୍ୟ କରନ୍ତୁ । ଜୀବନ କେତେ ଅନିଶ୍ଚିତ ଏବଂ ମୃତ୍ୟୁ କେବେ ଆସିଯିବ, ତାହା ଜଣାନାହିଁ ।

ମୋତେ ଆଜି ଜଣଙ୍କ ଘରକୁ ଡକାଯାଇଥିଲା । ତାଙ୍କର ଗତକାଲି ମୃତ୍ୟୁ ହୋଇଯାଇଛି । ସେ ଗୋଟିଏ ଛୋଟ ଅପରେସନ୍ ପାଇଁ ହସପିଟାଲ୍ ଯାଇଥିଲେ ଏବଂ ସମସ୍ତଙ୍କର ବିଶ୍ୱାସ ଥିଲା ଯେ ସେ ନିଶ୍ଚୟ ଭଲ ହୋଇଯିବେ ।

Digitized by srujanika@gmail.com

ଅପରେସନ କରାଗଲା । କିନ୍ତୁ ତାଙ୍କର ଅବସ୍ଥା ଆସ୍ତେ ଆସ୍ତେ ଖରାପ ହେଲା ଏବଂ ତାଙ୍କର ମୃତ୍ୟୁ ହୋଇଗଲା ।

ଆଉ ଜଣେ ବ୍ୟକ୍ତି ଥିଲେ । ସେ ଅଫିସ୍‌କୁ ଯିବାକୁ ପ୍ରସ୍ତୁତ ହେଉଥିଲେ । ସେ ନିଜ ପତ୍ନୀଙ୍କୁ ଚା' ମାଗିଲେ । ପତ୍ନୀ ଚା' ଆଣିବା ପାଇଁ ରୋଷେଇ ଘରକୁ ଗଲେ । ଫେରି ଦେଖିଲେ ଯେ ପତିଙ୍କର ମୃତ୍ୟୁ ହୋଇଯାଇଛି ।

ଏହା ସତ ଯେ ଜୀବନ ଗୋଟିଏ ସରୁ ସୂତାରେ ବନ୍ଧା । ଜୀବନ ବହୁତ ଅନିଶ୍ଚିତ। ଆପଣଙ୍କୁ ମାଲୁମ ନାହିଁ କେତେବେଳେ ଡାକରା ଆସିଯିବ । ଯଦି ଶରୀର ଛାଡ଼ିବା ସମୟରେ ଆପଣ ଈଶ୍ୱରଙ୍କ ପ୍ରତି ବିମୁଖ ଥାଆନ୍ତି ଏବଂ ସାଂସାରିକ ବସ୍ତୁ ପ୍ରତି ମୋହଗ୍ରସ୍ତ ଥାଆନ୍ତି, ତେବେ ଆପଣଙ୍କ ଜୀବନ ବ୍ୟର୍ଥ ହୋଇଯିବ ।

କୌଣସି ବସ୍ତୁ ପ୍ରତି ଆସକ୍ତ ହୁଅନ୍ତୁ ନାହିଁ । ପ୍ରତ୍ୟେକ ସ୍ଥିତିକୁ ସ୍ୱୀକାର କରନ୍ତୁ ତଥା ସବୁବେଳେ ଭଗବାନଙ୍କୁ ଧ୍ୟାନ କରନ୍ତୁ । ନିଜର ଚେତନାରେ ସବୁବେଳେ ଭଗବାନଙ୍କୁ ରଖନ୍ତୁ । ଏହାଦ୍ୱାରା ଆପଣଙ୍କ ପ୍ରତିରୂପ ଦେହରୁ ପରଲୋକ ଗମନ ତତ୍‌କ୍ଷଣାତ୍ ହୋଇଯିବ ।

ଯେଉଁ ସମୟରେ ଆପଣ ପ୍ରତିରୂପ ଦେହ ଦେଇ ଗତି କରିଥାଆନ୍ତି, ସେତେବେଳେ ଆପଣ ନିଦ୍ରାରେ ଶୋଇଯାଆନ୍ତି । ଏହା ଏକ ଗଭୀର ତଥା ଶାନ୍ତିମୟ ନିଦ୍ରା। ଯେତେବେଳେ ସେଥିରୁ ଜାଗ୍ରତ ହେବେ, ସେତେବେଳେ ନିଜର ନିର୍ଣ୍ଣୀତ ବାସସ୍ଥାନ ବା ପରଲୋକରେ ନିଜକୁ ପାଇବେ । ପରଲୋକରେ ପ୍ରତ୍ୟେକକୁ ନିଜର ନିର୍ଣ୍ଣୀତ ସ୍ଥାନ ମିଳିଥାଏ । ଆପଣଙ୍କ ନିର୍ଣ୍ଣୀତ ସ୍ଥାନର ବାତାବରଣ ତଥା ସ୍ଥିତି, ପୃଥିବୀ ଉପରେ ବିତାଇଥିବା ଜୀବନର ସ୍ୱରୂପ ଉପରେ ଆଧାରିତ ହୁଏ ।

Digitized by srujanika@gmail.com

ପରଲୋକରେ ଆପଣ ବାସନା ତଥା ଭାବନାରୁ ମୁକ୍ତିର ପ୍ରକ୍ରିୟା ଦେଇ ଗତି କରିଥାଆନ୍ତି । ମୃତ୍ୟୁ ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜର କାମନା ଓ ବାସନା ସାଙ୍ଗରେ ନେଇଯାଇଥାଏ । ପରଲୋକରେ ବାସ କରିବା ସମୟରେ ତାଙ୍କର ସେହି କାମନା ଓ ବାସନାରୁ ଧୀରେ ଧୀରେ ମୁକ୍ତି ମିଳିଥାଏ । ତେଣୁ ଯେତିକି କମ୍ କାମନା ଓ ବାସନା ହେବ, ପରଲୋକରେ ସେତିକି କମ୍ ସମୟ ବିତାଇବାକୁ ପଡିବ । ନିଜର ଲାଳସାକୁ ନ୍ୟୂନତମ ସ୍ତରକୁ ନେବାକୁ ପଡ଼ିବ । ଶୁଦ୍ଧ ତଥା ପବିତ୍ର ଜୀବନ ଯାପନ କରନ୍ତୁ । ଯେଉଁ ବ୍ୟକ୍ତି ପୃଥିବୀରେ ଥିବା ସମୟରେ ନିଜ ଇଚ୍ଛା ଉପରେ ନିୟନ୍ତ୍ରଣ କରିବା ଶିଖି ଯାଆନ୍ତି, ତାଙ୍କୁ ପରଲୋକରେ ଅଧିକ ସମୟ ରହିବାକୁ ପଡ଼େ ନାହିଁ ।

ମୁଁ ଜଣେ ବ୍ୟକ୍ତିଙ୍କ ବିଷୟରେ ପଢ଼ିଥିଲି । ସେ ଭଗବାନଙ୍କର ଜଣେ ଏକନିଷ୍ଠ ଭକ୍ତ ଥିଲେ ଏବଂ ସତ୍ୟର ସାଧକ ଥିଲେ । ଦିନେ ତାଙ୍କ ମନରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଲାଳସା ହେଲା । ସେ ନିଜକୁ କହିଲେ, ''ତୋତେ ସ୍ୱାଦିଷ୍ଟ ଭୋଜନ ଦରକାର, ତେବେ ତୋତେ ଧନ ରୋଜଗାର କରିବାକୁ ପଡ଼ିବ ।'' ସେ ଗୋଟିଏ କୋଠା ତିଆରି ହେଉଥିବାର ଦେଖିଲେ । ସେଠାରେ ସେ ଯାଇ କାମ ମାଗିଲେ । ତାଙ୍କୁ ସେଠାରେ ଇଟା ବୋହିବାର କାମ ମିଳିଗଲା । ଏପରି କଠିନ ଶାରୀରିକ ଶ୍ରମ ସହିତ ସେ ଅଭ୍ୟସ୍ତ ନ ଥିଲେ । ସେ ଅଧାଦିନ କାମ କରି ଥକି ପଡ଼ିଲେ । ତାଙ୍କର ହାତ ଓ କାନ୍ଧର ଚମ ଛଡ଼ିଗଲା । ତାଙ୍କୁ ଅଧାଦିନର ପାରିଶ୍ରମିକ ମିଳିଲା । ସେହି ପଇସାରେ ସେ ସ୍ୱାଦିଷ୍ଟ ଖାଦ୍ୟ କିଣିଲେ ସତ, କିନ୍ତୁ ସେ ଖାଦ୍ୟକୁ ଖାଇ ପାରିଲେ ନାହିଁ । ସେ ଯାଇ ଗୋଟିଏ ନଈ କୂଳରେ ଠିଆହୋଇ ନିଜକୁ କହିଲେ, ''ଯଦି ତୁ ଏହି ସ୍ୱାଦିଷ୍ଟ ଖାଦ୍ୟକୁ ଖାଇବୁ, ତେବେ ତୋତେ ଇଟା ବୋହିବାକୁ ପଡ଼ିବ ଏବଂ ହାତ ତଥା କାନ୍ଧର ଛାଲ ଛାଡ଼ିଯିବ ।'' ଏହାପରେ ସେ ସ୍ୱାଦିଷ୍ଟ ଭୋଜନର ଲାଳସାରୁ ମୁକ୍ତ ହୋଇଗଲେ ।

Digitized by srujanika@gmail.com

ଏହିପରି ସ୍ୱାଦିଷ୍ଟ ଭୋଜନ ପରି ଅନେକ ସରଳ ଓ ନିଷ୍କପଟ ଇଚ୍ଛା ହୁଏ । ମୋ ମତରେ ଜଣେ ସାଧାରଣ ବ୍ୟକ୍ତି ପାଇଁ ଏହିପରି ନିଷ୍କପଟ ଇଚ୍ଛା ପୂରଣ କରିବାରେ କିଛି କ୍ଷତିନାହିଁ । କିନ୍ତୁ ଅନ୍ୟ କିଛି ଦୂଷିତ ଲାଳସା ମଧ୍ୟ ରହିଛି । ଏସବୁ ମନୁଷ୍ୟକୁ ବନ୍ଧନରେ ବାନ୍ଧି ବନ୍ଦୀ କରିରଖେ ।

ମୋର ମନେ ପଡୁଛି ଦିନେ ସାଧୁ ଭାସୱାନୀ କରାଚୀରେ ଛାତ ଉପରେ ଠିଆ ହୋଇଥିଲେ । ସେ ତଳକୁ ଚାହିଁ କହି ଉଠିଲେ, 'ବନ୍ଦୀ, ବନ୍ଦୀ !' ମୁଁ ତାଙ୍କ ପାଖରେ ଠିଆ ହୋଇଥିଲି ଏବଂ ମୁଁ ତଳକୁ ଚାହିଁ ଦେଖିଲି । ମୋତେ କୌଣସି ବନ୍ଦୀ ଦେଖାଗଲେ ନାହିଁ । ମୁଁ ତାଙ୍କୁ ପଚାରିଲି, "ବାବା, କାହିଁ କେଉଁଠାରେ ବନ୍ଦୀ ? ମୋତେ କେହି ବନ୍ଦୀ ଦେଖା ଯାଉନାହାନ୍ତି ।" ସେ ମୋତେ କହିଲେ, "ପୁତ୍ର, ମନୁଷ୍ୟ ନିଜ ଇଚ୍ଛାର ବନ୍ଦୀ । ଦୁଃଖର କଥା ସେ ନିଜର ଜଞ୍ଜିରକୁ ଜାଣିପାରୁନାହିଁ ।"

ହଁ, ଆମେ ସମସ୍ତେ ଆମ ଇଚ୍ଛାମାନଙ୍କର ବନ୍ଦୀ । ଆମେ ନିଜେ ତିଆରି କରିଥିବା କାରାବାସରେ ରହିଥାଉଁ । ଏହାର କୌଣସି ପାଚେରୀ ନାହିଁ । ବୁଦ୍ଧଦେବ କହିଛନ୍ତି ଯାହା ମନୁଷ୍ୟକୁ ଦୁଃଖକଷ୍ଟର ଜନ୍ମମରଣ ଚକ୍ରରେ ବାନ୍ଧି ରଖିଥାଏ ତାହା ହେଉଛି "ତହ୍ନା" ବା ଜୀବନ ପ୍ରତି ଆସକ୍ତି । ଏହି ଇଚ୍ଛା ଆମକୁ କାରାବାସରେ ରଖିଥାଏ । ସେଥିପାଇଁ ନିଜ ଇଚ୍ଛାକୁ ନିୟନ୍ତ୍ରଣରେ ରଖିବାକୁ ହେବ । ନିଜ ଉପରେ ନିୟନ୍ତ୍ରଣ ରଖିଥିବା ବ୍ୟକ୍ତିକୁ ପରଲୋକରେ ଅଧିକ ସମୟ ରହିବାକୁ ପଡ଼େ ନାହିଁ ।

ଅଲୌକିକ ସଂସାର ଏକ ବିରାଟ କ୍ଷେତ୍ର । ଯେପରି ଭୂଲୋକ ଉପରେ ଏକ ପାଖରେ ବିଶାଳ ତଥା ସୁନ୍ଦର ମହଲ ଅଛିତ, ଅନ୍ୟ ପାଖରେ ଦୂଷିତ ବସ୍ତି ଅଛି । ଠିକ୍ ସେହି ପ୍ରକାରେ ଅଲୌକିକ ଜଗତରେ ଭିନ୍ନ ଭିନ୍ନ କ୍ଷେତ୍ର ଅଛି । ସ୍ୱାର୍ଥୀ, କ୍ରୂର, ଈର୍ଷାଳୁମାନେ ମୃତ୍ୟୁପରେ ନିଜର ଇଚ୍ଛା ଓ ଲାଳସା ଯୋଗୁ ସ୍ଥୂଳ

Digitized by srujanika@gmail.com

ନମ୍ରତମ ତଥା ସଘନ କ୍ଷେତ୍ର ପ୍ରାପ୍ତ ହୁଅନ୍ତି । ଯେଉଁବ୍ୟକ୍ତି ଏହି ଭୂମି ଉପରେ ସଦାଚାର ଜୀବନ ଯାପନ କରିଥାଆନ୍ତି, ଯେଉଁମାନେ ସର୍ବଦା ସତ୍ୟ ପଥରେ ଥାଆନ୍ତି, ସୁନ୍ଦର ତଥା ଭଲ କାର୍ଯ୍ୟ କରିଥାଆନ୍ତି, ଯେଉଁମାନେ ସେବା, ତ୍ୟାଗ, ପ୍ରେମ ଓ କରୁଣାର ଜୀବନ ଯାପନ କରିଥାଆନ୍ତି, ସେମାନଙ୍କୁ ମୃତ୍ୟୁପରେ ଅଲୌକିକ ସଂସାରର ସୂକ୍ଷ୍ମ ଏବଂ ସୁନ୍ଦର କ୍ଷେତ୍ର ପ୍ରାପ୍ତ ହୋଇଥାଏ ।

❋ ❋ ❋

Digitized by srujanika@gmail.com

ପରିଚ୍ଛେଦ - ୧୩

ତିନୋଟି ବ୍ୟାବହାରିକ ପରାମର୍ଶ

ପ୍ରଥମ ପରାମର୍ଶ -

ପ୍ରତିଦିନ ଆମକୁ ପ୍ରଶ୍ନ କରିବାକୁ ପଡ଼ିବ ଯେ ମୃତ୍ୟୁ ପରେ ଅନ୍ୟଲୋକରେ ପହଞ୍ଚିବା ପରେ କ'ଣ ହେବ ? ଆମର ପରିପ୍ରକାଶ ସ୍ୱରୂପ ସହିତ ସାକ୍ଷାତକାର ହେବ । ଆମ ହୃଦୟର "ଆରାଧ୍ୟ" କୃଷ୍ଣ, ବୁଦ୍ଧ, ଯୀଶୁ, ଜୋରଷ୍ଟରଙ୍କ ସହିତ ଆମର ସାକ୍ଷାତକାର ହେବ । ଆଉ ସେ ଆମକୁ ପଚାରିବେ, "ମୋର ପୁତ୍ର, ତୁ ନିଜ ଜୀବନ ସହିତ ଏ କ'ଣ କଲୁ ?" ଆମେ ଆମ ଜୀବନ ସହିତ କ'ଣ କରୁଛୁ ?

କର୍ମ କରିବା ତଥା ଜୀବନଯାପନ କରିବା ପାଇଁ ରୋଜଗାର ଆବଶ୍ୟକ ହେଲେ ମଧ୍ୟ ସେହି "ଶାଶ୍ୱତ" ଅମୂଲ୍ୟ ସମ୍ପଦକୁ ଅବହେଳା କରିବା ଉଚିତ୍ ନୁହେଁ । ସେହି "ଅମୂଲ୍ୟ" ରାଜକୋଷକୁ ପ୍ରାପ୍ତ କରିବା ପାଇଁ ଆମେ ଏହି ପୃଥିବୀକୁ ଆସିଛୁ । ଏହି ରାଜକୋଷକୁ ଚୋର ଚୋରାଇ ନେଇ ପାରିବ ନାହିଁ କି ପାଣି ଓଦା କରି ପାରିବନାହିଁ ।

ପ୍ରତିଦିନ ଏହି ରାଜକୋଷକୁ ଲାଭ କରିବାକୁ ଅଳ୍ପ ଅଳ୍ପ ଯତ୍ନ କରିବାକୁ ହେବ । ଏଥିପାଇଁ ପ୍ରାର୍ଥନା କରିବାକୁ ତଥା ଧ୍ୟାନ କରିବାକୁ ପଡ଼ିବ । ମୌନରେ କିଛି ସମୟ ବିତାଇବାକୁ ପଡ଼ିବ । ସ୍ୱାଧ୍ୟାୟ କରିବାକୁ ପଡ଼ିବ । ନିଜକୁ ପଢ଼ିବାକୁ ପଡ଼ିବ । ନିଜକୁ ପ୍ରଶ୍ନ କରନ୍ତୁ, "ମୁଁ ଏଠାରେ କାହିଁକି ? ପୃଥିବୀକୁ ମୋ ଆସିବାର ତାତ୍ପର୍ଯ୍ୟ କ'ଣ ? ମୁ ନିଜ ଲକ୍ଷ୍ୟଠାରୁ ଦୂରେଇ ଯାଉଛି ବା ଲକ୍ଷ୍ୟ ଆଡ଼କୁ ଯାଉଛି ?"

Digitized by srujanika@gmail.com

ପ୍ରତିଦିନ କିଛି ସମୟ ମୌନରେ କଟାନ୍ତୁ ତଥା ଭଗବତ୍ ନାମ ସଂକୀର୍ତ୍ତନ କରନ୍ତୁ । ପ୍ରତିଦିନ ପବିତ୍ର, ଜ୍ଞାନୀ ତଥା ସଦ୍‌ଜନଙ୍କ ସତ୍‌ସଙ୍ଗ କରନ୍ତୁ । ପ୍ରତିଦିନ ଭକ୍ତମାନଙ୍କ ସହିତ କୀର୍ତ୍ତନ କରନ୍ତୁ । ନାମକୀର୍ତ୍ତନ ଆପଣଙ୍କୁ ପବିତ୍ର କରିବ । ନାମ ସଂକୀର୍ତ୍ତନ ଆପଣଙ୍କ ଆଗାମୀ ଜୀବନ ପାଇଁ ଆପଣଙ୍କୁ ପ୍ରସ୍ତୁତ କରିବ । ପ୍ରତିଦିନ ନିର୍ଦ୍ଧନ ଏବଂ ଦୁଃଖୀମାନଙ୍କର ସେବା କରନ୍ତୁ । ସେମାନଙ୍କ ପାଇଁ କରୁଥିବା ଏହିସବୁ କାର୍ଯ୍ୟ ''ପ୍ରଭୁ'' ଙ୍କୁ ସମର୍ପଣ କରନ୍ତୁ । ସାଧୁ ଭାସୱାନୀ କହିଛନ୍ତି, ''ଦରିଦ୍ରଜନ ଭଗବଦ୍ ସ୍ୱରୂପ ।''

ଦ୍ୱିତୀୟ ପରାମର୍ଶ -

ଆମକୁ ସୂକ୍ଷ୍ମ ଶରୀରରେ ଅଧିକ ସମୟ ରହିବାକୁ ନ ପଡୁ । ଯେଉଁ ସମୟରେ ଆମର ଭୌତିକ ଶରୀର ନଷ୍ଟ ହୋଇଯାଏ, ତତ୍‌କ୍ଷଣାତ ପ୍ରତିରୂପ ଦେହରୁ ମୁକ୍ତି ମିଳୁ । ସେଥିପାଇଁ ''ବିରାଗ'' ଆମ ଜୀବନର ନିୟମ ହେବା ଉଚିତ୍ । କାହାରି ପ୍ରତି ମଧ୍ୟ ଆସକ୍ତି ନ ରହୁ । ଅନାସକ୍ତ ବ୍ୟକ୍ତି ପ୍ରତିରୂପ ଦେହକୁ ଏପରି ପାର ହୋଇଯାଏ ଯେପରି ପ୍ରତିରୂପ ଦେହର କୌଣସି ଅସ୍ତିତ୍ୱ ନାହିଁ । ସାଂସାରିକ ବିଷୟ ତଥା ଜଗତ ପ୍ରତି ଆସକ୍ତ ବ୍ୟକ୍ତି ପ୍ରତିରୂପ ଦେହରେ ବନ୍ଦୀ ହୋଇଯାଏ । ଯଦି ପ୍ରତିରୂପ ଦେହରେ ତା'ର ନିବାସ ଅଧିକ ସମୟ ହୋଇଗଲା, ତେବେ ତା'ର ପ୍ରେତାତ୍ମା ହେବାର ସମ୍ଭାବନା ଅଧିକ ହୋଇଯାଏ ଯାହାକୁ ଆମେ ଭୂତ ବୋଲି କହିଥାଉଁ । ତେଣୁ ସାବଧାନ ! ଆସକ୍ତିଠାରୁ ଦୂରରେ ରହନ୍ତୁ । କାହାରିକୁ ମଧ୍ୟ ''ନିଜର'' ବୋଲି ଭାବନ୍ତୁ ନାହିଁ । ନିଜକୁ ଏହି ସତ୍ୟର ସ୍ମରଣ କରାନ୍ତୁ ଯେ ଆପଣ ପୃଥିବୀ ଉପରେ ଜଣେ ତୀର୍ଥଯାତ୍ରୀ, ଜଣେ ପଥିକ । ଆପଣଙ୍କୁ ଏଠାରୁ, ଏହି ସଂସାରରୁ କିଛି ମଧ୍ୟ ନେଇଯିବାର ଅଧିକାର ନାହିଁ । ତେବେ ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କା ସଞ୍ଚିବା ପାଇଁ ଏତେ ସଂଘର୍ଷର ଅର୍ଥ କ'ଣ ? ଏଥିରୁ ଗୋଟିଏ ପଇସା ମଧ୍ୟ ନେଇଯିବାର ଅନୁମତି ମିଳିବ ନାହିଁ ।

Digitized by srujanika@gmail.com

ଆପଣଙ୍କ ପାଖରେ ଯାହା ବି ଅଛି, ତାହା ସବୁ ଉପଯୋଗ କରିବା ପାଇଁ ଦିଆଯାଉଛି । ଆପଣଙ୍କ ପାଖରେ କିଛି ବି ନାହିଁ । ଆପଣଙ୍କ ପତ୍ନୀ, ଆପଣଙ୍କର ସନ୍ତାନସନ୍ତତି କେହି ଆପଣଙ୍କର ନୁହଁନ୍ତି । ବୁଦ୍ଧଦେବ କହିଛନ୍ତି, ‘‘ମୂର୍ଖ ଭାବେ ଯେ ତା’ର ପତ୍ନୀ, ସନ୍ତାନ, ଧନ, କ୍ଷମତା ସବୁ ତା’ର । ଯେତେବେଳେ ନିଜେ ନିଜର ନୁହଁ, ତେବେ ବସ୍ତୁଗୁଡ଼ିକ କିପରି ନିଜର ହେବ ?’’ କୌଣସି ବସ୍ତୁକୁ ନିଜର ବୋଲି ଭାବନ୍ତୁ ନାହିଁ । ମହାନ୍ ଗୁରୁ ନାନକଦେବ ଗୋଟିଏ ଦୋହାରେ କହିଛନ୍ତି, ‘‘ ପଦାର୍ଥ ତଥା ଜୀବନ, ଶରୀର ତଥା ଆତ୍ମା ସବୁ ତୁମର । ହେ ପ୍ରଭୁ ! ମୋର ନିଜର କିଛି ବି ନୁହଁ । ମୋର କେହି ବି ନାହିଁ । ସବୁକିଛି ମୋତେ ଉପଯୋଗ କରିବାକୁ ଦିଆଯାଇଛି । ମୋତେ ସେସବୁକୁ ବୁଦ୍ଧିମତ୍ତାର ସହିତ ଠିକ୍ ରୂପରେ ଉପଯୋଗ କରିବାକୁ ପଡ଼ିବ । ମୋର ଏହି ସମ୍ପତ୍ତିକୁ ଉପଯୋଗ କରିବାକୁ ପଡ଼ିବ । ତେଣୁ ଏଥିପ୍ରତି କିମ୍ବା କାହାପ୍ରତି ଆସକ୍ତ ହେବାକୁ ଦିଅନ୍ତୁ ନାହିଁ ।’’

ତୃତୀୟ ପରାମର୍ଶ-

ଆତ୍ମ-ନିୟନ୍ତ୍ରଣ କରନ୍ତୁ । ସ୍ୱ-ଅନୁଶାସନର ବିକାଶ କରନ୍ତୁ । ଇଚ୍ଛା ମନୁଷ୍ୟକୁ ପଥଭ୍ରଷ୍ଟ କରିଥାଏ । ଲାଳସା ହିଁ ମନୁଷ୍ୟର ଘୋର ଶତ୍ରୁ । ତିନୋଟି ବିଶେଷ ଲାଳସା ପ୍ରତି ଆମକୁ ଅଧିକ ସଚେତନ ହେବାକୁ ପଡ଼ବ ।

ଏଥିରୁ ପ୍ରଥମ ହେଉଛି ଧନ ଓ ସୁନା ପ୍ରତି ଲୋଭ । ଏହା ମନୁଷ୍ୟକୁ କ୍ରୂରତମ ଅପରାଧ କରିବାକୁ ପ୍ରଲୋଭିତ କରିଥାଏ । ଏପରି ପୁତ୍ରଙ୍କ କଥା ଶୁଣିବାକୁ ମିଳେ, ଯିଏକି ସଂପତ୍ତି ପାଇଁ ନିଜ ପିତାଙ୍କୁ ମଧ୍ୟ ବିଷ ଦେଇଛି ବା ହତ୍ୟା କରିଛି ।

ଦ୍ୱିତୀୟ ହେଲା କ୍ଷମତାର ଲୋଭ । ଯେପରି ଲର୍ଡ଼ ଏକଟନ୍ କହିଛନ୍ତି, ‘‘କ୍ଷମତା ଭ୍ରଷ୍ଟ କରିଥାଏ ଏବଂ ନିରଙ୍କୁଶ କ୍ଷମତା ପୂର୍ଣ୍ଣରୂପରେ ଭ୍ରଷ୍ଟ

Digitized by srujanika@gmail.com

କରିଥାଏ ।'' ଆପଣ ଏହିପରି ଅନେକ ଉଦାହରଣ ଶୁଣିଥିବେ । କ୍ଷମତାର ଲାଳସା ମନୁଷ୍ୟକୁ ଅଧମ ତଥା ଅଭାବନୀୟ କାର୍ଯ୍ୟ କରିବାକୁ ବିବଶ କରିଦେଇଥାଏ ।

ତୃତୀୟଟି ହେଲା ଇନ୍ଦ୍ରିୟର ବାସନାପୂର୍ତ୍ତି । ଏହା ଇନ୍ଦ୍ରିୟସୁଖ ଓ ଇନ୍ଦ୍ରିୟର ବିଷୟଭୋଗ । ଏହି ବାସନା ଏପରି ଏକ ମେଳା, ଏପରି ଏକ ଉତ୍ତେଜକ ମେଳା ଯାହା ମନୁଷ୍ୟକୁ ଚମକାଇଦିଏ ଏବଂ ଘୋର ଅନ୍ଧକାର ମଧ୍ୟକୁ ନେଇଯାଏ । ତେଣୁ ସ୍ୱ-ନିୟନ୍ତ୍ରଣ ଶିଖନ୍ତୁ । ସ୍ୱ-ଅନୁଶାସନକୁ ବିକଶିତ କରନ୍ତୁ । ଅଗ୍ନିକୁ ନିର୍ବାପନ କରାଯାଇପାରେ, କିନ୍ତୁ ବାସନାର ଅଗ୍ନି କେବେ ନିର୍ବାପିତ ହୁଏ ନାହିଁ । ଶରୀର ରୋଗ ପୀଡ଼ାରେ କଷ୍ଟ ତ ପାଏ । କିନ୍ତୁ ଏହି ପୀଡ଼ା ଦୂର ହୋଇଯାଏ । ଶରୀରକୁ ଆରାମ ମିଳିଥାଏ । କିନ୍ତୁ ଇଚ୍ଛାମାନଙ୍କର ପୀଡ଼ାରୁ କେବେବି ମୁକ୍ତି ମିଳେ ନାହିଁ । ଜ୍ଞାନ ତଥା ସଂଯମରୂପୀ ଔଷଧ ଦ୍ୱାରା ଉପଚାର ନ ହେବା ପର୍ଯ୍ୟନ୍ତ ଇଚ୍ଛାଜନିତ ପୀଡ଼ାରୁ ମୁକ୍ତି ମିଳେ ନାହିଁ । ଇଚ୍ଛାର ପୂରଣ କରିବାର ପ୍ରକ୍ରିୟା ମଧ୍ୟରେ ପୀଡ଼ା ବଳଶାଳୀ ହୋଇଯାଏ । ସେଥିପାଇଁ ଇଚ୍ଛାପ୍ରତି ବିମୁଖତା ଆବଶ୍ୟକ । ବିମୁଖତା ଏହାକୁ ନିଷ୍ପ୍ରାଣ କରିଥାଏ ।

ସମସ୍ତ ଅପବିତ୍ର ଓ ଅଧାର୍ମିକ ଇଚ୍ଛାଠାରୁ ଦୂରରେ ରୁହନ୍ତୁ । ସବୁବେଳେ ସାବଧାନ ରହନ୍ତୁ । ଇଚ୍ଛାମାନେ ଆପଣଙ୍କୁ ବିଚଳିତ କଲେ, ଆପଣ ନିଜ ଆତ୍ମା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରନ୍ତୁ । ଏହାକୁ ଇଚ୍ଛାମାନେ ସ୍ପର୍ଶ କରିପାରନ୍ତି ନାହିଁ ।

* * *

Digitized by srujanika@gmail.com

ସ୍ୱର୍ଗ ଏବଂ ନର୍କ

ନର୍କ କ'ଣ ? ଜଣେ ଭକ୍ତ ବିଷୟରେ କୁହାଯାଏ ଯେ, ମୃତ୍ୟୁକୁ ସଦା ସର୍ବଦା ମନେରଖିବାକୁ ସେ ମୃତ୍ୟୁର ଏକ ଚିତ୍ର କରି ନିଜ କାନ୍ଥରେ ଟଙ୍ଗାଇବାର ଇଚ୍ଛାକଲେ । ଏହାଦ୍ୱାରା ସେ ଚିତ୍ରଟିକୁ ବାରମ୍ବାର ଦେଖିପାରିବେ । ଜଣେ ଚିତ୍ରକର ଗୋଟିଏ ଚିତ୍ର ନେଇ ତାଙ୍କ ପାଖକୁ ଆସିଲେ । ଚିତ୍ରରେ ଚିତ୍ରକର ମୃତ୍ୟୁ ହାତରେ ଗୋଟିଏ ଦାଆ ଧରାଇ ଦେଇଥିଲେ । ସେ ଭକ୍ତ ଜଣକ ପଚାରିଲେ, "ତୁମେ ମୃତ୍ୟୁ ହାତରେ ଏହି ଦାଆକୁ କ'ଣ ପାଇଁ ଦେଖାଇଛ ?" ଚିତ୍ରକର ଉତ୍ତର ଦେଲେ "ମୃତ୍ୟୁ ଜୀବନର ଅନ୍ତ ଆଣି ଦେଇଥାଏ । ମୃତ୍ୟୁର ଅର୍ଥ ହେଉଛି ଜୀବନର ବିନାଶ ।" ଭକ୍ତ ଜଣକ କହିଲେ, "ଏହା ସତ୍ୟ ଯେ ମୃତ୍ୟୁ ଭୌତିକ ଶରୀରର ବିନାଶ କରିଥାଏ । କିନ୍ତୁ ଏହା କ'ଣ ସତ୍ୟ ନୁହେଁ ଯେ ମୃତ୍ୟୁ ଆତ୍ମା ପାଇଁ ସ୍ୱର୍ଗକୁ ଦ୍ୱାର ଖୋଲିଥାଏ । ମୃତ୍ୟୁ ଏକ ଅଧିକ ପୂର୍ଣ୍ଣତର, ସମ୍ପୂର୍ଣ୍ଣ, ମହାନ୍, ସୁନ୍ଦର ତଥା କାନ୍ତିଦୀପ୍ତ ଜୀବନ ପାଇଁ ଦ୍ୱାର ଖୋଲିଥାଏ । ଏହି ଦାଆ ହଟାଇ ମୃତ୍ୟୁର ହାତରେ ଗୋଟିଏ ସୁନାର ଚାବିକାଠି ଦିଅ । ମୁଁ ମୃତ୍ୟୁକୁ ଏହିପରି ଦେଖିବାକୁ ଚାହୁଁଛି ।"

ଆମେ ଜାଣିଛୁ ଯେ ବାସ୍ତବରେ ମୃତ୍ୟୁ ବୋଲି କିଛି ନାହିଁ । ଯାହାକୁ ଆମେ ଏଠାରେ ମୃତ୍ୟୁ ବୋଲି କହୁଛୁ, ତାହା ଅନ୍ୟ ସ୍ଥାନରେ ଜନ୍ମ । ସଂସାରର ଅନେକ ବ୍ୟକ୍ତି ମୃତ୍ୟୁପାଇଁ ଭୟଭୀତ ଥାଆନ୍ତି । ସେମାନଙ୍କ ଧାରଣା ଯେ ମୃତ୍ୟୁ ଏକ ସମାପ୍ତି । ମୃତ୍ୟୁରେ ସେମାନେ ଶୂନ୍ୟରେ ବିଲୀନ ହୋଇଯିବେ । ବିଶ୍ୱାସ କରନ୍ତୁ ଯେ ସୀମାର ଆରପାରିରେ ଆତଙ୍କ ନାହିଁ କି ଶୂନ୍ୟତା ନାହିଁ । ବରଂ ତାହା ଅନ୍ୟ ଏକ ଲୋକ, ଜୀବନର ଏକ ଅନ୍ୟ ଭୂକ୍ଷେତ୍ର । ଶରୀରରୁ ଆତ୍ମା ଅଲଗା ହେଲେ ଆମେ ମରି ନଥାଉ । ଆମେ ଅନ୍ୟ ଏକ କ୍ଷେତ୍ରରେ ଜୀବିତ ରହୁ ।

Digitized by srujanika@gmail.com

ଏହି "କ୍ଷେତ୍ରଟି" କଣ ? ଏହି ଭୌତିକ ଶରୀରରେ ରହି ଆମେ ଏବେ ସେ ସ୍ଥିତିର କଳ୍ପନା କରି ପାରିବା ନାହିଁ ଯେ ଶରୀର ତ୍ୟାଗ କଲାପରେ ଆମର ଜୀବନ କିପରି ହେବ । କିନ୍ତୁ ବିଶ୍ୱାସ କରନ୍ତୁ, ସେଠାକାର ଜୀବନ ଏବେକାର ଜୀବନ ପରି ସହଜ ତଥା ସ୍ୱାଭାବିକ ଲାଗିବ । ସେଥିପାଇଁ ଆମେ ଦିବଂଗତ ଲୋକଙ୍କ ପାଇଁ ଶୋକଗ୍ରସ୍ତ ହେବା ଠିକ୍ ନୁହେଁ । କାରଣ ସେମାନେ ମଧ୍ୟ ତାଙ୍କର ନୂଆ ସଂସାରରେ ରହନ୍ତି ଏବଂ ଆନନ୍ଦିତ ଥାଆନ୍ତି ।

ପରଲୋକକୁ ଯାଇଥିବା ନିଜର ଦିବଂଗତ ପ୍ରିୟଜନଙ୍କ ପାଇଁ କାନ୍ଦିବା, ଲୁହ ବୁହାଇବା, ତାଙ୍କର ଆତ୍ମାର ପ୍ରତ୍ୟାବର୍ତ୍ତନ କାମନା କରିବା ଭଲ କଥା ନୁହେଁ । ଆମେ ଯେତେବେଳେ ଆମ ପ୍ରିୟଜନଙ୍କ ପାଇଁ ଶୋକ କରୁ, ଲୁହ ଗଡ଼ାଉ, ଆମର ଦୁଃଖ ତତ୍କାଳ ତାଙ୍କର ନୂଆ ଜୀବନରେ ପ୍ରବେଶ କରେ । କିନ୍ତୁ ସେ ନିଜ ଲୋକଙ୍କୁ ସାନ୍ତ୍ୱନା ଦେବାକୁ ଏହି ପୃଥିବୀକୁ ଆସି ପାରନ୍ତି ନାହିଁ । ସେ ଆସି କହିବାକୁ ଚାହାନ୍ତି ଯେ, ସେ "ମୃତ" ନୁହନ୍ତି । ତାଙ୍କର ସେହି ଜୀବନ ଅଛି । ଏପରିକି ଏ ପୃଥିବୀର ଜୀବନ ଅପେକ୍ଷା ସେ ନୂଆ ଜୀବନରେ ଅଧିକ ଆନନ୍ଦିତ ଅଛନ୍ତି ।

ସେ ଚେଷ୍ଟା କରନ୍ତି ଯେ ସେ ଆମ ପାଖକୁ ଆସି ଆମକୁ ଆଶ୍ୱାସନା ଦିଅନ୍ତୁ । କିନ୍ତୁ ସେ ସେପରି କରିପାରନ୍ତି ନାହିଁ । ଏହାଦ୍ୱାରା ତାଙ୍କ ପାଇଁ କଠିନ ପରିସ୍ଥିତି ସୃଷ୍ଟି ହୋଇଥାଏ । ଗୋଟିଏ ପାଖରେ ଶୋକରେ ବୁଡିଥିବା ନିଜ ପ୍ରିୟଜନଙ୍କୁ ଦେଖା କରିବାର ଇଚ୍ଛା ଟାଣୁଥାଏ । ଏଠାରେ ସେ ପହଞ୍ଚିପାରନ୍ତି ନାହିଁ । ଅନ୍ୟ ପାଖରେ ସେ ନିଜର ଏହି ଅଲୌକିକ, ମହାନ, ସୁନ୍ଦର ତଥା ଶ୍ରେଷ୍ଠ ନୂଆ ସଂସାର ମଧ୍ୟରେ ରହିବାର ଆବଶ୍ୟକତା ଅନୁଭବ କରନ୍ତି । ସେ କ'ଣ କରିବେ ? ଆମର ଶୋକ ତାଙ୍କୁ ବିଚଳିତ ଅବସ୍ଥାରେ ପକାଇଦିଏ ।

Digitized by srujanika@gmail.com

ସେଥିପାଇଁ ମୋର ସମସ୍ତଙ୍କୁ ଅନୁରୋଧ ଯେ କେହି ବି ନିଜ ଦିବଂଗତ ପ୍ରିୟଜନଙ୍କ ପାଇଁ ଶୋକ କରନ୍ତୁ ନାହିଁ । ଏପରି ସ୍ଥଳେ ଆମକୁ ଚିନ୍ତା କରିବାକୁ ପଡ଼ିବ ଯେ ଆମର ପ୍ରିୟଜନ ଅନ୍ୟଲୋକରେ କେତେ ଆନନ୍ଦିତ ଅଛନ୍ତି । ଆପଣ ନିଜର ପ୍ରେମପୂର୍ଣ୍ଣ ତଥା କରୁଣାପୂର୍ଣ୍ଣ ବିଚାର ତାଙ୍କ ପାଖକୁ ପଠାନ୍ତୁ । ନିଜ ପ୍ରାର୍ଥନାରେ ତାଙ୍କୁ ସ୍ମରଣ କରନ୍ତୁ ତଥା ତାଙ୍କ ସ୍ମୃତିରେ କିଛି ସେବା କାର୍ଯ୍ୟ କରନ୍ତୁ ।

ଜଣେ ମା' ଥିଲେ । ତାଙ୍କ ପରିବାରରେ ଛଅଜଣ ସଦସ୍ୟ ଥିଲେ । ସେ ସବୁବେଳେ ଆଠଜଣଙ୍କ ପାଇଁ ଖାଦ୍ୟ ତିଆରି କରୁଥିଲେ । ଯେତେବେଳେ ମୁଁ ତାଙ୍କୁ ଏହାର କାରଣ ପଚାରିଲି, ସେ କହିଲେ ତାଙ୍କର ଦୁଇଜଣ ସନ୍ତାନଙ୍କର ବାଲ୍ୟାବସ୍ଥାରେ ସ୍ୱର୍ଗପ୍ରାପ୍ତି ହୋଇଛି । ସେ କହିଲେ, ''ମୁଁ ପ୍ରତିଦିନ ମୋର ପ୍ରାର୍ଥନାରେ ସେମାନଙ୍କୁ ମନେ ପକାଇଥାଏ । ମୋର ସ୍ନେହ ଏବଂ ଆଶୀର୍ବାଦ ତାଙ୍କ ପାଖକୁ ପଠାଇଥାଏ ଏବଂ ନିଜକୁ କହିଥାଏ ଯେ ସେମାନେ ଯଦି ଜୀବିତ ଥାଆନ୍ତେ ତେବେ ତାଙ୍କ ଭାଗର ଖାଦ୍ୟ ଗ୍ରହଣ କରୁଥାଆନ୍ତେ । ମୁଁ ପ୍ରତିଦିନ ସେମାନଙ୍କର ଭାଗର ଖାଦ୍ୟ ରାନ୍ଧିଥାଏ ଏବଂ ସେ ଖାଦ୍ୟକୁ ପୃଥକ୍ କରି ନିର୍ଦ୍ଧନ ତଥା ଭୋକିଲା ଲୋକଙ୍କୁ ଖାଇବାକୁ ଦେଇଥାଏ ।'' ନିଜଠାରୁ ଅଲଗା ହୋଇଯାଇଥିବା ନିଜ ପ୍ରିୟଜନଙ୍କୁ ମନେ ପକାଇବାର ଏହା କେତେ ସୁନ୍ଦର ବ୍ୟବସ୍ଥା ।

ନିଜ ପ୍ରିୟଜନଙ୍କୁ ମନେ ପକାନ୍ତୁ । ତାଙ୍କ ପାଖକୁ ପ୍ରେମର ତରଙ୍ଗ ପଠାନ୍ତୁ । ଆପଣଙ୍କ ପ୍ରେମ ତାଙ୍କ ପାଖରେ ପହଞ୍ଚିବ ତଥା ତାଙ୍କୁ ତାଙ୍କର ନୂଆ ପରିବେଶରେ ସ୍ଥିର ହୋଇ ରହିବାରେ ସାହାଯ୍ୟ କରିବ । ମୋର ବିନମ୍ର ନିବେଦନ ଯେ ତାଙ୍କ ପାଇଁ ଶୋକ କରନ୍ତୁ ନାହିଁ । ତାଙ୍କର ମୃତ୍ୟୁରେ ଲୁହ ବୁହାନ୍ତୁ ନାହିଁ । କାରଣ ଆପଣଙ୍କ ଦୁଃଖ ଏବଂ ଶୋକ ତାଙ୍କୁ ''ଅନ୍ୟ ଜଗତ''ରେ ବିଚଳିତ କରିବ ।

Digitized by srujanika@gmail.com

ସ୍ୱର୍ଗ ଏବଂ ନର୍କ :

ନର୍କ ବୋଲି କେଉଁଠାରେ କିଛି ନାହିଁ । କିନ୍ତୁ ଗୋଟିଏ ପାପ ଶୋଧନକାରୀ କ୍ଷେତ୍ରଅଛି । ଏଠାରେ ଆମ୍ଭକୁ ସାମୟିକ ଭାବରେ ଅଟକାଇ ରଖିବା ଅନିବାର୍ଯ୍ୟ ହୋଇପଡ଼େ । ଏହା ଏକ ମାନସିକ ଆବଶ୍ୟକତା । ଏହା ଦ୍ୱାରା ସେ ଆଗାମୀ ଯାତ୍ରାରେ ଅଗ୍ରସର ହେବା ପୂର୍ବରୁ ଶୁଦ୍ଧ, ପବିତ୍ର ତଥା ନିର୍ମଳ ହୋଇଥାଆନ୍ତି ।

ଯେଉଁ ବ୍ୟକ୍ତି ଏହି ପୃଥିବୀରେ ପରିପୂର୍ଣ୍ଣ ତଥା ସଦାଚାର ଜୀବନ ଯାପନ କରନ୍ତି, ତାଙ୍କୁ ଏହି ପ୍ରତିବଂଧକ ସମୟରେ ଅଟକାଇବା ଆବଶ୍ୟକ ପଡ଼େ ନାହିଁ ।

ଏଠାରୁ ବିଦାୟ ନେବା ପୂର୍ବରୁ ଆମେ କୁଟିଳତା, ଭୁଲ୍ ହେଉ ବା ଦୁର୍ବଳତା କାରଣରୁ ହେଉ ଆମେ କରିଥିବା ସମସ୍ତ ଦୁଷ୍କର୍ମରୁ ନିଜକୁ ମୁକ୍ତ କରିନେବା ଉଚିତ୍ ।

❋ ❋ ❋

Digitized by srujanika@gmail.com

ପାରଲୌକିକ ସଂସାର

ଆମେ ଜାଣିଛୁ ଯେ ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଜୀବାତ୍ମାକୁ ପରଲୋକରେ ନିଜର ଗୋଟିଏ ନିର୍ଣ୍ଣୀତ ସ୍ଥାନ ମିଳିଥାଏ । ସେ ସ୍ଥାନ କିପରି ? ପରଲୋକରେ ଆତ୍ମାକୁ ନିଜର ସ୍ଥାନ କିପରି ମିଳେ ? ପରଲୋକରେ ପୋଲିସ୍‌ର କୌଣସି ସିପାହୀ ନାହିଁ ଯେ ଆମ ସ୍ଥାନ ଦେଖାଇଦେବ । କିମ୍ବା ଯେଉଁଠିକି ଯିବାର ଅଛି ତା'ର ରାସ୍ତା କହିଦେବାର ଲୋକ ନାହିଁ । ତେବେ ଆତ୍ମା କିପରି ନିଜର ନିର୍ଣ୍ଣୀତ ସ୍ଥାନ ପାଇଥାଏ ?

ଆମେ ଯେତେବେଳେ ପୃଥିବୀ ଉପରେ ଅଛୁ, ସେତେବେଳେ ଆତ୍ମା ଭୌତିକ ଶରୀରରେ ବାସ କରିଥାଏ । ପ୍ରତ୍ୟେକ ଆତ୍ମା ନିଜର ତୀବ୍ରତାରେ ତରଙ୍ଗାୟିତ । ତା'ର ଆଧାର ହେଉଛି ନିଃସ୍ୱାର୍ଥତା, ପ୍ରେମ, କରୁଣା, ପବିତ୍ରତା ତଥା ପ୍ରାର୍ଥନାରତ ହେବାର ଅଭୀପ୍‌ସା । ଆତ୍ମା ଯେତିକି ନିଃସ୍ୱାର୍ଥୀ, ପବିତ୍ର ତଥା ପ୍ରାର୍ଥନାମୟ ହେବ, ତରଙ୍ଗର ତୀବ୍ରତା ସେତିକି ହେବ । ଆତ୍ମା ଶରୀରରୁ ଅଲଗା ହୋଇ ସମତରଙ୍ଗାୟିତ ପରଲୋକକୁ ଯାଏ । ଏହି ପ୍ରକାରେ ପ୍ରତ୍ୟେକ ଆତ୍ମାକୁ ପରଲୋକରେ ନିଜ ନିଜର ସ୍ଥାନ ମିଳି ଯାଇଥାଏ ।

ପରଲୋକ ଗୋଟିଏ ଅନ୍ତହୀନ ସଂସାର । ପରଲୋକରେ ବିଭିନ୍ନ ସ୍ତର ଥାଏ ଏବଂ ସେଠାକୁ ଆତ୍ମାର ପ୍ରବେଶ ପାଇଁ କୌଣସି ବାଧା ନାହିଁ । ଆତ୍ମା ନିଜ ଇଚ୍ଛା ଅନୁସାରେ କେଉଁଠିକି ମଧ୍ୟ ଯିବାଆସିବା କରିପାରେ । ଆତ୍ମା ଉଚ୍ଚତର ସ୍ତରରେ ପହଞ୍ଚିପାରେ ତଥା ନିମ୍ନତମ ସ୍ତରକୁ ଓହ୍ଲାଇ ଆସିପାରେ । କୌଣସି ପାସପୋର୍ଟର ଆବଶ୍ୟକତା ନାହିଁ । ପରଲୋକରେ ଉଚ୍ଚତର କିମ୍ବା ନିମ୍ନତର ସ୍ତରରେ ପ୍ରବେଶ ପାଇଁ କୌଣସି ଭିସାର ଦରକାର ପଡ଼େ ନାହିଁ ।

Digitized by srujanika@gmail.com

ଗୋଟିଏ ଆତ୍ମା ଉଚ୍ଚତମ କ୍ଷେତ୍ରକୁ ଯାଇପାରେ । ଏହି କ୍ଷେତ୍ର ତାଙ୍କ ନିଜ ସ୍ତରରୁ ଅଧିକ ପ୍ରକାଶବାନ ତଥା ଆନନ୍ଦମୟ ହୋଇପାରେ । ଫଳରେ ଏହା ହୁଏ ଯେ ଆତ୍ମା ଉଚ୍ଚତର ସ୍ତରକୁ ଗଲେ ଉଚ୍ଚତର ଓ ତୀବ୍ର ଗତିଶୀଳ ତରଙ୍ଗ ମଧ୍ୟରେ ନିଜକୁ ପାଏ । ତାକୁ ସେହି ପ୍ରକାଶର ତୀବ୍ରତା ମଧ୍ୟ ଜଣାପଡ଼େ । ତରଙ୍ଗ ସବୁ ଏତେ ସୂକ୍ଷ୍ମ ଯେ ଆତ୍ମା ତା' ସହିତ ତାଳମେଳ ରଖିପାରେ ନାହିଁ । ଫଳରେ ଆତ୍ମାକୁ ଅଣନିଃଶ୍ୱାସୀ ଲାଗେ । ସେ ସେହି ସ୍ତରରେ ରହିପାରେନାହିଁ । ସେ ପୁଣି ସେହି ନିମ୍ନସ୍ତରର ପୁନର୍ବାସ ସ୍ଥଳକୁ ଫେରିଆସେ । ଏଠାରେ ତରଙ୍ଗ ନିଜର ଅନୁକୂଳରେ ଥାଏ । ଏହି ପ୍ରକାରେ ପ୍ରତ୍ୟେକ ଆତ୍ମା ପରଲୋକରେ ନିଜର ନିର୍ଦ୍ଧାରିତ ସ୍ଥାନ ପ୍ରାପ୍ତ କରିଥାଏ ।

ଆମକୁ ପିଲାଦିନେ ଗୋଟିଏ ରାଜ୍ୟର ଜଣେ କେଉଟୁଣୀ କଥା କୁହାଯାଇଥିଲା । ତାକୁ ସେ ରାଜ୍ୟର ମହାରାଣୀ ତାଙ୍କ ରାଜମହଲରେ ଗୋଟିଏ ରାତି କଟାଇବାକୁ ଡାକିଥିଲେ । ପ୍ରଥମେ ତ କେଉଟୁଣୀଜଣକ ଖୁସିରେ ବିଭୋର ହୋଇଗଲା । "ମୁଁ ରାଜମହଲ ଯିବି ଏବଂ ସେ ରାତିକ ସେଠାରେ ରହିବି । ସତରେ ମୁଁ କେତେ ସୌଭାଗ୍ୟଶାଳିନୀ !" କିନ୍ତୁ ଯେତେବେଳେ ରାତି ହେଲା ଏବଂ ସେ ଶୋଇବା କକ୍ଷକୁ ଗଲା, ସେଠାରେ ଦେଖିଲା ଯେ ଶୟନ କକ୍ଷଟି ଅନେକ ପ୍ରକାର ସୁଗନ୍ଧିତ ଫୁଲରେ ସଜ୍ଜିତ । ଚାରିଆଡ଼େ ଫୁଲ ହିଁ ଫୁଲ । କାନ୍ଥରେ ଫୁଲ, ଟେବୁଲ୍ ଉପରେ ଫୁଲ ଏବଂ ନିଜ ଶଯ୍ୟାର ଚାରିପାଖରେ ଫୁଲ ଭର୍ତ୍ତି ହୋଇଥିଲା । ବିଚରା କେଉଟୁଣୀ ଜଣକ ଯେତେ ଚେଷ୍ଟାକଲେ ବି ଶୋଇ ପାରିଲା ନାହିଁ । କାରଣ ? ସେ ମାଛର ଗନ୍ଧ ସହିତ ଅଭ୍ୟସ୍ତ ଥିଲା । ଶୋଇବା ପୂର୍ବରୁ ସବୁବେଳେ ସେ ନିଜ ବିଛଣା ପାଖରେ ମାଛ ଟାଙ୍ଗୁଡ଼ି ରଖୁଥିଲା । କିନ୍ତୁ ସେ ରାତିରେ ମାଛ ଟାଙ୍ଗୁଡ଼ି ଜାଗାରେ ସୁଗନ୍ଧିତ ଫୁଲ ଟାଙ୍ଗୁଡ଼ି ଥିଲା । ସାରା ରାତି ତାକୁ ଅନିଦ୍ରା ରହିବାକୁ ପଡ଼ିଲା । ଯେତେବେଳେ ସକାଳ ହେଲା ସେ ନିଜ କୁଡ଼ିଆକୁ ଯିବାକୁ ସତ୍ୱରେ ଅନୁମତି ମାଗିଲା । ସେଠାରେ ପହଞ୍ଚି ସେ ନିଜର ମନୋବାଞ୍ଛିତ ମାଛର ଗନ୍ଧ ଗ୍ରହଣ କରି ତୃପ୍ତହେଲା । ଏହା

Digitized by srujanika@gmail.com

ପରେ ସେ କେବେ ବି ମହାରାଣୀଙ୍କ ରାଜମହଲରେ ରାତ୍ରିଯାପନ କରିବାକୁ ଇଚ୍ଛା କଲା ନାହିଁ ।

ପରଲୋକରେ ଏହାହିଁ ହୋଇଥାଏ । ତରଙ୍ଗର ନିୟମାଧୀନ ପ୍ରତ୍ୟେକ ବ୍ୟକ୍ତିକୁ ନିଜର ନିର୍ଣ୍ଣୀତ ସ୍ଥାନ ମିଳିଥାଏ । ତେଣୁ ପୃଥିବୀ ଉପରେ ଆମର ଏହି ସୂକ୍ଷ୍ମ ରହଣି ମଧ୍ୟରେ ନିଜର ତରଙ୍ଗକୁ ସୂକ୍ଷ୍ମରୁ ସୂକ୍ଷ୍ମତର କରନ୍ତୁ । ଆପଣଙ୍କ ତରଙ୍ଗର ତୀବ୍ରତା ଯେତେ ଉଚ୍ଚସ୍ତରର ହେବ, ପରଲୋକରେ ଆପଣଙ୍କ ସ୍ଥାନ ସେତିକି ଉଚ୍ଚତର ହେବ ।

ପରଲୋକରେ ଆପଣଙ୍କ ବିଚାର ସହିତ ମେଳ ଖାଉଥିବା ଲୋକଙ୍କ ଦଳ ମିଳିବ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ନିଜ ଢଙ୍ଗରେ ବିଚାର କରିଥାଏ ଏବଂ ତା'ର ବିଚାର ମଧ୍ୟ ସ୍ୱତନ୍ତ୍ର ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିକୁ ପରଲୋକରେ ସହଯୋଗୀମାନଙ୍କଠାରୁ ଅନେକ କିଛି ଶିଖିବାକୁ ମିଳିଥାଏ । ପରଲୋକରେ ଆପଣଙ୍କୁ ଏହା ମଧ୍ୟ ଜଣାପଡ଼ିବ ଯେ ବିଚାର ହିଁ ସର୍ବାଧିକ ଶକ୍ତିଶାଳୀ । ଆପଣଙ୍କର ଅନୁଭବ ହେବ ମନ ହିଁ କର୍ତ୍ତା ଏବଂ ମନ କିଛି ବି ସୃଷ୍ଟି କରିପାରେ । ମନ ଯାହା ଚିନ୍ତା କରେ, ତାହା ତତ୍କ୍ଷଣାତ୍ ସୃଷ୍ଟି ହୋଇଯାଏ ।

ଏଥିପାଇଁ ଆମ ବିଚାରକୁ ନିୟନ୍ତ୍ରଣ କରିବା କୌଶଳ ଶିଖିବାକୁ ପଡ଼ିବ । ମୁଁ ଗୋଟିଏ ଗପ ଶୁଣିଥିଲି । ଏହା ଜଣେ ବ୍ୟକ୍ତିଙ୍କ ବିଷୟରେ ଥିଲା । ସେ ନିଜ ମନ ଉପରେ ନିୟନ୍ତ୍ରଣ କରିବା ଶିଖି ନ ଥିଲା । ଦିନେ ସେହି ବ୍ୟକ୍ତି କଳ୍ପବୃକ୍ଷ ତଳେ ବସିଥିଲା । ଏପରି ବୃକ୍ଷ ତଳେ ବସିଲେ ବ୍ୟକ୍ତିର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଯାଏ । କଳ୍ପବୃକ୍ଷ ତଳେ ବସିଥିବା ସେହି ବ୍ୟକ୍ତିଟି ଏତେ ଥକି ଯାଇଥିଲା ଯେ ମନେ ମନେ ଭାବିଲା ତାକୁ ବିଶ୍ରାମ ନେବାକୁ ଗୋଟିଏ ପଲଙ୍କ ମିଳିଯାଉ। ତତ୍କ୍ଷଣାତ୍ ତା' ସାମ୍ନାକୁ ଗୋଟିଏ ପଲଙ୍କ ଆସିଗଲା । ବ୍ୟକ୍ତିଟି ସେ ପଲଙ୍କ ଉପରେ ଶୋଇଗଲା । ସେ ଭାବିଲା କେହି ଆସି ତାକୁ ଘଷିମୋଡ଼ି ଦେଲେ ଭଲହୁଅନ୍ତା । ତା'ର ଇଚ୍ଛା ଅନୁସାରେ ତୁରନ୍ତ

Digitized by srujanika@gmail.com

ଜଣେ ସୁନ୍ଦରୀ ସ୍ତ୍ରୀର ଆବିର୍ଭାବ ହେଲା ଏବଂ ତାକୁ ମୋଡ଼ିବାକୁ ଆରମ୍ଭ କଲା । ବ୍ୟକ୍ତିଟି ଖାଇବା ବିଷୟରେ ମଧ୍ୟ ଭାବିଲା, କାରଣ ସେ ଭୋକିଲା ଥିଲା । ସଂଗେ ସଂଗେ ଅନେକ ପ୍ରକାର ସାଦିଷ୍ଟ ଖାଦ୍ୟ ଆସି ପହଞ୍ଚିଗଲା । ଯେତେବେଳେ ପେଟପୂରା ଖାଇ ସାରିଲା, ସେତେବେଳେ ସେ ଚାରିଆଡ଼କୁ ଦେଖିଲା ଏବଂ ଭାବିଲା ଯେ ସେ ଜଙ୍ଗଲ ମଧ୍ୟରେ ଅଛି । ଏପରି ନ ହେଉ ଯେ କେଉଁଠାରୁ ଅଚାନକ ଏକ ବାଘ ଆସିଯାଉ ଓ ତାକୁ ଖାଇଦେଉ । ତାହା ହିଁ ହେଲା । ଜଣାନାହିଁ କେଉଁଠାରୁ ଗୋଟିଏ ବାଘ ଆସିଗଲା ଓ ତାକୁ ଖାଇଦେଲା । ଏହିପରି ଯେଉଁ ବ୍ୟକ୍ତି ନିଜ ବିଚାର ଉପରେ ନିୟନ୍ତ୍ରଣ ରଖି ନ ପାରେ, ସେ ବିନଷ୍ଟ ହୋଇଥାଏ ।

ପରଲୋକରେ ଆମକୁ ଜଣାପଡ଼େ ଯେ ବିଚାର ରଚନାତ୍ମକ ହୋଇଥାଏ । ଯଦି ଆପଣଙ୍କର କିଛି ଦରକାର ଏବଂ ସେ ଜିନିଷ ବିଷୟରେ ଚିନ୍ତା କରନ୍ତି ତେବେ ସେହି ଜିନିଷ ସେହି ରୂପରେ ପ୍ରକଟ ହୋଇଯାଏ । ପରଲୋକରେ କାହାକୁ ଦେଖା କରିବାକୁ ଚାହିଁଲେ, ତେବେ ସେହି ବ୍ୟକ୍ତି କଥା ଭାବିବାମାତ୍ରେ ସେ ଆପଣଙ୍କ ସମ୍ମୁଖରେ ପ୍ରକଟ ହୋଇଯାଏ ।

ପରଲୋକରେ ଚଳପ୍ରଚଳ ଆଲୋକର ଗତି ସହିତ ସମାନ । ଜୀବାତ୍ମା ଯେତେ ପରିଭ୍ରମଣ କଲେ ମଧ୍ୟ ଥକି ଯାଏ ନାହିଁ । ତାକୁ କ୍ଳାନ୍ତିର ଅବଶତା ଘାରେ ନାହିଁ । ତାକୁ ଶୋଇବାର ଆବଶ୍ୟକତା ମଧ୍ୟ ପଡ଼େନାହିଁ, କାରଣ ଭୌତିକ ଶରୀର ନଥାଏ । କିନ୍ତୁ ଯଦି ଆପଣ କୌଣସି ରୋଗ ବିଷୟରେ ଭାବିବେ, ତେବେ ତତ୍କ୍ଷଣାତ୍ ଆପଣଙ୍କୁ ଲାଗିବ ଯେ ଆପଣ ଜଣେ ରୋଗୀ ।

* * *

Digitized by srujanika@gmail.com

ନର୍କ ବୋଲି କିଛି ନାହିଁ

ସ୍ୱର୍ଗ କ'ଣ ଓ ନର୍କ କ'ଣ ? ମୋ ବିଚାରରେ ନର୍କ ବୋଲି କେଉଁଠାରେ କିଛି ସ୍ଥାନ ନାହିଁ । ତତ୍ତ୍ୱଜ୍ଞାନୀମାନେ ଏହି ବିଚାରରେ ଆମକୁ ଡରାନ୍ତି ଯେ ପାପୀ ନିଜ କର୍ମ ପାଇଁ ଅନନ୍ତ କଷ୍ଟ ପାଏ । ପାପୀ ନର୍କର ଅଗ୍ନିରେ ସବୁବେଳେ ଜଳୁଥାଏ । ଏହି କଥା ସତ୍ୟଠାରୁ ବହୁତ ଦୂରରେ । ଈଶ୍ୱର ପ୍ରେମ ଓ ଦୟାର ସ୍ୱରୂପ ଅଟନ୍ତି । ଆମେ ଏହା କହି ପାରିବା ଯେ ତାହା ଗୋଟିଏ ସଂସ୍କାରଗୃହ । ମାନସିକ ବିକାରର ମୁକ୍ତିଶାଳା । ଏଠାରେ କିଛି ଆତ୍ମାମାନଙ୍କୁ ଆଗାମୀ ଉଚ୍ଚତର ଯାତ୍ରା ପଥରେ ଯିବାପାଇଁ ପ୍ରଥମେ ଶୁଦ୍ଧ, ନିର୍ମଳ ଓ ସ୍ୱଚ୍ଛ ହେବାପାଇଁ ଅଟକିବାକୁ ପଡ଼ିଥାଏ ।

ଆମକୁ ମନେ ରଖିବାକୁ ହେବ ଯେ ସଂସ୍କାରଗୃହଟି ଶାସ୍ତିର ସ୍ଥାନ ନୁହେଁ କି ଅନ୍ତହୀନ ମଧ୍ୟ ନୁହେଁ । ଏହି ସଂସ୍କାରଗୃହ ପଛରେ କୌଣସି ଦଣ୍ଡର ଯୋଜନା ନାହିଁ । ଏହା ଗୋଟିଏ ଅସ୍ଥାୟୀ ସ୍ଥିତି । ଏଠାରେ କେତେକ ଆତ୍ମାକୁ ନିର୍ମଳ ତଥା ଶୁଦ୍ଧ ହେବା ପର୍ଯ୍ୟନ୍ତ ରହିବାକୁ ପଡ଼ିଥାଏ ।

ଏହି ଶୁଦ୍ଧ ହେବାର ପ୍ରକ୍ରିୟା କ'ଣ ? ଏହି ସଂସ୍କାରଗୃହରେ ଆତ୍ମାକୁ ନିଜର ପୂର୍ବର ହିସାବ ନିକାଶର ସାମ୍ନା କରିବାକୁ ପଡ଼ିଥାଏ । ପୃଥିବୀରେ ଥିବା ସମୟରେ କରିଥିବା ପାପସବୁ ତା' ସମ୍ମୁଖକୁ ଆସିଯାଏ । ଯେତେବେଳେ ଆତ୍ମା ନିଜର ରେକର୍ଡ଼କୁ ପ୍ରତ୍ୟକ୍ଷ ଦେଖେ, ତା' ଉପରେ ସେ ପ୍ରତିକ୍ରିୟା ପ୍ରକାଶ କରିଥାଏ । ସେ ଜାଣିଯାଏ ଯେ ତା'ର ଅତୀତ ଜୀବନ, ଆଦର୍ଶ ଠାରୁ ଦୂରରେ ଥିଲା । ସଂଗେ ସଂଗେ ଆତ୍ମାର ଉଚ୍ଚ ଏବଂ ନୀଚ ସ୍ୱରୂପ ମଧ୍ୟରେ ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଏ । ଏହି ଦ୍ୱନ୍ଦ୍ୱ ହିଁ ଆତ୍ମସଂସ୍କାର ନାମରେ ପରିଚିତ । ଆତ୍ମସଂସ୍କାରର ଉଦ୍ଦେଶ୍ୟ କେବଳ ଆମକୁ ନିଜର ଦୁଷ୍କର୍ମକୁ ଅନୁଭବ କରାଇବା । ଆମକୁ କେହି

Digitized by srujanika@gmail.com

ଧରିନେଇ ଆତ୍ମ-ସଂସ୍କାରଗୃହକୁ ନେଇ ନଥାଏ । ଆମକୁ ମନେ ରଖିବାକୁ ହେବ ଯେ ସ୍ୱର୍ଗ-ନର୍କ ଅଥବା ଆତ୍ମ-ସଂସ୍କାରଗୃହର କୌଣସି ଅସ୍ତିତ୍ୱ ନାହିଁ । ଏହା କେବଳ ଚେତନାର ବିଭିନ୍ନ ସ୍ତର। ପରଲୋକରେ ସମାନ ପ୍ରକାରର ବିଚାରଧାରା, ଦୃଷ୍ଟିକୋଣ ଓ ସମତରଙ୍ଗାୟିତ ବ୍ୟକ୍ତିମାନେ ସାଥି ହୋଇଯାଆନ୍ତି । ସ୍ୱର୍ଗ ତଥା ସଂସ୍କାରଗୃହ ଯଥାର୍ଥରେ ଏକ ଦିବ୍ୟ ପରିବେଶ । ସଂସ୍କାରଗୃହରେ ପ୍ରତ୍ୟେକ ଆତ୍ମାର ଅନୁଭବ ହୁଏ ଯେ ପାପ ନିଶ୍ଚିତ ଭାବରେ ଦୁଃଖ-ସନ୍ତାପ ଆଣିଥାଏ । ବିଷାଦର ମଞ୍ଜି ହିଁ ପାପ ମଧ୍ୟରେ ଥାଏ । ପାପ କେବଳ ବିଷାଦ ଆଡ଼କୁ ନେଇ ଯାଇଥାଏ । ତାହା ସୁଖ ନୁହେଁ ବରଂ କଷ୍ଟ ଦେଇଥାଏ ।

ଆତ୍ମ-ସଂସ୍କାରଗୃହରେ ଆତ୍ମାକୁ ଏହି ପ୍ରକାରେ ଶୁଦ୍ଧ କରାଯାଇଥାଏ । ଏହା ସୁନାକୁ ନିଆଁରେ ପୋଡ଼ି ତା'ର ସମସ୍ତ ମଇଳା ଏବଂ ମିଶ୍ରଣକୁ ନଷ୍ଟ କରିବା ପରି । ତଥାପି ଆତ୍ମ-ସଂସ୍କାରଗୃହରେ ଆତ୍ମା ପୂର୍ଣ୍ଣ ରୂପରେ ଶୁଦ୍ଧ ହୁଏ ନାହିଁ । କେତେକ ଆତ୍ମାର ଏହି କଠିନ ପରୀକ୍ଷାକୁ ସହ୍ୟ କରିବାର ପବିତ୍ରତା ତଥା ଶକ୍ତି ଥାଏ । ଏଥିପାଇଁ ଗୋଟିଏ ଆତ୍ମା ସଂସ୍କାରଗୃହରେ ନିଜର ସହନଶକ୍ତିର ସୀମା ଅନୁରୂପ ଶୁଦ୍ଧ ହୋଇଥାଏ । ତା' ଠାରୁ ଅଧିକ ସମ୍ଭବ ନୁହେଁ । ଏହି ପ୍ରକାର ଆତ୍ମା ନିଜର କର୍ମର ଗୋଟିଏ ଅଂଶକୁ ଶୁଦ୍ଧ କରିପାରିଥାଏ ଏବଂ ଯଥା ସମୟରେ ଅବଶିଷ୍ଟ କର୍ମକୁ ସାଙ୍ଗରେ ଧରି ପୁଣି ପୃଥିବୀକୁ ଆସିଯାଏ ଏବଂ ଅବଶିଷ୍ଟ କର୍ମସବୁ ଆଗାମୀ ଜନ୍ମରେ କଷ୍ଟ ଦେଇଥାଏ । କଳ୍ପନା କରନ୍ତୁ ଯେ ଏକ ପ୍ରକାର ମାନସିକତା ଥିବା କେତେ ଆତ୍ମାମାନଙ୍କର ହୃଦୟରେ ଘୃଣା ଥାଏ । ସେମାନଙ୍କର ଭୋଗଲିପ୍ସା ପୂରଣ ହୋଇ ନଥାଏ । ସେମାନେ ଅସନ୍ତୁଷ୍ଟ ତଥା ଅପବିତ୍ର ଇଚ୍ଛାର ଅଧିକାରୀ । ଏ ସମସ୍ତେ ଗୋଟିଏ ସ୍ଥାନରେ ଏକାଠି ହୋଇଯାଆନ୍ତି । ସଂଭବତଃ ସେହି ସ୍ଥାନଟି ନର୍କ ପରି ହୋଇଥାଏ ।

ଯେତେବେଳେ ଜଣେ ବ୍ୟକ୍ତି ପୃଥିବୀର କୌଣସି ସ୍ଥାନରେ ଓ ଅନ୍ୟମାନଙ୍କର ନଜର ବାହାରେ କୌଣସି ପାପ କରେ, ସେତେବେଳେ ସେ

Digitized by srujanika@gmail.com

ଖୁସି ହୋଇଥାଏ । କିନ୍ତୁ ଅନ୍ୟମାନଙ୍କ ସହିତ ମିଶି ସେହି ପାପ କଲେ ସେ ନିଜେ ଘୃଣାରେ ପୂର୍ଣ୍ଣ ହୋଇଯାଏ । ସେହି ଘୃଣା ଯେତେବେଳେ ଆହୁରି ଅଧିକ ହୋଇଥାଏ ଯେତେବେଳେ ସେ ଦେଖେ ଯେ ସେହି ପାପ କରୁଥିବା ସମୟରେ ତାକୁ କେହି ଅଟକାଉନାହିଁ । ସେ ବିନା ପ୍ରତିରୋଧରେ ପାପ କରେ ତଥା ଅଧିକ ନିମ୍ନ ସ୍ତରକୁ ଚାଲିଯାଇଥାଏ । ସେ ସମୟରେ ହୃଦୟର ଗଭୀରତମ ସ୍ଥାନରୁ ଗୋଟିଏ ଚିତ୍କାର ଶୁଣାଯାଏ, ''ମୁଁ ଅତି କଷ୍ଟରେ ଅଛି । ଆଗକୁ ଏହି ପାପ ମୁଁ କରିବାକୁ ଚାହୁଁନାହିଁ । କ'ଣ ଏଠାରେ କେହି ନାହିଁ, ଯିଏକି ମୋତେ ରକ୍ଷା କରିପାରିବ ?''

ତା'ର ସେହି ଚିତ୍କାରର ଉତ୍ତର ଗୋଟିଏ ଦଳ ଦେଇଥାଏ । ଅଲୌକିକ ସଂସାରରେ ଏହିପରି ଅନେକ ସେବାଦଳ ଅଛନ୍ତି । ଯେଉଁମାନଙ୍କର ଏହିପରି ଅନୁଭବ ପୂର୍ବରୁ ହୋଇଥାଏ ସେହି ଆତ୍ମାମାନେ ସେବାଦଳର ସଦସ୍ୟ ହୋଇଥାଆନ୍ତି । ସେମାନେ ଏହି ପୃଥିବୀ ଉପରେ ଥିଲାବେଳେ ସମାନ ପ୍ରକାର ପାପକର୍ମକୁ କରିବା ପାଇଁ ଉତ୍ତେଜିତ ଥିଲେ ଏବଂ ଯେଉଁମାନେ ସେହି ଉତ୍ତେଜନାକୁ ରୋକିବାର ବଳ ଜୁଟାଇ ପାରିଥିଲେ ସେହିମାନେହିଁ ସାହାଯ୍ୟ କରିବା ପାଇଁ ଆସନ୍ତି ଏବଂ ସଂସ୍କାରଗୃହରୁ ମୁକ୍ତ କରି ସ୍ୱର୍ଗକୁ ନେଇଯାଆନ୍ତି ।

ଯଦି ଜୀବାତ୍ମା ପୃଥିବୀର ଅଳ୍ପକାଳୀନ ନିବାସ ସମୟରେ ନିଜର ଇଚ୍ଛାମାନଙ୍କୁ ସଂଯତ କରିନିଏ ଏବଂ ଦୁଷ୍ଟବୃତ୍ତି ଉପରେ ଅଙ୍କୁଶ ଲଗାଇପାରେ, ତେବେ ତାକୁ ଆତ୍ମ-ସଂସ୍କାରଗୃହକୁ ଯିବାର ଆବଶ୍ୟକତା ପଡ଼େ ନାହିଁ, କିମ୍ବା ଆତ୍ମ-ସଂସ୍କାରଗୃହରେ ପ୍ରବେଶ ଅତି କମ୍ ସମୟ ପାଇଁ ହୋଇଥାଏ । ଏଥିପାଇଁ ପୃଥିବୀ ଉପରେ ବାସ କରୁଥିବା ସମୟରେ ଆମକୁ ସ୍ୱଚ୍ଛ ଏବଂ ନିର୍ମଳ ହେବାକୁ ହେବ । ନିଜ ହୃଦୟର ଦୟା ତଥା ପ୍ରେମ ସମସ୍ତ ପ୍ରାଣୀଙ୍କୁ ଦେବାକୁ ହେବ । ପ୍ରାଣୀମାନଙ୍କ ମଧ୍ୟରେ ପଶୁପକ୍ଷୀମାନେ ମଧ ସାମିଲ ଅଛନ୍ତି । ଏହି ସୃଷ୍ଟି ଏକ ପରିବାର । ସେଥିରେ ସମସ୍ତେ ଆମର ଭାଇ। ଯଦି ଆମେ ଏହା କରୁ ତେବେ

Digitized by srujanika@gmail.com

ଆମକୁ ଆତ୍ମ-ସଂସ୍କାରଗୃହକୁ ଯିବାକୁ ପଡ଼ିବ ନାହିଁ । ଯଦି ଆପଣ ଦିନତମାମ୍ କରିଥିବା କାମକୁ ରାତିରେ ବିଶ୍ଳେଷଣ କରନ୍ତି, ତେବେ ଆପଣଙ୍କୁ ସଠିକ୍ ଜୀବନଯାପନ ପାଇଁ ଏହା ବହୁତ ସହାୟକ ହେବ । ଏହା ଆହୁରି ଅଧିକ ସହାୟକ ହେବ, ଯଦି ଆପଣ ଓଲଟା ଭାବରେ ଅର୍ଥାତ୍ ସଂଧ୍ୟାରୁ ସକାଳ ପର୍ଯ୍ୟନ୍ତ କରିଥିବା କାର୍ଯ୍ୟକୁ ବିଶ୍ଳେଷଣ କରନ୍ତି । ଯଦିଓ ଆରମ୍ଭରେ ଏଥିରେ କିଛି ଦୋଷତଟି ରହିବ, କିନ୍ତୁ ଶୀଘ୍ର ଏଥିରେ ଅଭ୍ୟସ୍ତ ହୋଇଯିବେ ଏବଂ କିଛି କଷ୍ଟକର ମନେହେବ ନାହିଁ । ପ୍ରତିଦିନ ରାତିରେ ଆମେ ସାରାଦିନର କରିଥିବା ଦୁଷ୍କୃତି ପାଇଁ ପଶ୍ଚାତାପ କରିବା ଉଚିତ୍ । ଏହିପରି ଆମେ ଆତ୍ମ-ସଂସ୍କାରଗୃହର ପ୍ରବେଶରୁ ମୁକ୍ତି ପାଇବା । କିନ୍ତୁ ଯଦି ଆମେ କୌଣସି ଦୁଷ୍କର୍ମର ପଶ୍ଚାତାପ କରି ସେହି କାର୍ଯ୍ୟକୁ କାଲି ପୁଣି କଲେ କୌଣସି ଲାଭ ମିଳିବ ନାହିଁ । ଏପରି ପାପର ପୁନରାବୃତ୍ତ ପାଇଁ ଆମେ ଆତ୍ମ-ସଂସ୍କାରଗୃହରେ ନିଜର ସ୍ଥାନ ସୁରକ୍ଷିତ କରିଥାଉଁ ଏବଂ ଏହାଦ୍ୱାରା ଏପରି ନିମ୍ନ ସ୍ତରର ଆତ୍ମ-ସଂସ୍କାରଗୃହ କେଉଁଠି ବି ନଥିବ !

ଆମକୁ ମନେ ରଖିବାକୁ ହେବ ଯେ ଶୁଦ୍ଧିକରଣ ଦଣ୍ଡବିଧାନ ନୁହେଁ କିମ୍ବା ପ୍ରତିଶୋଧମୂଳକ ନୁହେଁ । କିନ୍ତୁ ନିଶ୍ଚିତ ଭାବରେ ଏହା ଆତ୍ମା ଉପରେ ଥିବା ଘା'କୁ ଚିକିତ୍ସା କରିଥାଏ । ପୃଥିବୀରେ ଆମେ ଜୀବିତ ଥିବା ସମୟରେ ଜୀବାତ୍ମା ପଦାର୍ଥମାନଙ୍କ ସହିତ ମିଶି କିଛି ଘା' ସୃଷ୍ଟି କରିଥାଏ । ଯେତେଥର ଆମେ କୌଣସି ପାପମୟ ତରଙ୍ଗକୁ ଗ୍ରହଣ କରିଥାଉ, ଅଥବା ଖରାପ ଇଚ୍ଛାକୁ ମନ ବଢାଇଥାଉ, ସେତେଥର ଆମେ ଆତ୍ମା ଉପରେ ଘା' ସୃଷ୍ଟି କରିଥାଉ । ଏହି ପ୍ରକାର ଆମ ଆତ୍ମାରେ ବହୁତ ଦାଗ ଲାଗିଥାଏ । ଏହିସବୁ ଘା'ମାନଙ୍କର ଚିକିତ୍ସା ହେବା ଦରକାର । ଏହାର ଚିକିତ୍ସା ସଂସ୍କାରଗୃହରେ ହୋଇଥାଏ । କିନ୍ତୁ ପ୍ରଶ୍ନ ହେଉଛି, ଏ ଘା' ସବୁ ହେଉଛି କାହିଁକି ?

ଯେଉଁ ବ୍ୟକ୍ତି ପୃଥିବୀ ଉପରେ ଠିକ୍ ଭୂପରେ ଜୀବନ ଯାପନ କରେ, ଯିଏ ପରମାତ୍ମାଙ୍କ ପ୍ରତି ପ୍ରେମାପ୍ଲୁତ ଥାଏ, ଯିଏ ନିଜ ସାଥି ପ୍ରାଣୀମାନଙ୍କର

Digitized by srujanika@gmail.com

ସେବା କରିଥାଏ, ତାହାର ଭୌତିକ ଶରୀର ତ୍ୟାଗ କଲାପରେ ଆତ୍ମ-ସଂସ୍କାରଗୃହକୁ ଯିବାର ଆବଶ୍ୟକତା ପଡ଼ିନଥାଏ । ଏହି ପୃଥିବୀରୁ ବିଦାୟ ନେବା ପୂର୍ବରୁ ଦୁଷ୍ଟତାପୂର୍ବକ କିମ୍ବା ଭୁଲବଶତଃ ତଥା ଦୁର୍ବଳତା କାରଣରୁ କରାଯାଇଥିବା କାର୍ଯ୍ୟକୁ ସୁଧାରିବାକୁ ପଡ଼ିବ ।

ଯଦି ଆମେ ଆମର ଦୁଷ୍ଟବୃତ୍ତିକୁ ହଟାଇ ଦେଇ ପାରିବା, ତେବେ ଆମକୁ ଆତ୍ମ-ସଂସ୍କାରଗୃହକୁ ଯିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ । ସଂସ୍କାର ଅର୍ଥ ନିଜକୁ ସ୍ୱଚ୍ଛ କରିବା ତଥା ଆତ୍ମା ଉପରେ ଥିବା ଘା' ସବୁକୁ ଚିକିତ୍ସା କରିବା । ଯଦି ଆତ୍ମା ଉପରେ କୌଣସି ଘା' ନାହିଁ, ତେବେ ଆତ୍ମ-ସଂସ୍କାର ପାଇଁ ଯିବା ଅନାବଶ୍ୟକ ।

❋ ❋ ❋

Digitized by srujanika@gmail.com

ସ୍ୱର୍ଗଲୋକ

ସର୍ଗଲୋକ କ'ଣ ? ଯଦି ସଂସ୍କାରଗୃହ ରୋଗଗ୍ରସ୍ତ ଆତ୍ମାମାନଙ୍କର ଚିକିତ୍ସା ପାଇଁ ଗୋଟିଏ ଚିକିତ୍ସାଳୟ, ତେବେ ସର୍ଗଲୋକ ହେଉଛି ହିଲ୍‌ଷ୍ଟେସନ୍ ବା ଶୈଳନିବାସ । ସର୍ଗଲୋକରେ ଅତ୍ୟଧିକ ସୌନ୍ଦର୍ଯ୍ୟ ଏବଂ ଶାନ୍ତି ଅଛି ।

ସର୍ଗଲୋକରେ ଆମର ସମସ୍ତ ଉଚ୍ଚକୋଟୀର ଅପୂର୍ଣ୍ଣ କାମନା ପୂରିତ ହୋଇଥାଏ । ସର୍ଗ ହେଉଛି ଇଚ୍ଛାପୂରଣର ଲୋକ । ଆମ ସମସ୍ତଙ୍କ ମନରେ ଉଚ୍ଚସ୍ତରର ଅନେକ ଇଚ୍ଛା ବାସ କରିଥାଆନ୍ତି । ପୃଥିବୀରେ ଅବସ୍ଥାନ କାଳରେ ଯେଉଁ ଯେଉଁ ଇଚ୍ଛା ପୂରଣ କରିବାରେ ଆମେ ଅସଫଳ ହୋଇଥାଉ, ସେସବୁ ଇଚ୍ଛା ସର୍ଗରେ ପୂରଣ ହୋଇଥାଏ ।

ଫ୍ରଏଡ୍ ଗୋଟିଏ ପୁସ୍ତକରେ ହରମାନ୍ ନାମକ ଜଣେ ଛୋଟ ବାଳକ ସଂବନ୍ଧରେ ଲେଖିଛନ୍ତି । ସେ ଚେରିକୋଳି ଖାଇବାକୁ ଅତ୍ୟଧିକ ଭଲ ପାଉଥିଲା । କିନ୍ତୁ ତା'ର ମା' ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଚେରିକୋଳିଠାରୁ ଅଧିକ ତାକୁ ଖାଇବାକୁ ଦେଉ ନ ଥିଲେ । ପିଲାଟି ଚେରିକୋଳିକୁ ଲୋଭିଲା ଆଖିରେ ଚାହେଁ । ଦିନେ ରାତିରେ ସେ ସପ୍ନ ଦେଖିଲା ଯେ ସେ ମନପୂରା ଚେରିକୋଳି ଖାଇଛି ଏବଂ ଅତ୍ୟନ୍ତ ମାନସିକ ସନ୍ତୋଷ ମିଳିଛି । ସେ ଘରେ ଥିବା ସମସ୍ତ ଚେରିକୋଳି ଖାଇଦେଇଛି । ସକାଳେ ଅତି ଆନନ୍ଦରେ ସେ ଘୋଷଣା କଲା, ''ହରମାନ୍ ସବୁ ଚେରିକୋଳି ଖାଇ ଦେଇଛି ।'' ତା'ର ସପ୍ନକୁ ତା'ର ଅତୃପ୍ତ ଇଚ୍ଛା ପୂରଣ କରିଦେଇଥିଲା ।

ସର୍ଗଲୋକରେ ସେହିପରି ଆମେ ନିଜର ଅତୃପ୍ତ ଇଚ୍ଛାର ପୂରଣ କରିଥାଉ । ବିଭିନ୍ନ ବ୍ୟକ୍ତିର ବିଭିନ୍ନ ଅଭିଳାଷ ରହିଥିବାରୁ ଜଣେ ବ୍ୟକ୍ତିର ସର୍ଗ

Digitized by srujanika@gmail.com

ଅନ୍ୟ ବ୍ୟକ୍ତିର ସ୍ୱର୍ଗ ନହୋଇପାରେ । ପ୍ରତ୍ୟେକଙ୍କର ନିଜ ନିଜର ସ୍ୱର୍ଗ ରହିଥାଏ । ଏହି ସ୍ୱର୍ଗ ପୃଥିବୀରେ ଅତିବାହିତ କରିଥିବା ଜୀବନର ବାତାବରଣ ଓ ଧାର୍ମିକ ପୃଷ୍ଠଭୂମି ଉପରେ ଆଧାରିତ । କୁହାଯାଏ ଯେ ଚୋରର ସ୍ୱର୍ଗ ଏପରି ଏକ ନଗର ହେବ, ଯେଉଁଠାରେ ଅନ୍ଧକାର ହୋଇଥିବ, କୁକୁରମାନେ ନଥିବେ ଏବଂ କୌଣସି ଘରେ ଚୌକିଦାର ମଧ୍ୟ ନ ଥିବେ । ସ୍ୱର୍ଗଲୋକ ଇଚ୍ଛା ପୂରଣର ସ୍ଥାନ ।

ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କଳାକାର, ଚିତ୍ରକର, ସଂଗୀତକାର ହେବାକୁ ଇଚ୍ଛା ରଖନ୍ତି । ପୃଥିବୀରେ ବସବାସ ସମୟରେ କୌଣସି ବନ୍ଧନ କାରଣରୁ ସେମାନେ ନିଜ ଇଚ୍ଛା ପୂରଣ କରିପାରି ନଥାନ୍ତି ।

ଜଣେ ଯୁବକଠାରେ ଚିତ୍ରକଳାର ପ୍ରତିଭା ଥିଲା । ସେ ନିଜର ଆନ୍ତରିକ ସୌନ୍ଦର୍ଯ୍ୟ ତଥା ପ୍ରେମର ଅନୁଭୂତି ସବୁର ରଚନାତ୍ମକ ଅଭିବ୍ୟକ୍ତି କରିବାକୁ ଚାହୁଁଥିଲା । ସେ ପ୍ୟାରିସ୍ ଯାଇ ସେଠାକାର ଆର୍ଟସ୍ ସ୍କୁଲରେ ପଢ଼ିବାକୁ ଚାହୁଁଥିଲା । ସେ ଗରିବ ଥିଲା । ଗୋଟିଏ ଅଫିସ୍‌ରେ ତାକୁ ଛୋଟକାଟିଆ ଚାକିରୀଟିଏ କରିବାକୁ ପଡ଼ିଲା । ଏପରି ବ୍ୟକ୍ତି ଯେତେବେଳେ ଦେହ ତ୍ୟାଗ କରେ ଏବଂ ସ୍ୱର୍ଗକୁ ଯାଏ, ସେଠାରେ କୌଣସି ବାଧା କିମ୍ବା ସୀମା ନ ଥାଏ । ସେଠାରେ ସେ ନିଜ ଇଚ୍ଛା ମୁତାବକ କାର୍ଯ୍ୟକରେ । ବିନା ବାଧାରେ ଚିତ୍ରକଳାରେ ସମୟ ଦିଏ ।

ଭୌତିକ ସଂସାର ତୁଳନାରେ ଅଲୌକିକ ସଂସାର ଆନନ୍ଦପୂର୍ଣ୍ଣ ଚେତନାର ସ୍ଥାନ ! ସେଠାରେ ଭାବନାତ୍ମକ ଜୀବନର ଉନ୍ନତମ ସ୍ତରକୁ ଯିବାପାଇଁ ସିଡ଼ି ଉପରେ ସିଡ଼ି ଚଢ଼ିବାକୁ ମିଳିଥାଏ । ଅଲୌକିକ ସଂସାରରେ ଆମର ସୃଜନଶୀଳ ମନ ଓ ଶକ୍ତିର ପରିପୂରଣ ପାଇଁ ପୂରା ସ୍ୱାଧୀନତା ଥାଏ । ଅଲୌକିକ ବସ୍ତୁକୁ ନେଇ ସହଜ ଓ ସ୍ୱଚ୍ଛନ୍ଦ ଭାବରେ ସର୍ଜନା କରାଯାଇପାରେ । ଏହିସବୁ

Digitized by srujanika@gmail.com

ଅଲୌକିକ ବସ୍ତୁ ନମନୀୟ ଓ ଗତିଶୀଳ । ସୁତରାଂ ଆମର ଇଚ୍ଛା, ଭାବ ଓ ଭାବନା ଅନୁଯାୟୀ ତତ୍‌କ୍ଷଣାତ୍ ସେଗୁଡ଼ିକୁ ରୂପ ଦେବା ସମ୍ଭବ ହୁଏ । ଯାହା କିଛି ଭାବିଲା ମାତ୍ରେ ତାହାର ସର୍ଜନା ସମ୍ଭବ ହୋଇଥାଏ ।

ଉଦାହରଣ ସ୍ୱରୂପ, ସ୍ୱର୍ଗଲୋକରେ ବର୍ଷା ହୁଏ ନାହିଁ । ଯଦି ଆପଣ ବର୍ଷା ଇଚ୍ଛା କରନ୍ତି, ତେବେ ବର୍ଷା କଥା ଚିନ୍ତା କରନ୍ତୁ । ବର୍ଷା ସଂଗେ ସଂଗେ ହେବ । କିନ୍ତୁ ମନେ ରଖନ୍ତୁ ଯେ ଏହି ବର୍ଷା ଆପଣଙ୍କ ବ୍ୟକ୍ତିଗତ ପରିସର ମଧ୍ୟରେ ଘଟିବ । ଏହା କେବଳ ଆପଣଙ୍କ ପାଇଁ ଏବଂ ଆପଣ ହିଁ ଏହା ଅନୁଭବ କରିପାରିବେ । ଆପଣଙ୍କ ପାଖରେ ଠିଆ ହୋଇଥିବା ଅନ୍ୟ ବ୍ୟକ୍ତି ବର୍ଷା ବିଷୟରେ ଚିନ୍ତା ନ କରିବା ପର୍ଯ୍ୟନ୍ତ ଏହା ଅନୁଭବ କରିପାରିବେ ନାହିଁ ।

ସ୍ୱର୍ଗଲୋକରେ ଆପଣ ଯାହା ଇଚ୍ଛା କରନ୍ତି, ତାହା ତତ୍‌କ୍ଷଣାତ୍ ମିଳିଯାଏ । ସେଥିପାଇଁ ସ୍ୱର୍ଗଲୋକରେ କୌଣସି ପ୍ରକାର ଈର୍ଷା ନାହିଁ, ଲୋଭ ନାହିଁ, ଏବଂ ଆପଣଙ୍କ ପାଖରେ ମୋଠାରୁ ଅଧିକ ଥିବାର ଚିନ୍ତା ନାହିଁ, କାରଣ ଆପଣ ଯାହା ଚାହାନ୍ତି ତାହା ମିଳିଯାଏ । ସ୍ୱର୍ଗଲୋକରେ ଆମର ଅନୁଭବ ହୋଇଥାଏ ଯେ ଆମର ମସ୍ତିଷ୍କ କେତେ ସୃଜନାତ୍ମକ। ଯାହା କିଛି ମନରେ ଭାବନା ଆସେ, ତାହା ତତ୍‌କ୍ଷଣାତ ରୂପ ଗ୍ରହଣ କରିଥାଏ । ପୃଥିବୀରେ ଯେଉଁ ଜିନିଷ ବିଷୟରେ ଆପଣ ଭାବିଥିଲେ, ତାହା ମିଳି ନ ଥିଲା । କିନ୍ତୁ ତାହାସବୁ ସ୍ୱର୍ଗରେ ମିଳିଯାଇଥାଏ ।

ତଥାପି ସ୍ୱର୍ଗଲୋକ ମଧ୍ୟ ସସୀମ । ତାହାର ସ୍ୱ–ନିର୍ଦ୍ଧାରିତ ସୀମା ରହିଛି । ଏହି ସୀମା ପୃଥିବୀ ଉପରେ ମନୁଷ୍ୟର ଇଚ୍ଛା, ସ୍ୱଭାବ ତଥା ଭାବନାତ୍ମକ ରଚନାର ଅନୁରୂପ ହୋଇଯାଏ । ଉଦାହରଣ ସ୍ୱରୂପ, ଏପରି ବ୍ୟକ୍ତିଙ୍କୁ ନିଅନ୍ତୁ ଯିଏକି ମୃତ୍ୟୁ ପୂର୍ବରୁ ଅନେକ ବର୍ଷ ପର୍ଯ୍ୟନ୍ତ ଆଶାବାଡ଼ି ଧରି ଚାଲୁଥିଲେ । ଆଶାବାଡ଼ିର ଆଶ୍ରୟ ତାଙ୍କର ମନ ମଧ୍ୟରେ ଦୃଢ଼ ରୂପରେ

Digitized by srujanika@gmail.com

ବସିଯାଇଥିଲା । ସେ ପାରଲୌକିକ ଶରୀରରେ ପ୍ରବେଶ କରିବା ସମୟରେ ଯଦି ସେ ଆଶାବାଡ଼ିର ବିଚାର ମନରୁ ନ ହଟାନ୍ତି ଏବଂ ନିଜକୁ ବିକଳାଙ୍ଗ ବୋଲି ଭାବନ୍ତି ତେବେ ତାଙ୍କୁ ସୂକ୍ଷ୍ମ ଆଶାବାଡ଼ି ନେଇ ଚାଲିବାକୁ ପଡ଼ିବ । ହୁଏତ ତାଙ୍କୁ ବାରମ୍ବାର ମନେ ପକାଇ ଦେବାକୁ ପଡ଼ିବ ଯେ, ''ଭାଇ, ଆପଣଙ୍କର ଏହି ଆଶାବାଡ଼ିର ଆବଶ୍ୟକତା ଆଉ ନାହିଁ । କାରଣ ଆପଣ ଯେଉଁଠାକୁ ଯିବାକୁ ଚାହିଁବେ ସେଠାକୁ ଚାଲିକରି ଯିବାର ଆବଶ୍ୟକତା ହିଁ ନାହିଁ ।'' ପାରଲୌକିକ ଜଗତରେ ଯଦି ଆପଣଙ୍କୁ କେଉଁଠିକୁ ଯିବାର ଥାଏ, ସେ ସ୍ଥାନଟି ଯେତେ ଦୂର ହେଲେ ମଧ୍ୟ ଆପଣଙ୍କୁ କେବଳ ଇଚ୍ଛା କରିବା ଦରକାର ଏବଂ ସଂଗେ ସଂଗେ ଆପଣ ସେଠାରେ ପହଞ୍ଚିଯିବେ ।

କିଛି ଦିନ ପୂର୍ବେ ମୋତେ ଜଣେ ଭଉଣୀ ଦେଖାକଲେ । ତାଙ୍କର ଶରୀର ଅତ୍ୟନ୍ତ ଦୁର୍ବଳ ଥିଲା । ବହୁଦିନ ପର୍ଯ୍ୟନ୍ତ ସେ ଅସୁସ୍ଥ ଥିଲେ । ସେ ମୋତେ କହିଲେ, ''ଯେତେଥର ଆପଣ ଭ୍ରମଣରେ ଯାଉଛନ୍ତି ମୁଁ ଦୁଃଖୀ ହୋଇଯାଉଛି । କାରଣ ଶାରିରୀକ ଅସୁସ୍ଥତାବଶତଃ ମୁଁ ଆପଣଙ୍କ ସହିତ ଯାଇପାରୁନାହିଁ । କେବେ କେବେ ମୁଁ ନିରବରେ ବସୁଛି, ମୁଁ କଳ୍ପନା କରୁଛି ଯେ ମୋ ପାଖରେ ଗୋଟିଏ ଘର ଅଛି ଏବଂ ଘରେ ଗୋଟିଏ ସୁଇଚ୍ ଲାଗିଛି । ମୁଁ ଆପଣଙ୍କୁ ଅନୁସରଣ କରିବାକୁ ଚାହିଁଲେ, ମୋତେ କେବଳ ସୁଇଚ୍ ଟିପିଦେଇ ଆପଣ ଯାଇଥିବା ସ୍ଥାନର ନାମ ନେବାକୁ ହେବ । ଏହା କଲା ମାତ୍ରେ ସେ ଘରଟି ମୋତେ ଆପଣଙ୍କ ପାଖକୁ ନେଇଯିବ ।'' ମୁଁ ତାଙ୍କୁ କହିଲି ସ୍ୱର୍ଗରେ ଠିକ୍ ଏହି ପ୍ରକାର ହୋଇଥାଏ ।

ସ୍ୱର୍ଗ ଇଚ୍ଛାପୂରଣର ସ୍ଥାନ । ଆପଣଙ୍କର ସମସ୍ତ ଇଚ୍ଛା ସ୍ୱର୍ଗରେ ପୂରଣ ହୋଇଯାଏ । କାରଣ ସ୍ୱର୍ଗର ସୀମାରେଖା ନାହିଁ । ଆପଣ ଆପଣଙ୍କ ସଂସ୍କାର ଅଥବା ବିଚାର କାରଣରୁ ସ୍ୱଙ୍ଗ ଯେଉଁ ସୀମାରେଖା ଟାଣିଥାଆନ୍ତି, ତା' ବ୍ୟତୀତ ଅନ୍ୟ କିଛି ସୀମାରେଖା ନାହିଁ । ସେଥିପାଇଁ ସବୁବେଳେ ନିଜକୁ ମୁକ୍ତ ଆତ୍ମା

Digitized by srujanika@gmail.com

ବୋଲି ମାନନ୍ତୁ । ନିଜର ଘୋଡ଼ାଇ ହୋଇଥିବା ଶରୀରକୁ "ସ୍ୱୟଂ" ବୋଲି ମାନନ୍ତୁ ନାହିଁ । ଆପଣ ଏହି ଶରୀର ନୁହନ୍ତି, ଶରୀର କେବଳ ବସ୍ତ୍ର ଅଟେ । ଆପଣ ଶରୀରଠାରୁ ଅଧିକ ଅଟନ୍ତି । ନିଜ ଚେତନା ମଧ୍ୟରେ ଶାରୀରିକ ସୀମାକୁ କୌଣସି ସ୍ଥାନ ଦିଅନ୍ତୁ ନାହିଁ । ଶରୀରର ସୀମା ଅଛି, ଆପଣଙ୍କର ନୁହଁ । ଆପଣତ ଚିରମୁକ୍ତ । ଏହି ଶରୀର ଅପଙ୍ଗ ହୋଇଥାଏ, ଆପଣ କେବେ ବି ଅପଙ୍ଗ ହୋଇପାରିବେ ନାହିଁ ।

କିଛି ଦିନ ପୂର୍ବରୁ ମୁଁ ଗୋଟିଏ କୁଷ୍ଠରୋଗୀଙ୍କ ବସ୍ତିକୁ ଯାଇଥିଲି ଏବଂ ସେମାନଙ୍କୁ କହିଲି, "ଗୋଟିଏ କ୍ଷଣ ପାଇଁ ମଧ୍ୟ ଆପଣମାନେ ଚିନ୍ତା କରନ୍ତୁ ନାହିଁ ଯେ ଆପଣମାନେ କୁଷ୍ଠରୋଗୀ । ଏହା ସତ ଯେ ପୃଥିବୀ ଉପରେ ଆପଣମାନଙ୍କ ଏହି ଅଳ୍ପ ରହଣି ସମୟରେ ଆପଣମାନଙ୍କୁ କୌଣସି କାରଣରୁ କୁଷ୍ଠରୋଗଗ୍ରସ୍ତ ଶରୀର ମିଳିଛି । ଏହି ଶରୀରକୁ ତ ଆପଣମାନେ ନିଶ୍ଚୟ ତ୍ୟାଗ କରିଦେବେ । ସ୍ୱର୍ଗରେ କେଉଁଠାରେ ବି କେହି କୁଷ୍ଠରୋଗୀ ନାହାନ୍ତି ।"

ସ୍ୱର୍ଗଲୋକରେ କୌଣସି ରାଜନୀତି ନାହିଁ । ସେଠାରେ ପଦବୀ, କ୍ଷମତା, ଯଶ ଅଥବା ପ୍ରସିଦ୍ଧି, ପ୍ରାଧାନ୍ୟ ବା ମହାନତା ପାଇଁ କୌଣସି ପ୍ରତିଯୋଗିତା ନାହିଁ । ସ୍ୱର୍ଗଲୋକରେ ବସ୍ତୁଲାଭ, ସ୍ୱାମୀତ୍ୱ ପାଇଁ ଲାଳସା ମଧ୍ୟ ନାହିଁ । ଭୌତିକ ଶରୀରର ମୃତ୍ୟୁ ପରେ ଶରୀର ପାଇଁ ଆବଶ୍ୟକ ଖାଦ୍ୟ, ଗୃହ, ବସ୍ତ୍ର ଏବଂ ସୁନ୍ଦର ଅଳଙ୍କାର, ବାସସ୍ଥାନ ବା ଗାଡ଼ିର କୌଣସି ମୂଲ୍ୟ ନଥାଏ । ଇଚ୍ଛା ଓ ସ୍ୱଭାବର ସ୍ଥୂଳ ତଥା ଭୌତିକ ବନ୍ଧନରୁ ମୁକ୍ତ ହେବା ସ୍ୱର୍ଗଲୋକର ପ୍ରଥମ ଉଦ୍ଦେଶ୍ୟ । ଏହା ଆଧ୍ୟାତ୍ମିକ ଜୀବନର ପ୍ରଥମ ସୂତ୍ର ।

ସ୍ୱର୍ଗଲୋକ ବିଷୟରେ ଅନେକ କଥା କୁହାଯାଇପାରେ । କିନ୍ତୁ ତା'ର ଆବଶ୍ୟକତା ନାହିଁ । କାରଣ ଆମ ସମସ୍ତଙ୍କୁ ଦିନେ ନା ଦିନେ ସ୍ୱର୍ଗଲୋକକୁ ଯିବାକୁ ହେବ । ନିଜେ ଅନୁଭବ କରିବେ ଯେ ସ୍ୱର୍ଗଲୋକ କେତେ ଅଦ୍ଭୁତ ।

Digitized by srujanika@gmail.com

ସ୍ୱର୍ଗଲୋକ ସତରେ ଅଦ୍‌ଭୁତ। କିନ୍ତୁ ସ୍ୱର୍ଗ ପରେ ଯାହା ଅଛି ତା'ହା ଆହୁରି ଅଦ୍‌ଭୁତ୍ ।

ଯେତେବେଳ ପର୍ଯ୍ୟନ୍ତ ପୃଥିବୀ ସହିତ ଅନ୍ତିମ ବନ୍ଧନ ଛିଣ୍ଡି ନ ଯାଇଛି ଏବଂ ସମସ୍ତ ଦୁଃଖକଷ୍ଟର ସମାପ୍ତି ନ ଘଟିଛି, ସେତେବେଳ ପର୍ଯ୍ୟନ୍ତ ସ୍ୱର୍ଗଲୋକରେ ଆତ୍ମା ଗତିଶୀଳ ଥାଏ । ତା'ପରେ ଆତ୍ମା ଆଉଥରେ ନିଦ୍ରାମଗ୍ନ ହୋଇଯାଏ । ଏହି ନିଦ୍ରା ଏକ ଶାନ୍ତ ଏବଂ ଗହନ ନିଦ୍ରା ଅଟେ । ଏହା ସୂକ୍ଷ୍ମ ଶରୀରର ମୃତ୍ୟୁ ଅଟେ । ପ୍ରଥମ ମୃତ୍ୟୁ ଭୌତିକ ଶରୀରର ମୃତ୍ୟୁ ଥିଲା । ଦ୍ୱିତୀୟ ମୃତ୍ୟୁ ସୂକ୍ଷ୍ମ ଶରୀରର ଅଟେ । ଏହି ନିଦ୍ରାରେ ଆତ୍ମା ଗୋଟିଏ ନୂଆ ଲୋକରେ ପ୍ରବେଶ କରେ । ଏହାକୁ ''ଦେବଲୋକ''ରେ ନାମିତ କରାଯାଇପାରେ ।

❋ ❋ ❋

Digitized by srujanika@gmail.com

ଦେବଲୋକ

ସମସ୍ତ ସ୍ୱାର୍ଥପର ଇଚ୍ଛା ପଛରେ ରହିଗଲା । ତା'ଠାରୁ ଉଚ୍ଚତର କାମନା ମଧ୍ୟ ପୂରଣ ହୋଇଗଲା । ମନୁଷ୍ୟ ନିଃସ୍ୱାର୍ଥପରତା, ଉଦାରତାର ମହାମନ୍ତ୍ରକୁ ବୁଝିଗଲା । ଏହି ନବୀନ ଲୋକରେ, ଦେବଲୋକରେ ବ୍ୟକ୍ତି କେବଳ ନିଃସ୍ୱାର୍ଥ ପ୍ରେମ ତଥା ନିଜ ସ୍ୱଭାବର ଉଚ୍ଚତର ଉପାଦାନର (ସତ୍ୟ, ସୌନ୍ଦର୍ଯ୍ୟ, ପବିତ୍ରତା) ଉପଯୋଗ କରିଥାଏ । ଏସବୁ ଉପାଦାନ ସେ ପୃଥିବୀରେ ପୂର୍ବରୁ ଅଭିବ୍ୟକ୍ତ କରୁଥିଲା ।

ଏହି ଲୋକରେ ବ୍ୟକ୍ତି ପ୍ରେମଦ୍ୱାରା ଅଧିକରୁ ଅଧିକ ଜ୍ଞାନ ଆହରଣ କରିଥାଏ । ତା'ର ଜ୍ଞାନ କ୍ରମଶଃ ପ୍ରଜ୍ଞାର ରୂପ ନିଏ । ଏବେ ସେ ଭୌତିକ ଶରୀର ମଧ୍ୟରେ ବନ୍ଦୀ ନ ଥାଏ । ଇଚ୍ଛା ଏବଂ ଭାବନାର ଅଦୃଶ୍ୟ ସୂକ୍ଷ୍ମ ଶରୀରର ସୀମାରୁ ମଧ୍ୟ ମୁକ୍ତ ହୋଇ ନିଜର ପ୍ରକୃତ ସ୍ୱରୂପକୁ ଦେଖେ । ସେ ଜାଣିପାରେ ଯେ ସେ ହେଉଛି ଈଶ୍ୱର । ତତ୍-ତ୍ୱମ୍-ଅସୀ । ତୁମେ ହିଁ ସେ ଅଟନ୍ତି । ଏହି ନୂଆ ଲୋକରେ ଏହିପରି ଅନେକ ଗଭୀର ଅନୁଭବ ତା'ର ଆତ୍ମା କରିଥାଏ ।

ଦେବଲୋକରେ ନିଜର ଶିଖର ଉଚ୍ଚତାରୁ ବ୍ରହ୍ମାଣ୍ଡର ଝଲକ ଦେଖିପାରେ । ଆଗ ଓ ପଛ ସବୁ ଦେଖିପାରେ । ଏହି ଯୋଜନାରେ ନିଜର ଭୂମିକା କ'ଣ, ତାହା ମଧ ଜାଣିପାରେ । ଏହାଦ୍ୱାରା ଆଗାମୀ ଭୌତିକ ନିବାସର ଯୋଜନା କରିବାର ସାହାଯ୍ୟ ମିଳିଥାଏ । ଏହି ସଂସାରର ଶାନ୍ତ ଏବଂ ନିରବ ବାତାବରଣ ମଧ୍ୟରେ ଆତ୍ମା ନିଜର ଆଗାମୀ ଜୀବନର ଯୋଜନା କରିଥାଏ ।

Digitized by srujanika@gmail.com

ଦୁର୍ଭାଗ୍ୟ, ବେମାରୀ, ଦୁର୍ଘଟଣା, କଠିନତା ତଥା ଅନ୍ୟସବୁ ଅନୁଭବ ପରି ଯେଉଁ ସବୁ ଅନୁଭବ ଦେଇ ଗତି କରୁଥାଏ ତାହାସବୁ ଦେବଲୋକର ସେହି ନିରବ ପରିବେଶରେ ଆମେ ନିର୍ଣ୍ଣୟ କରିପାରୁ । ସେଠାରେ ଆପଣଙ୍କର ଅନୁଭବ ହେଉଥିଲା ଯେ ତଥାକଥିତ ଦୁର୍ଭାଗ୍ୟସବୁ ଆପଣଙ୍କ ଆତ୍ମାର ଉନ୍ନତି ତଥା ଆତ୍ମିକ ବିକାଶ ପାଇଁ ଆବଶ୍ୟକ । ଏଠାକୁ ଆସି ଆପଣ ଭୁଲି ଯାଆନ୍ତି, ଆପଣଙ୍କ ଭାଗ୍ୟ ଆପଣ ନିଜେ ଲେଖିଥିଲେ ଏବଂ ଏଥିରୁ ମୁକ୍ତହେଲେ ଏହା ଆପଣଙ୍କ ପାଇଁ ଲାଭଦାୟକ ହେବ । ଏଥିପାଇଁ ''ସ୍ୱୀକାର'' ଜୀବନର ନିୟମ । ଯାହା କିଛି ଜୀବନରେ ଘଟୁଛି, ତାହା ଆମକୁ ମାନିବାକୁ ପଡ଼ିବ । ଜୀବନର ପ୍ରତ୍ୟେକ ଘଟଣା ଓ ଦୁର୍ଘଟଣା ମଧ୍ୟରେ କିଛି ଭଲ ଲୁଚି ରହିଛି ।

ଅତୀତରେ ମୁଁ ଛୋଟ ଥିଲି । ମୁଁ କଠିନ ସର୍ଦ୍ଦି କାଶ ରୋଗରେ ପୀଡ଼ିତ ଥିଲି । କାଶ ମୋତେ ଛାଡୁ ନଥିଲା । ମୋତେ ଗୋଟିଏ ତରଳ ଔଷଧ ଦିଆଗଲା । ତାହା ଅତ୍ୟନ୍ତ କଡ଼ା ଥିଲା । ମୁଁ ତାକୁ ପିଇବାକୁ ମନା କରି ଦେଲି । ମୋର ସ୍ନେହଶୀଳା ମା' ମୋତେ କହିଲେ, ''ପୁଅ ! ଏହି କଡ଼ା ଔଷଧ ତୋର ଉପକାର କରିବ । ଏହାକୁ ପିଇଦେ ।'' ମା'ଙ୍କ କଥାରେ ବିଶ୍ୱାସ କରି ତାକୁ ମୁଁ ପିଇଦେଲି ଏବଂ ଭଲ ହୋଇଗଲି ।

ଜୀବନର ଏହିପରି ପ୍ରତ୍ୟେକ କଷ୍ଟଦାୟକ ଅନୁଭବ ପଛରେ କିଛି ନା କିଛି ଭଲ ଲୁଚି ରହିଛି । ଏଥିପାଇଁ ଯାହା କିଛି ଘଟୁଛି, ତା' ମଧ୍ୟରେ ଆନନ୍ଦିତ ରୁହନ୍ତୁ । ଆଗକୁ ଆଗକୁ ବଢ଼ନ୍ତୁ ଏବଂ ଆହୁରି ଆଗକୁ ତଥା ଈଶ୍ୱରଙ୍କ ଆଡ଼କୁ ଅଗ୍ରସର ହୁଅନ୍ତୁ ।

***

Digitized by srujanika@gmail.com

ତିନୋଟି ଉପଯୋଗୀ ପରାମର୍ଶ

ପ୍ରଥମ ପରାମର୍ଶ

ରାତିରେ ଶୋଇବା ସମୟରେ ଦିନତମାମ୍ କରିଥିବା ଭାବନା, କାର୍ଯ୍ୟ ତଥା କହିଥିବା କଥାଗୁଡ଼ିକୁ ବିପରୀତ କ୍ରମରେ ମାନସିକ ସ୍ତରରେ ଦୋହରାନ୍ତୁ । ପୂରାଦିନର ଇଚ୍ଛାକୃତ ତଥା ଅନିଚ୍ଛାକୃତ ଭୁଲସବୁ ପାଇଁ ପଶ୍ଚାତାପ କରନ୍ତୁ ।

ପଶ୍ଚାତାପରେ ହୃଦୟ ପରିବର୍ତ୍ତନ ହୋଇଥାଏ । ହୃଦୟରୁ ହିଁ ଜୀବନର ସମସ୍ତ ସମସ୍ୟା ଆରମ୍ଭ । ଯଦି ହୃଦୟ ପରିବର୍ତ୍ତନ ହୁଏ, ତେବେ ବ୍ୟକ୍ତି ନୂତନ ହୋଇଯାଏ । ସେ ନିଜ ଜୀବନ ଭଗବାନଙ୍କୁ ସମର୍ପଣ କରିବାକୁ ବ୍ୟାକୁଳ ହୋଇପଡ଼େ ।

ସମ୍ରାଟ୍ ଚାର୍ଲସ୍ ପଞ୍ଚମଙ୍କର ଜଣେ ବିଶ୍ୱସ୍ତ ସେବକ ଥରେ ଗୁରୁତର ଭାବରେ ବେମାରରେ ପଡ଼ିଲେ । ସମ୍ରାଟ ତାଙ୍କୁ ଦେଖିବାକୁ ଗଲେ । ସମ୍ରାଟଙ୍କୁ ପାଖରେ ଦେଖି ସେବକଜଣକ ଆନନ୍ଦ ହେବା ପରିବର୍ତ୍ତେ ଦୁଃଖୀ ହୋଇଗଲେ ଏବଂ କାନ୍ଦିବାକୁ ଲାଗିଲେ ।

ଆଶ୍ଚର୍ଯ୍ୟଚକିତ ସମ୍ରାଟ ପଚାରିଲେ, ‘‘ତୁମକୁ କ’ଣ କଷ୍ଟ ହେଉଛି ? ତୁମକୁ ଧୈର୍ଯ୍ୟ ଏବଂ ଆନନ୍ଦ ଦେବାକୁ ମୁଁ ଏଠାକୁ ଆସିଛି । କ’ଣ ମୁଁ ତୁମ ପାଇଁ କିଛି କରିପାରିବି ? ମୁଁ କଥା ଦେଉଛି ଯେ ମୁଁ ତୁମର ଇଚ୍ଛା ପୂରଣ କରିବି ।’’

ସେବକଜଣକ ଲୋତକପୂର୍ଣ୍ଣ ଆଖିରେ କହିଲେ, ‘‘ମୋ ଜୀବନରୂପୀ ବସ୍ତ୍ରକୁ ପୁଣି ମୁଁ ନୂଆ ରୂପରେ ବୁଣିପାରନ୍ତି କି ?’’

Digitized by srujanika@gmail.com

ସମ୍ରାଟ ପଚାରିଲେ, " ଯଦି ତୁମକୁ ତୁମ ଜୀବନ ଆରମ୍ଭରୁ ପୁଣି ଥରେ ତୁମକୁ ମିଳିଯାଏ, ତେବେ ତୁମେ କ'ଣ କରିବ ?"

ରୋଗୀ ସେବକଟି ଉତ୍ତର ଦେଲେ, "ଯାହାଙ୍କ ହାତରେ ମୃତ୍ୟୁ ଓ ଜୀବନ ଅଛି ମୁଁ କେବଳ ସେହି ଭଗବାନଙ୍କର ସେବା କରିବା ଚାହାନ୍ତି ।"

ପଶ୍ଚାତାପରୁ ହୃଦୟରେ ପରିବର୍ତ୍ତନ ଆସିଥାଏ । ଯଦି ହୃଦୟରେ ପରିବର୍ତ୍ତନ ହୁଏ, ବ୍ୟକ୍ତି ନୂଆ ହୋଇଯାଏ । ବ୍ୟକ୍ତି ଈଶ୍ୱରଙ୍କ ସନ୍ତାନ ହୋଇଯାଏ । ସେ ଶିଶୁପରି ନିଷ୍କପଟ ଏବଂ ସରଳ ହୋଇଯାଏ । ପାପ ନ କରିବା ହିଁ ଆଦର୍ଶ ସ୍ଥିତି । କିନ୍ତୁ ଯଦି ପାପ ହୋଇଯାଏ ତେବେ କ୍ଷମା ମାଗିବା ପରିବର୍ତ୍ତେ ପ୍ରାୟଶ୍ଚିତ କରିବା ସବୁଠାରୁ ଉତ୍ତମ । ଈଶ୍ୱର ନିଜ ଦୟାରେ ପାପକୁ ଶକ୍ତିରେ ପରିବର୍ତ୍ତନ କରି ଦିଅନ୍ତି । ଗୁରୁଦେବ ସାଧୁ ଭାସୱାନୀଙ୍କ କଥା ମୋର ମନେ ପଡୁଛି । "ଅନ୍ଧକାର ମଧ୍ୟରେ ଈଶ୍ୱର ଅମୂଲ୍ୟ ସମ୍ପତ୍ତି ଦେଇ ଥାଆନ୍ତି । ଧାର୍ମିକ ବ୍ୟକ୍ତିଙ୍କ ଅପେକ୍ଷା ପାପୀମାନେ ତାଙ୍କର ପ୍ରେମ-ସାମ୍ରାଜ୍ୟର ଅଧିକ ନିକଟତର ହୋଇଥାଆନ୍ତି ।" ତେଣୁ ନିରାଶ ହୁଅନ୍ତୁ ନାହିଁ । ପ୍ରେମଶକ୍ତି ଉପରେ ବିଶ୍ୱାସ ରଖନ୍ତୁ ଏବଂ ପୁଣି ନିଜ ଇଷ୍ଟଦେବଙ୍କୁ ହୃଦୟରେ ଗଭୀର ବ୍ୟାକୁଳତାର ସହିତ ଡାକନ୍ତୁ ।

ନିଜର ପାପ ପାଇଁ, ଦୁଷ୍କର୍ମ ପାଇଁ ଈଶ୍ୱରଙ୍କ ପାଖରେ କ୍ଷମା ମାଗନ୍ତୁ ତଥା ନିଜକୁ ନୂଆ କରିବାକୁ ଶକ୍ତି ମାଗନ୍ତୁ ।

ଦ୍ୱିତୀୟ ପରାମର୍ଶ

କ୍ଷମା ମାଗନ୍ତୁ । ହଁ, କିନ୍ତୁ ଏହା ଭୁଲିଯିବା ଉଚିତ୍ ନୁହେଁ ଯେ କ୍ଷମା ମାଗିବା ପୂର୍ବରୁ ଆପଣ ଅନ୍ୟମାନଙ୍କୁ କ୍ଷମା କରିଦେଇଛନ୍ତି । ହୁଏତ ସେମାନେ ଆପଣଙ୍କ ସହିତ ଛଳନା କରିଥିଲେ । ଯୀଶୁ ତାଙ୍କ ଭକ୍ତମାନଙ୍କୁ ଗୋଟିଏ ସୁନ୍ଦର ପ୍ରାର୍ଥନା ବତାଇଛନ୍ତି ତାହା ହେଲା, "ସୀମା ଲଙ୍ଘନକାରୀ ଲୋକମାନଙ୍କୁ କ୍ଷମା କରନ୍ତୁ, ମୋ ପ୍ରତି ସୀମା ଉଲ୍ଲଙ୍ଘନକାରୀ ବ୍ୟକ୍ତିମାନଙ୍କୁ କ୍ଷମା କରନ୍ତୁ ।"

Digitized by srujanika@gmail.com

ଯେତେବେଳ ପର୍ଯ୍ୟନ୍ତ ଆମେ ଦୋଷୀକୁ କ୍ଷମା ନ କରିଛୁ, ସେତେବେଳ ପର୍ଯ୍ୟନ୍ତ ଆମେ ପ୍ରଭୁଙ୍କ ପାଖରେ କ୍ଷମା ମାଗିବା ଉଚିତ୍ ନୁହେଁ । ଆମର ଦିବ୍ୟ ପିତାଙ୍କ ପାଖରେ ଆମେ କରିଥିବା ଦୋଷପାଇଁ କ୍ଷମା ମାଗିବା ପୂର୍ବରୁ, ଆମର ଯିଏ ନିନ୍ଦା କରିଛନ୍ତି, ଯିଏ ଆମକୁ ଅପମାନିତ କରିଛନ୍ତି, ଆମକୁ ଗାଳି ଦେଇଛନ୍ତି, ଆମକୁ ଘୃଣା କରିଛନ୍ତି, ସେ ସମସ୍ତଙ୍କୁ କ୍ଷମା କରିବାକୁ ହେବ ।

ଏଥିପାଇଁ କ୍ଷମା ମାଗିବା ପୂର୍ବରୁ କ୍ଷମାଦାନ କରନ୍ତୁ । ଆମର କ୍ଷମାଦାନ ଉଦାର ହେବା ଉଚିତ୍ । କେତେକ କ୍ଷମାଦାନ କରିବା କ୍ଷେତ୍ରରେ କୃପଣ ହୁଅନ୍ତି ଏବଂ ଆପଣଙ୍କୁ ଭୁଲିବାକୁ ଦିଅନ୍ତି ନାହିଁ ଯେ ସେ ଆପଣଙ୍କୁ କ୍ଷମା କରିଛନ୍ତି । ଆମର କ୍ଷମା ଉଦାର ତଥା ଗଭୀର ହେଉ । ଏପରିକି ଆମେ ଆମ ପ୍ରତି ହୋଇଥିବା ଅନ୍ୟାୟକୁ ପୂର୍ଣ୍ଣରୂପରେ ଭୁଲିଯାଉ ।

ମିଲୋନିଆ ନାମକ ଗୋଟିଏ ଦଶ ବର୍ଷୀୟା ବାଳିକା ଥିଲା । ସେ ନିଜ ପିତାଙ୍କ ସହିତ ନିଜ ଘରେ ରହୁଥିଲା । ଥରେ ଡକାୟତମାନେ ସେ ଘର ଆକ୍ରମଣ କଲେ । ପିତା ସେମାନଙ୍କର ସମ୍ମୁଖୀନ ହୋଇ ମୃତ୍ୟୁବରଣ କଲେ । କିନ୍ତୁ ଡକାୟତମାନେ ସେ ବାଳିକାକୁ ମାରିବାକୁ ସାହସ କରି ପାରିଲେ ନାହିଁ । ସେମାନେ ତା'ର ଆଖି ଦୁଇଟି ତାଡ଼ିଦେଲେ । ସେ ଅନ୍ଧ ହୋଇଗଲା ।

ଏହା ମଧ୍ୟରେ ଦଶବର୍ଷ ବିତିଗଲା । ଦିନେ ମିଲୋନିଆ ରାସ୍ତାକଡ଼ରେ ବସିଥିଲା । ତାକୁ ଗୋଟିଏ ପଦଶବ୍ଦ ଶୁଣାଗଲା ଏବଂ ତା' ସହିତ ଭୟାନକ କଣ୍ଠସ୍ୱର ମଧ୍ୟ । ମିଲୋନିଆ କହିଲା, "ସମ୍ଭାଳିକରି ଆସ । ମୁଁ ଜଣେ ଅନ୍ଧଣୀ ।" ଏହାଶୁଣି ଆସୁଥିବା ଲୋକଟି କହିଲା, "ମୁଁ ହେଉଛି ସେହି ବ୍ୟକ୍ତି ଯିଏକି ତୋ ପିତାଙ୍କୁ ହତ୍ୟା କରିଥିଲା ଏବଂ ତୋତେ ଅନ୍ଧ କରିଥିଲା । ଆଜି ମୁଁ ଆଉ ଜଣେ ବ୍ୟକ୍ତିକୁ ଲୁଟିବାକୁ ଚେଷ୍ଟା କରିଥିଲି । ସେ ମୋତେ ଗୁଳି ମାରିଦେଇଛି । ମୁଁ ମରିବାକୁ ଯାଉଛି । ମରିବା ପୂର୍ବରୁ ମୋର ପ୍ରାର୍ଥନା ଯେ ତୁ ମୋତେ କ୍ଷମା କରିଦେ !"

Digitized by srujanika@gmail.com

ମିଲୋନିଆ ରାଗିଗଲା । ତା' ମନରେ ଦ୍ୱନ୍ଦ୍ୱ ଉଠିଲା । ଶେଷରେ ତା'ର ବିବେକର ଜୟ ହେଲା । ସେ ଅପରାଧୀଟିକୁ କହିଲା, "ମୁଁ ତୋତେ କ୍ଷମା କରୁଛି । ନିଜର ସମସ୍ତ ପାପର ପ୍ରାୟଶ୍ଚିତ କରିଦେ । ଈଶ୍ୱର ତୋତେ ଦୟା କରନ୍ତୁ ।"

ଏତକ କହି ସେ ଲୋକଟିକୁ ଛୁଇଁବାକୁ ଗଲା । ଅନୁଭବ କଲା ଯେ ସେ ମରିଯାଇଛି । ସେ ତା'ର ଆଖିକୁ ଆଉଁଷି ଦେଲା ଏବଂ ଗୋଟିଏ ଭଲ ଝିଅ ପରି ତା' ଆଖିକୁ ବନ୍ଦ କରିଦେଲା । ମିଲୋନିଆର କ୍ଷମାଦାନ ଏହିଠାରେ ପୂର୍ଣ୍ଣ ହୋଇଗଲା ।

ତୃତୀୟ ପରାମର୍ଶ

ପୃଥିବୀରେ ରହିବା ସମୟରେ ଆମକୁ ଅଲୌକିକ ଭାଷା ଶିଖିଯିବା ଉଚିତ୍ । ମୁଁ ଗୋଟିଏ ପିଲାକୁ ଜାଣିଛି । ସେ ସ୍ପାନିସ୍ ଭାଷା ଶିଖିବାକୁ ବହୁତ ପରିଶ୍ରମ କରୁଥିଲା । କାରଣ ପଚାରିବାରୁ ସେ କହିଲା "ମୋର ବାପାଙ୍କର ବ୍ୟବସାୟ ସ୍ପେନ୍‌ରେ ଅଛି । ମୁଁ ଯେବେ ଷୋହଳ ବର୍ଷର ହୋଇଯିବି ତେବେ ମୁଁ ଯାଇ ବାପାଙ୍କୁ ସାହାଯ୍ୟ କରିବି । ଏଥିପାଇଁ ମୁଁ ସ୍ପେନ୍ ଭାଷା ଶିଖୁଛି ।" ଆମ ସମସ୍ତଙ୍କୁ ପରଲୋକ ଯିବାକୁ ପଡ଼ିବ । ଏଥିପାଇଁ ଆମକୁ ପାରଲୌକିକ ଭାଷା ଶିଖିବା ଉଚିତ୍ । ଏହା ହେଉଛି ପ୍ରେମର ଭାଷା । ଏହା ପବିତ୍ର, ନିଃସ୍ୱାର୍ଥପର, ନିରାସକ୍ତ ଓ ଶୁଦ୍ଧ ପ୍ରେମର ଭାଷା । ପ୍ରତ୍ୟେକ ବିଚାରରେ, ପ୍ରତ୍ୟେକ ଶବ୍ଦରେ, ପ୍ରତ୍ୟେକ କର୍ମରେ ଆମେ ଆମ ହୃଦୟର ନିଷ୍ପାପ, ପବିତ୍ର ତଥା ନିଃସ୍ୱାର୍ଥ ପ୍ରେମର ଅଭିବ୍ୟକ୍ତି କରିଯିବା ଉଚିତ୍ ।

ପ୍ରେମ ହେଉଛି ସେବା । ପ୍ରେମ ହେଉଛି ଦାନ । ପ୍ରେମ ହେଉଛି ଅନ୍ୟକୁ ସୁଖ ଦେବାକୁ ନିଜର କ୍ଷମତାଠାରୁ ଅଧିକ ଚେଷ୍ଟା କରିବା । ପ୍ରେମ ଦୁଃଖୀ ଏବଂ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ନିଜର ସର୍ବସ୍ୱ ବଳିଦାନ କରିଦିଏ । ସେବା କରୁଥିବା ବ୍ୟକ୍ତି ହେଉଛି ମଣିଷ ମଧ୍ୟରେ ସର୍ବଶ୍ରେଷ୍ଠ । ସେ ଅନ୍ୟ ପାଇଁ

Digitized by srujanika@gmail.com

ବଞ୍ଚିଥାଏ । ତା'ର ଜୀବନ ଏହି କଷ୍ଟପୂର୍ଣ୍ଣ ସୃଷ୍ଟିର ବେଦୀ ଉପରେ ଈଶ୍ୱରଙ୍କ ପ୍ରତି ସମର୍ପିତ ହୋଇଥାଏ ।

ଏହିପରି ଜୀବନ ସିଷ୍ଟର ଲୋକୋଡ଼ିଆ ଯାପନ କରିଥିଲେ । ସେ ଗୋଟିଏ ହସପିଟାଲରେ ସଂକ୍ରାମକ ରୋଗୀ ୱାର୍ଡ୍‌ରେ କାମ କରୁଥିଲେ । ଦିନେ ହସପିଟାଲ୍‌ର ସୁପରିଟେଣ୍ଡେଣ୍ଟ୍ କହିଲେ ଯେ ''ସିଷ୍ଟର ! ମୋର ବିଶ୍ୱାସ ତୁମେ ସଂକ୍ରମଣରୁ ରକ୍ଷା ପାଇବାପାଇଁ ନିରାକରଣ ବ୍ୟବସ୍ଥା ଗ୍ରହଣ କରିଥିବ । ତୁମେ ନିଶ୍ଚୟ ଗ୍ଲୋଭ୍‌ସ ପିନ୍ଧିଥିବ ।''

''ନା, ସାର୍ ।'' ସିଷ୍ଟର ଲୋକୋଡ଼ିଆ କହିଲେ । ''ମୁଁ ଖାଲି ହାତରେ ଉପଚାର କରିଥାଏ ଏବଂ ଉପଚାର ପରେ ସାଦା ପାଣିରେ ହାତ ଧୋଇଦିଏ ।''

''ଓଃ ସିଷ୍ଟର !'' ସୁପରିଟେଣ୍ଡେଣ୍ଟ ଆଶ୍ଚର୍ଯ୍ୟ ହୋଇ କହିଲେ, ''ତୁମକୁ ଏ ରୋଗ ହୋଇଯିବ । ତୁମେ ଚାହିଁଲେ ତୁମର କୌଣସି ଅନୁରୋଧ ବିଚାର କରାଯାଇପାରିବ ।'' ସୁପରିଟେଣ୍ଡେଣ୍ଟ୍ ଭାବିଲେ ସିଷ୍ଟର ହସପିଟାଲ୍‌ର ଅନ୍ୟ ୱାର୍ଡ୍‌କୁ ବଦଳି ପାଇଁ ଅନୁରୋଧ କରିବେ । କିନ୍ତୁ ଏହା ପରିବର୍ତ୍ତେ ସିଷ୍ଟର କହିଲେ, ''ସାର୍, ମୁଁ ଏଠାରେ ଅତି ଖୁସିରେ ଅଛି । ହଁ, ଆପଣ ମୋ ପାଇଁ ଗୋଟିଏ କାମ କରିପାରନ୍ତି । ଏହି ୱାର୍ଡ୍‌ରେ ମାତ୍ର ପଚିଶଜଣ ରୋଗୀ ଅଛନ୍ତି, ମାତ୍ର ମୁଁ ପଚାଶ ରୋଗୀଙ୍କର ସେବା କରିପାରିବି । ମୋ ପାଇଁ ଆଉ ପଚିଶଜଣ ରୋଗୀ ପଠାଇ ଦିଅନ୍ତୁ ।'' ସୁପରିଟେଣ୍ଡେଣ୍ଟ୍ ଚକିତ ହୋଇ ରହିଗଲେ । ଲୋକେ ସୁପରିଟେଣ୍ଡେଣ୍ଟ୍‌ଙ୍କୁ ମନକୁ ମନ କହୁଥିବାର ଶୁଣିଲେ, '' ମୁଁ ତାକୁ କିଛି ବି ମାଗିବାକୁ କହିଲି, ଏବଂ ସେ କ'ଣ ମାଗିଲା ? ଆହୁରି ଅଧିକ ସଂଖ୍ୟାରେ ସଂକ୍ରାମକ ରୋଗୀ !'' ସିଷ୍ଟର ଲୋକୋଡ଼ିଆଙ୍କ ଜୀବନ ପୀଡ଼ିତ ମାନବଙ୍କର ସେବାପାଇଁ ଈଶ୍ୱର ସମର୍ପିତ ଥିଲା । ଆମେ ନିଃସ୍ୱାର୍ଥ ଭାବରେ ସେବା କରିବା ଶିଖିବା ଉଚିତ୍ । ଆମେ ପ୍ରେମ ଓ ଶ୍ରଦ୍ଧା ଭାବନା ସହିତ ସେବା କଲେ, ଅଧିକରୁ ଅଧିକ ଭଗବତ୍ ସତ୍ତା ଲାଭ କରିବୁ । କାରଣ ଭଗବାନ

Digitized by srujanika@gmail.com

ସଦା ସର୍ବଦା ସେବାରେ ରହିଥାଆନ୍ତି । ଆପଣମାନେ ମଧ୍ୟ ଅନ୍ୟ ଲୋକଙ୍କ ପାଇଁ ଦୟାଳୁ ହୁଅନ୍ତୁ । ଆପଣଙ୍କର ଯାହାକିଛି ସର୍ବଶ୍ରେଷ୍ଠ ଅଛି, ସେସବୁକୁ ଭଗବାନଙ୍କ ନାମରେ ଅନ୍ୟମାନଙ୍କୁ ଅର୍ପଣ କରି ଦିଅନ୍ତୁ । ପ୍ରତ୍ୟେକ ଦରିଦ୍ରର ସହାୟତା କରନ୍ତୁ । ଦରିଦ୍ର ଆପଣଙ୍କର ସେବା ଆବଶ୍ୟକ କରୁଛି । କୌଣସି ପ୍ରକାର ମୂଲ୍ୟ ଦେଇ ତା'ର ସେବାପାଇଁ ତତ୍ପର ହୁଅନ୍ତୁ ।

କେବଳ ଦେଖାଇବା ପାଇଁ ନୁହଁ, କେବଳ ଭାଷଣ ଦେବା ପାଇଁ ନୁହଁ, ଯେତେବେଳେ ଭାରତବାସୀ ସେବା ପଥରେ ଚାଲିବେ, ସେତେବେଳେ ନିଃସନ୍ଦେହରେ ଭାରତ ନୂଆ ସକାଳର ସୂର୍ଯ୍ୟ ପରି ଦୀପ୍ତ ହେବ । ପ୍ରାଚ୍ୟ ତଥା ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ପାଇଁ ଭାରତ ସେବକର ପ୍ରତୀକ ହୋଇ ଛିଡ଼ା ହେବ ।

* * *

Digitized by srujanika@gmail.com

ପରିଚ୍ଛେଦ - ୨୦

କେତୋଟି ପ୍ରଶ୍ନୋତ୍ତର

କ'ଣ ମୃତ୍ୟୁପରେ ମୁଁ ନିଜ ପ୍ରିୟଜନଙ୍କୁ ଦେଖିବି ?

କ'ଣ ମୃତ ଆତ୍ମା ସହିତ କଥାବାର୍ତ୍ତା କରିବା ଉଚିତ୍ ?

କ'ଣ ଜ୍ୟୋତିଷବିଦ୍ୟା ମୃତ୍ୟୁର ସଠିକ୍ ସମୟ କହିପାରିବ ?

କେଉଁ ମୃତ୍ୟୁ ସର୍ବଶ୍ରେଷ୍ଠ ?

ଦୁର୍ଘଟଣାରେ, ଫାଶୀଦଣ୍ଡରେ ଅଥବା ଆତ୍ମହତ୍ୟା କରିଥିବା ମୃତ ବ୍ୟକ୍ତିଙ୍କର ଦଶା କ'ଣ ହୋଇଥାଏ ?

ଜନ୍ମମରଣର ଚକ୍ରରୁ ବାହାରିବାର କିଛି ଉପାୟ ଅଛି କି ?

ଏହିପରି ଅନେକ ପ୍ରଶ୍ନ ଉତ୍ଥାପନ କରାଯାଇଥାଏ ।

ପୁନର୍ଜନ୍ମ

ପ୍ରଶ୍ନ :- ଜଣେ ପ୍ରଶ୍ନ କଲେ, ''ଦୁଇବର୍ଷ ପୂର୍ବେ ମୋର ପିତାଙ୍କର ମୃତ୍ୟୁ ହୋଇଯାଇଥିଲା ଏବଂ ଏହାର ଗୋଟିଏ ବର୍ଷପରେ ମୋ ମା' ମଧ୍ୟ ଚାଲିଗଲେ । କ'ଣ ପରଲୋକରେ ମୋର ମା' ମୋ ପିତାଙ୍କ ସହିତ ଦେଖାକରି ପାରିଥିବେ ? କ'ଣ ମୁଁ ମଧ୍ୟ ଦେହତ୍ୟାଗ କଲେ ସେମାନଙ୍କୁ ଦେଖା କରିପାରିବି ?''

ଏହି ପ୍ରଶ୍ନର ଉତ୍ତର, ''ହଁ ।''

ଦେହତ୍ୟାଗ ପରେ ପୁଣି ଭୌତିକ ଦେହ ଧାରଣ କରିବାର ସମୟ-ବ୍ୟବଧାନକୁ ମୃତ୍ୟୁ ଏବଂ ପୁନର୍ଜନ୍ମ କୁହାଯାଇଥାଏ । ଏହି ବ୍ୟବଧାନ ପୃଥିବୀର ସମୟ ଅନୁସାରେ ଅନେକ ବର୍ଷ ହୋଇଥାଏ ।

Digitized by srujanika@gmail.com

ଧରନ୍ତୁ, ଆଜି ଜଣେ ଦେହତ୍ୟାଗ କଲେ । ପୁଣି ଭୌତିକ ଶରୀର ଧରି ଏହି ପୃଥିବୀକୁ ଆସିବାକୁ ବହୁତ ବର୍ଷ ଲାଗିଥାଏ । ମୃତ୍ୟୁ ପରର ଯାତ୍ରା, ପରଲୋକରେ ଯାତ୍ରା, ସଂସ୍କାରଗୃହ ତଥା ସ୍ୱର୍ଗଲୋକ ଏବଂ ତା' ପର କ୍ଷେତ୍ରକୁ ଯାତ୍ରା କରି ପୁଣି ପୃଥିବୀକୁ ଆସିବାକୁ ଆମକୁ ବହୁତ ସମୟ ଲାଗିଥାଏ । ଦେହତ୍ୟାଗ କରିଥିବା ଆମର ପୂର୍ବ ଆତ୍ମୀୟମାନଙ୍କୁ ଆମେ ଏହି ଯାତ୍ରାକାଳରେ ସାକ୍ଷାତ କରିଥାଉ ।

ତେଣୁ ପରଲୋକରେ ଆମେ ଏକୁଟିଆ ହେବା ନାହିଁ । ଆମ ପୂର୍ବରୁ ଦେହତ୍ୟାଗ କରିଥିବା ଆମର ପ୍ରିୟ ଲୋକେ ସେଠାରେ ଆମ ସହିତ ରହିବେ । ତାଙ୍କ ସହିତ ରହି ଆମେ ଏହି ପୃଥିବୀର ସମସ୍ତ ମୋହ ବନ୍ଧନକୁ ସହଜ ଭାବରେ ଭୁଲିଯାଇ ପାରିବା । ଏଥିପାଇଁ ମୁଁ ବାରମ୍ବାର କହିଛି, "ମୃତ୍ୟୁକୁ ଡରନ୍ତୁ ନାହିଁ । ମୃତ୍ୟୁ ପରର ଯାତ୍ରାରେ ଆପଣ ଏକୁଟିଆ ପଡ଼ିଯିବେ ନାହିଁ ।"

ପୁନର୍ଜନ୍ମ ପାଇଁ ଲମ୍ବା ସମୟ ରହିବ । କିନ୍ତୁ ଯେଉଁମାନଙ୍କର ମୃତ୍ୟୁ ବିମାନ ଦୁର୍ଘଟଣା କିମ୍ବା ଅନ୍ୟ ଦୁର୍ଘଟଣାରେ ହୋଇଥାଏ, ସେମାନଙ୍କର ପୁନର୍ଜନ୍ମ ଶୀଘ୍ର ହୋଇଥାଏ । କାରଣ ସେ ପୃଥିବୀକୁ ଯେଉଁ କାର୍ଯ୍ୟ କରିବାକୁ ଆସିଥିଲେ ଏବଂ ଅସମାପ୍ତ ଅବସ୍ଥାରେ ଆକସ୍ମିକ ମୃତ୍ୟୁ ହୋଇଗଲା, ସେମାନଙ୍କୁ ସେହି କାର୍ଯ୍ୟକୁ ପୂରଣ କରିବାକୁ ପଡ଼ିବ । ଏହିପରି ପୁନର୍ଜନ୍ମର ସ୍ମୃତି ମନେରହେ । ଆମେ କେତେକ ପିଲାଙ୍କଠାରୁ ପୂର୍ବଜନ୍ମର ଅନେକ ଘଟଣା ଶୁଣିଛୁ । ସେମାନେ ସ୍ପଷ୍ଟ ଭାବରେ ମନେ ପକେଇ ପାରନ୍ତି । ଗୋଟିଏ ପିଲା ତା'ର ବାପମା'ଙ୍କୁ କହୁଥିଲା ଯେ ସେ ଗୋଟିଏ ସହରର ଧନୀ ବ୍ୟକ୍ତି ଥିଲା ଏବଂ ଅନେକ ଦାନ ଧର୍ମକରି ଯଶ କମାଇଥିଲା । ଦିନେ ତା' ଦ୍ୱାରା ପରିଚାଳିତ ଗୋଟିଏ କଲେଜର ନିର୍ମାଣାଧୀନ ଘର ନିରୀକ୍ଷଣ କରିବାକୁ ଯାଇଥିବା ସମୟରେ ସେହି ଘର ଭୁଷୁଡି ପଡିଲା ଓ ତା' ତଳେ ଚାପିହୋଇ ତା'ର ମୃତ୍ୟୁ ହୋଇଗଲା । ଏ ଘଟଣାର ସତ୍ୟାସତ୍ୟ ଜାଣିବାକୁ ମାତାପିତା ପିଲାଟିକୁ ସେ ସହରକୁ ନେଇଗଲେ । ପିଲାଟିକୁ ସେହି ସହରଟି ପୂର୍ବ ପରିଚିତ

Digitized by srujanika@gmail.com

ଲାଗିଲା । ସହର ବିଷୟରେ ଅନେକ କଥା ତା'ର ମନେ ଥିଲା । ସେ ମାତାପିତାଙ୍କୁ ସିଧା ସେହି କଲେଜ ପାଖକୁ ନେଇଗଲା । ସେ କଲେଜ ଭିତରକୁ ଯାଇ ପ୍ରିନ୍‌ସିପାଲ୍‌ଙ୍କ ପାଖକୁ ଗଲା ଓ କହିଲା, "ତୁମକୁ ପ୍ରିନସ୍‌ପାଲ କଲା କିଏ ? ମୁଁ ତ ନିର୍ଦ୍ଦିଷ୍ଟ ଆଦେଶ ଦେଇଥିଲି ଯେ ତୁମକୁ କଦାପି ପ୍ରିନସ୍‌ପାଲ ନିଯୁକ୍ତ କରାଯିବନାହିଁ । ତେବେ ତୁମେ ଏ ଆସନରେ କିପରି ବସିଛ ?" କଲେଜର ପରିଚାଳକଙ୍କୁ ପଚାରିବାରୁ ସେ କହିଲେ, "ଏହା ସତ ଯେ ଏହି କଲେଜର ନିର୍ମାତା ନିର୍ଦ୍ଦେଶ ଦେଇଥିଲେ ଏହି ବ୍ୟକ୍ତିଙ୍କୁ ପ୍ରିନସ୍‌ପାଲ ପଦରେ କେବେ ନିଯୁକ୍ତି ନ ଦିଆଯାଉ ।"

ଦିଲ୍ଲୀରେ ୧୯୨୬ ମସିହାରେ ଜନ୍ମନେଇଥିବା ଗୋଟିଏ ଝିଅ ଶାନ୍ତି ବିଷୟରେ ଏକ ପ୍ରସିଦ୍ଧ କଥା ଅଛି । ତାକୁ ତିନି ବର୍ଷ ହୋଇଥିବା ସମୟରେ ପ୍ରାୟ ଅଶୀ ମାଇଲ ଦୂର ମଥୁରାରେ ବିତାଇଥିବା ପୂର୍ବଜନ୍ମର କଥା ତା'ର ମନେ ପଡିଲା । ସେ କହିଲା କି ତା'ର ଜନ୍ମ ସେଠାରେ ୧୯୦୨ ମସିହାରେ ହୋଇଥିଲା । ସେ ଜାତିରେ ବ୍ରାହ୍ମଣ ଥିଲା ଏବଂ ତା'ର କପଡ଼ାବେପାରୀ କେଦାରନାଥ ଚୌବେଙ୍କ ସହିତ ବିବାହ ହୋଇଥିଲା । ସେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ କରିଥିଲା ଏବଂ ଏହି ସମୟରେ ତା'ର ମୃତ୍ୟୁ ହୋଇଯାଇଥିଲା ।

ଯେତେବେଳେ ଶାନ୍ତିକୁ ନଅ ବର୍ଷ ହେଲା, ତା'ର ମାତାପିତା ମଥୁରାକୁ ଚିଠି ଲେଖି ଜାଣିବାକୁ ଚାହିଁଲେ ଯେ କେଦାରନାଥ ଚୌବେ ନାମକ କୌଣସି କପଡ଼ାବେପାରୀ ଅଛନ୍ତି କି ? ସେଠାରୁ 'ହଁ' ଉତ୍ତର ଆସିବାରୁ ଜଣେ ସଂବନ୍ଧୀୟଙ୍କୁ ଶାନ୍ତି ପୂର୍ବଜନ୍ମର ଘରକୁ ପଠାଇଲେ ଏବଂ ପରେ ନିଜେ ଝିଅ ସାଙ୍ଗରେ ଗଲେ । ଝିଅଟି ସଂଗେ ସଂଗେ ଦୁଇଜଣଙ୍କୁ ଚିହ୍ନି ପାରିଲା ।

୧୯୩୬ ମସିହାରେ ଶାନ୍ତିକୁ ମଥୁରା ନିଆଗଲା ଏବଂ ତା'ର ପ୍ରତିକ୍ରିୟା ଜାଣିବାପାଇଁ ଗୋଟିଏ କମିଟି ଗଠନ କରାହେଲା । ସେ ମଥୁରା ରେଳଷ୍ଟେସନରେ ଗାଡ଼ିରୁ ଓହ୍ଲାଇଲା ଏବଂ ସେଠାରେ କେଦାରନାଥ

Digitized by srujanika@gmail.com

ଚୌବେଙ୍କର ଜଣେ ସଂପର୍କୀୟକୁ ଦେଖିଲା ଓ ଚିହ୍ନିପାରିଲା । ଯଦିଓ ସେ ବ୍ୟକ୍ତିଜଣକ ଲୋକଗହଳି ମଧ୍ୟରେ ଥିଲେ । ତା'ପରେ ତାକୁ ଗୋଟିଏ ଗାଡ଼ିରେ ବସାଗଲା, ଏବଂ ଚାଳକକୁ ଝିଅଟି ବତାଉଥିବା ବାଟରେ ଗାଡ଼ି ନେବାକୁ କୁହାଗଲା । ଲାଗୁଥିଲା ଯେ ସେ ସହରଟି ସହିତ ପୂର୍ବରୁ ଅତି ଭଲ ଭାବରେ ପରିଚିତ । ଅବଶ୍ୟ ଏହି ଜନ୍ମରେ ସେ ପ୍ରଥମ ଥର ପାଇଁ ସେ ସହରକୁ ଆସିଛି । ଝିଅଟି ଗାଡ଼ିଚାଳକକୁ କେଦାରନାଥ ଚୌବେଙ୍କ ଘରକୁ ରାସ୍ତା ବତାଇଲା । ସେ ଘରକୁ ନୂଆ ରଙ୍ଗରେ ରଙ୍ଗୀନ କରାଯାଇଥିଲା, ତଥାପି ସେ ଘରକୁ ଝିଅଟି ସହଜରେ ଚିହ୍ନିଲା । ଘର ପାଖରେ ଜଣେ ବ୍ରାହ୍ମଣ ଠିଆ ହୋଇଥିଲେ । ତାଙ୍କୁ ଶାନ୍ତି କେଦାରନାଥଙ୍କ ପିତା ବୋଲି ଚିହ୍ନିଲା ।

ଘରେ ପଶିବା ପରେ କେଉଁ ରୁମ୍ କେଉଁଠି ଅଛି, ଏବଂ ଆଲମାରୀ କେଉଁଠି ଅଛି ବୋଲି ଅନେକ ପ୍ରଶ୍ନ ତାକୁ ପଚରାଗଲା । ଝିଅଟି ସବୁ ପ୍ରଶ୍ନର ଉତ୍ତର ସଠିକ୍ ଭାବରେ ଦେଲା । ସେ ପୂର୍ବଜନ୍ମର ମା'ବାପ ଘରକୁ ଗଲା ଏବଂ ପଚାଶରୁ ଅଧିକ ଲୋକଙ୍କ ଗହଳି ମଧ୍ୟରେ ସେମାନଙ୍କୁ ଚିହ୍ନିଦେଲା ।

ଶାନ୍ତି କହିଲା ଯେ କେଦାରନାଥଙ୍କର ଅନ୍ୟ ଏକ ଘରେ କିଛି ଧନ ସେ ଲୁଚାଇ ରଖିଥିଲା । ସେ ସେହି ଘରର ଗୋଟିଏ କୋଠରୀର ଗୋଟିଏ କୋଣକୁ ଇଂଗିତ କଲା । ସେଠାରେ ଧନ ଲୁଚାଯାଇଥିଲା । ସ୍ଥାନଟିକୁ ଖୋଳାଗଲା । କିନ୍ତୁ ସେଠାରୁ କିଛି ମିଳିଲା ନାହିଁ । କିନ୍ତୁ ଶାନ୍ତି ଦୃଢ଼ତାର ସହିତ କହିଲା ଯେ ସେହିଠାରେ ହିଁ ଧନ ଲୁଚାଇଥିଲା । ଶେଷରେ କେଦାରନାଥ ସ୍ୱୀକାର କଲେ ଯେ ସେ ପତ୍ନୀଙ୍କ ମୃତ୍ୟୁପରେ ସେହି ସମ୍ପତ୍ତିକୁ ଖୋଳି ନେଇଥିଲେ ।

ଏହ ପ୍ରକାର ଅନେକ କାହାଣୀ ଅଛି । କେତେକ ବୈଜ୍ଞାନିକଙ୍କ ଦ୍ୱାରା ପରୀକ୍ଷା କରାଯାଇଛି । କିଛି ବର୍ଷ ପୂର୍ବେ ଆମେରିକାରେ ଗୋଟିଏ ବହି ପ୍ରକାଶିତ ହୋଇଥିଲା । ସେହି ବହିର ନାମ ଥିଲା, "Twelve Cases of Reincarnation, Scientifically Examined."

Digitized by srujanika@gmail.com

ବୈଜ୍ଞାନିକମାନଙ୍କର ଗୋଟିଏ ଦଳ ଏହା ଲେଖିଥିଲେ । ଏବେ ଆମେରିକାର ଭର୍ଜିନିଆ ଇଉନିଭରସିଟିର ଜଣେ ମନୋବୈଜ୍ଞାନିକ ପ୍ରଫେସର ଡଃ ଷ୍ଟିଭେନ୍‌ସନ୍‌ଙ୍କ ବିଷୟରେ ପଢୁଥିଲି । ସେ ବ୍ରିଟେନ୍, ଇଉରୋପ, ଆମେରିକା ଏବଂ ସୁଦୂର ପାଶ୍ଚାତ୍ୟ ଦେଶର ପ୍ରାୟ ୧୬୦୦ ଘଟଣା ବିଷୟରେ ଲେଖିଛନ୍ତି । ଏଥିରେ ଶିଶୁମାନେ ସେମାନଙ୍କର ପୂର୍ବଜନ୍ମ ବିଷୟରେ ବିଶେଷ ବିବରଣୀ ଦେଇଛନ୍ତି । ସେ ଗୋଟିଏ ବିଶେଷଜ୍ଞ ଦଳ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ମାଧ୍ୟମରେ ଅନୁସନ୍ଧାନ କରି ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ପ୍ରାୟ ଦଶ ପ୍ରତିଶତ ଘଟଣା ଐତିହାସିକ ତଥ୍ୟ ପରି ସତ୍ୟ । ସେ ଜାଣିବାକୁ ପାଇଲେ ଯେ ପିଲାମାନେ ଚାରି ପାଞ୍ଚ ବର୍ଷ ବୟସରେ ନିଜ ପିତାମାତାଙ୍କୁ କହୁଥିଲେ ଯେ ସେମାନେ ଏହି ଜୀବନ ପୂର୍ବରୁ ଆଉ ଗୋଟିଏ ଜୀବନ ଯାପନ କରୁଥିଲେ । ଡଃ ଷ୍ଟିଭେନସନ୍‌ଙ୍କ ଭାଷାରେ, ''ପୂର୍ବଜନ୍ମକୁ ମନେ ପକାଇ ପାରୁଥିବା ପିଲା ପ୍ରଥମେ ପୂର୍ବର ଜନ୍ମସ୍ଥାନକୁ ନେଇ ଯିବାକୁ କହେ । ଏହି କାରଣରୁ ତଥା ଉତ୍ସୁକତା ଯୋଗୁଁ ତା'ର ମାତାପିତା ସେ କହୁଥିବା ପୂର୍ବ ପରିବାରକୁ ଖୋଜିବାକୁ ଚେଷ୍ଟା କରନ୍ତି ।''

ଯଦି ପିଲାଟି ପର୍ଯ୍ୟାପ୍ତ ବିବରଣୀ ଦେଇପାରେ ଏବଂ ପରିବାରର ସଦସ୍ୟମାନଙ୍କର ନାମ ଇତ୍ୟାଦି କହିପାରେ, ତେବେ ଅନୁସନ୍ଧାନ ସଫଳ ହୁଏ । ସେତେବେଳେ ପିଲାମାନଙ୍କର ବର୍ଣ୍ଣନା ନବେ ପ୍ରତିଶତ ଠିକ୍ ଥାଏ ।

ଏହିପରି ସାଧାରଣତଃ ପିଲାମାନେ ତିନିରୁ ପାଞ୍ଚ ବର୍ଷ ବୟସରେ ପୂର୍ବଜନ୍ମ ବିଷୟରେ ସଠିକ୍ ବର୍ଣ୍ଣନା କରିଥାଆନ୍ତି । ଅନେକ ସ୍ଥଳରେ ବୟସ ବଢ଼ିବା ସହିତ ଏହି ସ୍ମୃତି ଧୂମିତ ପଡ଼ିଯାଏ । ଆମର ଅନେକଙ୍କର ପୂର୍ବଜନ୍ମର ସ୍ମୃତି ନାହିଁ । କାରଣ ମୃତ୍ୟୁ ଅପରାନ୍ତ ଅନେକ ସମୟ ପର୍ଯ୍ୟନ୍ତ ପରଲୋକ ତଥା ତା' ପରେ ମଧ୍ୟ ଅନ୍ୟ ଲୋକରେ ରହୁ । ଉଚ୍ଚତର ଲୋକରେ ରହିବା ପରେ ଆମେ ସହଜରେ ପୃଥିବୀ ଉପରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲିଯାଉ ।

Digitized by srujanika@gmail.com

ଏହା ନିଃସନ୍ଦେହ ଯେ ଉଚ୍ଚତର ସ୍ତରରେ ଭୌତିକ ଜୀବନ ଏକ ସ୍ୱପ୍ନ ଅଟେ ।
ଏହା ସହଜରେ ଏବଂ ଶୀଘ୍ର ସମାପ୍ତ ହୋଇଯାଏ ।

***

Digitized by srujanika@gmail.com

ଆତ୍ମା ସହିତ କଥାବାର୍ତ୍ତା

ଦ୍ୱିତୀୟ ପ୍ରଶ୍ନ ହେଲା, ''କ'ଣ ଦିବଂଗତ ଆତ୍ମା ସହିତ କଥାବାର୍ତ୍ତା କରିବା ଉଚିତ୍ ?''

ମୋର ଉତ୍ତର ହେଲା, ''ଏପରି କଥାବାର୍ତ୍ତାରେ କିଛି ଭୁଲ୍ ନାହିଁ, କିନ୍ତୁ ଏହା ପରିମିତ ହେବା ଉଚିତ୍ । ବହୁତ ଲୋକ ଅଛନ୍ତି ସେମାନେ ନିଜ ପ୍ରିୟଜନଙ୍କ ମୃତ୍ୟୁ ପରେ ଶୋକମୁକ୍ତ ହୁଅନ୍ତି ନାହିଁ । ସେମାନଙ୍କୁ ଆଶ୍ୱାସନା ଦେବାକୁ ପଡ଼େ ଯେ ସେମାନଙ୍କ ପ୍ରିୟଜନ ପରଲୋକରେ ଅତି ଆନନ୍ଦରେ ଅଛନ୍ତି । ଏପରି ଲୋକମାନେ ଦିବଂଗତ ଆତ୍ମା ସହିତ କଥା ହେବା ଉଚିତ୍ କାରଣ ସେମାନେ ଆଶ୍ୱସ୍ତ ହେବେ, କିନ୍ତୁ ଏହାଠାରୁ ଅଧିକ କିଛି କରିବା ଉଚିତ୍ ନୁହଁ । ବାରମ୍ବାର ଡାକିଲେ ସେମାନଙ୍କର ନୂଆଲୋକରେ ଅସ୍ଥିରତା ବଢ଼େ ଏବଂ ନୂଆ ପରିସ୍ଥିତିରେ ରହିବାରେ ବାଧା ପଡ଼େ ।''

ଜଣେ ମା'ର ଗୋଟିଏ ମାତ୍ର ପୁତ୍ର ଥିଲା । ସେ ପୁଅକୁ ବୋର୍ଡ଼ିଙ୍ଗ୍ ସ୍କୁଲକୁ ପଠାଇଥିଲା । ସେ ସ୍କୁଲରୁ ତାକୁ ବାରମ୍ବାର ଡାକେ ଓ କହେକି ତା' ବିନା ସେ ବହୁତ ଏକୁଟିଆ ହୋଇଯାଇଛି । ଏଥିରେ ବିଚରା ପୁଅର ଅବସ୍ଥା ଦୟନୀୟ ହୋଇଗଲା । ସେ ଯେତେବେଳେ ଛାତ୍ରାବାସରେ ଥାଏ, ସବୁବେଳେ ତା'ର ଚିନ୍ତା ମା' ଆଡ଼କୁ ଥାଏ । ସେ ନିଜ ସାଙ୍ଗସାଥିଙ୍କ ସହିତ କିମ୍ବା ଖେଳରେ ଆନନ୍ଦ ପାଉ ନଥାଏ । ପାଠପଢ଼ାରେ ମଧ୍ୟ ମନ ଏକାଗ୍ର ହୁଏ ନାହିଁ । ମା'ର କାନ୍ଦିବା ମୁହଁ ତା' ଆଗରେ ସବୁବେଳେ ଦେଖାଯାଉଥାଏ । ଯଦି ଆମେ ଆମର ଦିବଂଗତ ଆତ୍ମୀୟ ଲୋକଙ୍କ ସହିତ ବାରମ୍ବାର ସମ୍ପର୍କ କରିବା, ତେବେ ସେହି ପିଲାର ମା' ପରି ଆମେ ସ୍ୱାର୍ଥପର ତଥା ମୂର୍ଖତାପୂର୍ଣ୍ଣ କାର୍ଯ୍ୟ କରିବା । ଆମେ

Digitized by srujanika@gmail.com

ଭୁଲିଯିବା ଉଚିତ୍ ନୁହେଁ ଯେ ଆମର ଏହି ଜୀବନ ସମାପ୍ତ ହେଲେ, ଅନ୍ୟ ଜୀବନ ଆରମ୍ଭ ହୁଏ । ଆମ ପ୍ରିୟଜନଙ୍କୁ ଯେଉଁ ନୂଆ ସ୍ଥାନରୁ ଡାକରା ଆସିଥାଏ, ସେଠାରେ ତାଙ୍କୁ ମଧ୍ୟ କିଛି କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ପଡ଼ିଥାଏ । ତାଙ୍କର ନୂଆ କାର୍ଯ୍ୟ କ୍ଷେତ୍ରରେ ତାଙ୍କୁ ଆମେ ବ୍ୟସ୍ତ କରିବା ଉଚିତ୍ ନୁହଁ । ବିଘ୍ନ ସୃଷ୍ଟି କରିବା ଉଚିତ୍ ନୁହଁ । ତେଣୁ ଥରେ କିମ୍ବା ଦୁଇଥର ତାଙ୍କ ସହିତ କଥାବାର୍ତ୍ତା କରି ତାଙ୍କୁ ନୂଆ ଜୀବନରେ ଶାନ୍ତିରେ ରହିବାକୁ ଦେବାକୁ ହେବ ।

ଆଉ ଗୋଟିଏ କଥା ପ୍ରତି ଆମକୁ ସାବଧାନ ରହିବାକୁ ପଡ଼ିବ । ଅନେକ ବ୍ୟକ୍ତି ଟ୍ରେନିଂ ପାଇନଥିବା ଲୋକଙ୍କ ଦ୍ୱାରା ମୃତାତ୍ମାଙ୍କ ସହିତ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତି । ଏହାଦ୍ୱାରା ବେଳେବେଳେ ଏପରି ହୁଏ ଯେ ଆମ ନିଜ ପ୍ରିୟଜନଙ୍କ ସ୍ଥାନରେ ଅନ୍ୟ କାହା ଆତ୍ମା ସହିତ କଥାବାର୍ତ୍ତା ହେବାର ଦେଖିବାକୁ ମିଳେ । ଆତ୍ମାର ସଂସାରରେ ଅନ୍ୟ ଆତ୍ମାର ରୂପ ଧାରଣ କରିବା ଅତି ସହଜ । ଏପରି ଅନେକ ପୃଥିବୀ ପ୍ରତି ଆସକ୍ତ ଆତ୍ମା ଥାଆନ୍ତି ଏବଂ ପୃଥିବୀର କୌଣସି ବ୍ୟକ୍ତି ସହିତ ସଂପର୍କ ରଖିବାକୁ ଇଚ୍ଛୁକ ଥାଆନ୍ତି । ଯେତେବେଳେ ସେମାନଙ୍କୁ ସୁଯୋଗ ମିଳେ ସେମାନେ ନିଜ ବାଟ ଖୋଜି ନିଅନ୍ତି ଏବଂ ସେହି ଆତ୍ମାଙ୍କ ସ୍ଥାନରେ ଉତ୍ତର ଦିଅନ୍ତି ।

ଯେଉଁମାନଙ୍କର ମୃତ୍ୟୁ ବହୁତ ପୂର୍ବରୁ ହୋଇ ନଥାଏ, ସେହି ଆତ୍ମାଙ୍କ ସହିତ କଥା ହେବା ସହଜ ହୋଇଥାଏ । କିଛି ସମୟ ବା ମାସ ପରେ ସେମାନେ ଉଚ୍ଚତର ସ୍ତରକୁ ଚାଲିଯାଆନ୍ତି । ଏଠାରେ ସଂପର୍କ ସ୍ଥାପନ କରିବା ସମ୍ଭବ ହୁଏ ନାହିଁ ।

ତାଲିମ ପାଇନଥିବା ଲୋକ ଆତ୍ମାକୁ ଡାକିବାକୁ କୌଣସି ଯନ୍ତ୍ରର ସାହାଯ୍ୟ ନେଇଥାଆନ୍ତି । ଏହା ମଧ୍ୟ ହାନିକାରକ । କାରଣ ଆପଣ ଯେତେବେଳେ କଥାବାର୍ତ୍ତା ଆରମ୍ଭ କରନ୍ତି ସେତେବେଳେ ଆପଣ ଗୋଟିଏ ଦ୍ୱାର ଖୋଲନ୍ତି ଏବଂ କଥାବାର୍ତ୍ତା ବନ୍ଦକଲେ ସେ ଦ୍ୱାରକୁ ବନ୍ଦ କରିଦେବାକୁ ପଡ଼ିବ । ଏହା

Digitized by srujanika@gmail.com

ନକଲେ ପୃଥିବୀ ଉପରେ ବୁଲୁଥିବା କେତେକ ଆତ୍ମା ଆସି ଆପଣଙ୍କୁ ଘେରିଯିବେ । ଏଥିରେ ଆପଣଙ୍କର କ୍ଷତି ହୋଇପାରେ । ଯଦି ଆପଣ ଗୋଟିଏ ମାଧ୍ୟମ, ତେବେ ଆପଣଙ୍କୁ ସବୁବେଳେ ଗୋଟିଏ ଆତ୍ମାନିର୍ଦ୍ଦେଶକ ସହିତ କାମ କରିବାକୁ ପଡ଼ିବ । ନିର୍ଦ୍ଦେଶକ କଥାବାର୍ତ୍ତା ଶେଷ ହେବା ମାତ୍ରେ ସେହି ଦ୍ୱାରକୁ ବନ୍ଦ କରିଦେବା ଉଚିତ। ଯଦି ଆପଣ ଆତ୍ମାନିର୍ଦ୍ଦେଶକ ବିନା କାମ କରନ୍ତି ତେବେ ଆପଣ ବିପଦରେ ପଡ଼ିବାର ସମ୍ଭାବନା ଅଛି ।

ଏହାର ସାରାଂଶ ହେଲା ଯେ ତୁରନ୍ତ ଦିବଂଗତ ପ୍ରିୟଜନଙ୍କ ସହିତ କଥାବାର୍ତ୍ତା ହେବାରେ କିଛି ଦୋଷ ନାହିଁ । ଆମ ପାଇଁ ଏତିକି ଆଶ୍ୱାସନାର କଥା ଯେ ସେମାନେ ନୂଆ ଜଗତରେ ସକୁଶଳେ ପହଞ୍ଚି ଯାଇଛନ୍ତି ଏବଂ ଆନନ୍ଦରେ ଅଛନ୍ତି ।

ତୃତୀୟ ପ୍ରଶ୍ନ ହେଲା, ଦିବଂଗତ ଆତ୍ମାଙ୍କ ପ୍ରତି ଆମର ସଂପର୍କ କ'ଣ ହେବା ଉଚିତ୍ ? ଏହାର ଉତ୍ତର ହେଲା, ''ଯଦିଓ ଆମେ ଦିବଂଗତ କୁହାଯାଇଥିବା ବ୍ୟକ୍ତିଙ୍କୁ ଦେଖି ନ ଥାଉ, ଶୁଣି ନ ଥାଉ, କିନ୍ତୁ ନିଃସନ୍ଦେହ ଯେ ସେମାନେ ଆମକୁ ଦେଖି ପାରନ୍ତି ତଥା ଶୁଣି ପାରନ୍ତି ।'' କାରଣ ଆମେ ଯାହାକୁ ''ମୃତ'' ବୋଲି କହୁ, ସେମାନେ ଅଶରୀରୀ ଏବଂ ସେମାନେ ଆମ ବିଚାରକୁ ପଢ଼ିପାରନ୍ତି । ତେଣୁ ମୃତକଙ୍କ ପ୍ରତି ଆମର ବିଚାରରେ ଆମକୁ ସାବଧାନ ହେବାକୁ ପଡ଼ିବ । ଆମକୁ ତାଙ୍କ ପାଇଁ ପ୍ରାର୍ଥନା କରିବା ଉଚିତ୍ ତଥା ତାଙ୍କ ଯାତ୍ରା ପାଇଁ ଶୁଭ କାମନା କରିବା ଉଚିତ୍। ମୃତକଙ୍କ ପ୍ରତି ଆମର ବ୍ୟବହାର ଜଣେ ମା', ପତ୍ନୀ, ପୁତ୍ର କିମ୍ବା କନ୍ୟା ସମ ହେବା ଉଚିତ ଯେପରି ରୋଜଗାର ପାଇଁ ବିଦେଶ ଯାଇଥିବା ପତିଙ୍କ ପାଇଁ ପତ୍ନୀର ବ୍ୟାବହାର ହୋଇଥାଏ । ନିଶ୍ଚିତ ଭାବରେ ଏପରି ବ୍ୟକ୍ତିଙ୍କର ମା' କିମ୍ବା ପତ୍ନୀ ତାଙ୍କୁ ସମୟ ସମୟରେ ପ୍ରୋତ୍ସାହନପୂର୍ଣ୍ଣ ସନ୍ଦେଶ, ପ୍ରେମପୂର୍ଣ୍ଣ ବାର୍ତ୍ତା, ଉତ୍ସାହ ତଥା ଶୁଭକାମନା ପଠାଇବେ । ଯଦି ଏହା ପରିବର୍ତ୍ତେ ପତ୍ନୀ ତାଙ୍କୁ ଦୁଃଖ-କଷ୍ଟପୂର୍ଣ୍ଣ ଚିଠି ଲେଖିବେ

Digitized by srujanika@gmail.com

ତେବେ ପତିଙ୍କ ଦଶା ଦୁଃଖମୟ ହେବ । ସେ ପତ୍ନୀଙ୍କୁ ସାନ୍ତ୍ୱନା ଦେବାକୁ ଫେରି ଆସି ପାରିବେ ନାହିଁ, କିନ୍ତୁ ପତ୍ନୀର ଦୁଃଖ ଚିନ୍ତା କରି ନିଜେ ଦୁଃଖୀ ହେବେ ।

ମୁଁ ଜଣେ ଭଉଣୀଙ୍କୁ ଜାଣିଛି । ତାଙ୍କର ପତି ସୁଦୂର ଆଫ୍ରିକାର ଲାଗୋସ୍‌ରେ କାମ କରନ୍ତି । ସେହି ଭଉଣୀଙ୍କୁ ସାମାନ୍ୟ ଧରଣର ହୃଦ୍‌ଘାତ ହେଲା, ଏବଂ ତାଙ୍କୁ ନର୍ସିଂହୋମ୍‌କୁ ନିଆଗଲା । ସେ ସମସ୍ତଙ୍କୁ କହିଲେ, ‘‘ଦୟାକରି ଏ ବିଷୟରେ ମୋ ପତିଙ୍କୁ କିଛି ଜଣାଇବେ ନାହିଁ । ସେ ଅଯଥାରେ ଦୁଃଖୀ ହୋଇ ପଡ଼ିବେ । ମୁଁ ଶୀଘ୍ର ଭଲ ହୋଇଯିବି ଏବଂ ତାଙ୍କୁ ଚିଠି ଲେଖିବି ।’’

ଦିବଂଗତଙ୍କ ପ୍ରତି ଆମର ଭାବନା ଏହିପରି ହେବା ଉଚିତ୍ । ତାଙ୍କ ଉଦ୍ଦେଶ୍ୟରେ ଆମେ ସବୁବେଳେ ପ୍ରେମ ତଥା ସଦ୍‌ଭାବନା ପଠାଇବା ଉଚିତ୍ । ପରିବାରର ଭରଣପୋଷଣ କରିବା ଲୋକଙ୍କର ପରଲୋକ ହୋଇଗଲେ, ସାହସର ସହିତ ଆମକୁ କାମ କରିବାକୁ ପଡ଼ିବ । ଏପରି କଲେ ଆମର ଦୁଃଖ, ଅନ୍ଧକାର ଆମର ପ୍ରିୟଜନଙ୍କୁ ପ୍ରଭାବିତ କରିବ ନାହିଁ ।

ଚତୁର୍ଥ ପ୍ରଶ୍ନ :- ଆପଣ ଆଗରୁ କହିଛନ୍ତି ଯେ ମୃତ୍ୟୁ ନିଦପରି ଆନନ୍ଦଦାୟକ ଏବଂ ମୃତ୍ୟୁ ସମୟରେ ଆଗରୁ ସ୍ୱର୍ଗକୁ ଯାଇଥିବା ଆମର ପ୍ରିୟଲୋକେ ଆମକୁ ନେବାକୁ ଆସନ୍ତି । ତେବେ ମୃତ୍ୟୁ ସମୟରେ କେତେକ ବ୍ୟକ୍ତିଙ୍କୁ କଠିନ ସଂଘର୍ଷ କରୁଥିବା ଆମେ କାହିଁକି ଦେଖୁ ?

ଏହାର ଉତ୍ତର :- ଶରୀରରୁ ଆତ୍ମା ମୁକ୍ତ ହେବାର ଦୁଇଟି ବାଟ ଅଛି । ପ୍ରଥମଟି ଶାନ୍ତିପୂର୍ଣ୍ଣ ଏବଂ ଦ୍ୱିତୀୟଟି ଅଶାନ୍ତ ପଥ । ଅଶାନ୍ତ ପଥରେ ଆତ୍ମା ଦେହତ୍ୟାଗ କରିବା ପୂର୍ବରୁ ଛଟପଟ ହୁଏ ।

ମୃତ୍ୟୁ ମଧ୍ୟ ଜନ୍ମନେବା ପରି ଏକ ସ୍ୱାଭାବିକ ପ୍ରକିୟା । କେତେକ ଜନ୍ମ ସରଳ ତଥା ଶାନ୍ତିମୟ ଢଙ୍ଗରେ ହୋଇଥାଏ । ଅନ୍ୟ କେତେକ ଜନ୍ମ

Digitized by srujanika@gmail.com

କଷ୍ଟଦାୟକ ହୋଇଥାଏ । ଏ କ୍ଷେତ୍ରରେ ଡାକ୍ତରଙ୍କୁ ଅପରେସନ୍ କରିବାକୁ ପଡ଼ିଥାଏ । ମୃତ୍ୟୁକୁ ଭୟ କରୁଥିବା ଲୋକମାନଙ୍କର ମୃତ୍ୟୁ ଅଶାନ୍ତ ହୋଇଥାଏ । ଜୀବନ ପ୍ରତି ମୋହ ରଖିଥିବା ଏବଂ କୌଣସି ବସ୍ତୁ କିମ୍ବା ବ୍ୟକ୍ତି ପ୍ରତି ଅତି ମାତ୍ରାରେ ଆସକ୍ତ ଥିବା ଲୋକମାନଙ୍କର ମଧ ଏପରି ହୁଏ । ସେଥିପାଇଁ ଅନେକବାର ମୁଁ କହିଛି ଯେ ମୃତ୍ୟୁକୁ ସବୁବେଳେ ଏକ ଦ୍ୱାର ବୋଲି ଗ୍ରହଣ କରନ୍ତୁ । ଏ ଦ୍ୱାର ଅଧିକ ପରିପୂର୍ଣ୍ଣ, ସୁସଂପନ୍ନ, ସୁନ୍ଦର ଏବଂ ଦୀପ୍ତିମାନ ଲୋକଙ୍କ ପାଇଁ ଖୋଲା ରହିଥାଏ । କୌଣସି ବ୍ୟକ୍ତି ପ୍ରତି କିମ୍ବା ବସ୍ତୁ ପ୍ରତି ଆସକ୍ତି ରଖନ୍ତୁ ନାହିଁ । ଆପଣଙ୍କ ପତ୍ନୀ, ଆପଣଙ୍କ ସନ୍ତାନ, ଆପଣଙ୍କ ମାତାପିତା, ଆପଣଙ୍କ ମିତ୍ରମାନେ ସମସ୍ତେ ଈଶ୍ୱରଙ୍କର ଅଟନ୍ତି । ତେଣୁ ଆମର ହାର୍ଦ୍ଦିକ ପ୍ରାର୍ଥନା – ‘‘ହେ ପ୍ରଭୁ, ସବୁ କିଛି ଆପଣଙ୍କର, ମୋର ବୋଲି କିଛି ନାହିଁ । ମୁଁ ମଧ୍ୟ ଆପଣଙ୍କର, ଜୀବନରେ ମଧ୍ୟ, ମୃତ୍ୟୁରେ ମଧ୍ୟ । ସବୁବେଳ ପାଇଁ ଆପଣଙ୍କର ।’’

❋ ❋ ❋

Digitized by srujanika@gmail.com

ଜ୍ୟୋତିଷଶାସ୍ତ୍ର ଏବଂ ମୃତ୍ୟୁ

ମୋତେ ପ୍ରଶ୍ନ କରାଯାଇଛି, ''କ'ଣ ଜ୍ୟୋତିଷଶାସ୍ତ୍ର ମୃତ୍ୟୁର ସଠିକ୍ ସମୟର ଭବିଷ୍ୟବାଣୀ କରିପାରିବ ?''

ଏହାର ଉତ୍ତର ହେଲା, ଗ୍ରହନକ୍ଷତ୍ର କେବଳ ସଂକେତ ଦିଅନ୍ତି, ସେମାନେ ନିଶ୍ଚିତଭାବରେ ନିର୍ଦ୍ଧାରଣ କରନ୍ତି ନାହିଁ । ଜ୍ୟୋତିଷଶାସ୍ତ୍ର ମୃତ୍ୟୁର କେବଳ ସଂଭାବିତ ସମୟ କହିପାରେ । ଆଶଙ୍କାଟି ଯେ ନିଶ୍ଚିତ ରୂପରେ ଘଟିବ, ତାହା ଅନିବାର୍ଯ୍ୟ ନୁହଁ । ଗଣିତରେ ଏକ ପ୍ରଶ୍ନର ଗୋଟିଏ ହିଁ ଉତ୍ତର ହେବ । ଜ୍ୟୋତିଷଶାସ୍ତ୍ରରେ କେତେକ ତତ୍ତ୍ୱର ବିଧାନ ଅଛି ଏବଂ ଏହା ସଂଭବ ଯେ ଯେଉଁ ଜ୍ୟୋତିଷଙ୍କର ମତ ନିଆଯାଇଛି, ସେ ସମସ୍ତ ତତ୍ତ୍ୱ ଉପରେ ବିଚାର କରିନାହାନ୍ତି । ଫଳରେ ତାଙ୍କର ଗଣନା ଠିକ୍ ହୁଏ ନାହିଁ । ଜ୍ୟୋତିଷଶାସ୍ତ୍ର ବିଜ୍ଞାନ ନ ହୋଇ ଏକ କଳା । ଏଥିରେ ଆପଣଙ୍କ ଜାତକ ତିଆରି କରିବାବାଲା ଏବଂ ପଢ଼ିବାବାଲାଙ୍କ ଉପରେ ବହୁତ କିଛି ନିର୍ଭର କରେ ।

ପ୍ରତ୍ୟେକ ଜାତକରେ ମୃତ୍ୟୁର ସମ୍ଭାବନା ଥିବା କେତେକ ସମୟର ସଂକେତ ରହିଥାଏ । ଏହା ଫଳରେ ଆପଣଙ୍କୁ ପୂର୍ବରୁ ଚେତାବନୀ ଦିଆଯାଏ । ତେବେ ଆପଣ ବହୁତ ସାବଧାନ ରହି ମୃତ୍ୟୁକୁ ଟାଳି ଦେଇ ପାରନ୍ତି । ଏପରି ଅନେକ କାହାଣୀ ଅଛି । ବ୍ୟକ୍ତି ନିଜର ଇଚ୍ଛାଶକ୍ତି ଏବଂ ଶ୍ରଦ୍ଧା ବଳରେ ନିଜକୁ ତଥା ନିଜ ପାଖରେ ଥିବା କୌଣସି ବ୍ୟକ୍ତିକୁ ବିପଦରୁ ରକ୍ଷା କରିପାରନ୍ତି । ଥରେ ବିପଦ ସମୟ କଟିଗଲେ ପରିସ୍ଥିତି ସହଜ ହୋଇଯାଏ ।

ସମସ୍ତ ଦିଗ ବିଚାର କରି ଏପରି ସମୟ ନିର୍ଦ୍ଧାରିତ ହୁଏ ଯେତେବେଳେ ଆତ୍ମାର ଦେହତ୍ୟାଗର ସଂଭାବନା ଥାଏ । ଅବଶ୍ୟ ତାହା ଅନିବାର୍ଯ୍ୟ ନୁହେଁ । ତେଣୁ ଏବେ ଆମର ଗ୍ରହଦଶା ଖରାପ ଏବଂ ଆମର ଏବେ ମୃତ୍ୟୁ ହେବ,

Digitized by srujanika@gmail.com

ଏପରି ବିଚାର କରିବା ଠିକ୍ ନୁହେଁ । ବ୍ୟକ୍ତି ଗ୍ରହମାନଙ୍କର ପ୍ରଭାବଠାରୁ ଅଧିକ ଶକ୍ତିଶାଳୀ ।

ଆଉ ଗୋଟିଏ ପ୍ରଶ୍ନ ହେଉଛି, - କେତେବର୍ଷର ଆୟୁ ପରେ ମନୁଷ୍ୟ ମୃତ୍ୟୁ କାମନା କରିବା ଉଚିତ୍ ?

ଫ୍ରାନସ୍‌ର ମହାନ୍ ଲେଖକ Anatole France ଙ୍କ ମତ ଅନୁଯାୟୀ କେତେକ ଲୋକ ବିଶ୍ୱାସ କରନ୍ତି ଯେ ମନୁଷ୍ୟର ନିଜ ଯୁବା ଅବସ୍ଥାରେ ଦେହାନ୍ତ ହୋଇଯିବା ଉଚିତ୍ । Anatole France ଶିଖାଇଛନ୍ତି ଯେ ମନୁଷ୍ୟକୁ ଗୋଟିଏ ପ୍ରଜାପତି ପରି ବଞ୍ଚିବା ଉଚିତ୍ । ସୌନ୍ଦର୍ଯ୍ୟର ରସପାନ କରି ଶୀଘ୍ର ସମାପ୍ତ ହୋଇଯିବା ଉଚିତ୍ । ମୋ ବିଚାର ଅନ୍ୟ ପ୍ରକାର । ଦେହତ୍ୟାଗ ପୂର୍ବରୁ ମନୁଷ୍ୟକୁ ବୃଦ୍ଧାବସ୍ଥା ପ୍ରାପ୍ତ ହେବା ଉଚିତ୍ ।

ଏହି ଭୌତିକ ଶରୀର ଆମକୁ ବିନା ପରିଶ୍ରମରେ ମିଳିନାହିଁ । ସେଥିପାଇଁ ଅଳ୍ପ ବୟସରେ ମୃତ୍ୟୁ କାମନା କରିବା ଉଚିତ୍ ନୁହଁ । ବରଂ ଶାସ୍ତ୍ରୀୟ ଦୃଷ୍ଟିକୋଣ ଅନୁସାରେ ଆମକୁ ସତୁରି ବର୍ଷ ପର୍ଯ୍ୟନ୍ତ ବଞ୍ଚିବାର ଇଚ୍ଛା ରଖିବା ଦରକାର ।

ମୃତ୍ୟୁଦ୍ୱାରା ଶରୀରରୁ ମୁକ୍ତିର ଅଭିଳାଷ କେବଳ ଏକ ନିଦ୍ଦିଷ୍ଟ ସ୍ଥିତିରେ କରାଯାଇପାରେ । ଯେତେବେଳେ ଶରୀର ବୃଦ୍ଧ ହୋଇଯିବ କିମ୍ବା ରୋଗଗ୍ରସ୍ତ ହେବ ବା ବଞ୍ଚିବା କଷ୍ଟକର ହୋଇ ପଡ଼ିବ, ସେତେବେଳେ ମୃତ୍ୟୁ କାମନା କରାଯାଇପାରେ । ସେ ସମୟ ପର୍ଯ୍ୟନ୍ତ ଆମକୁ ଆତ୍ମିକ ଉତ୍‌ଥାନ ପାଇଁ ଶରୀରକୁ ଏକ ସାଧନ ରୂପରେ ଉପଯୋଗ କରିବା ଉଚିତ୍ । ଏଣୁ ଶରୀରକୁ ପବିତ୍ର, ନିର୍ମଳ ତଥା ଶକ୍ତିଶାଳୀ ରଖିବାକୁ ଉଦ୍ୟମ କରିବା ବିଧେୟ । ଆମର ଅସ୍ତିତ୍ୱର ପ୍ରତ୍ୟେକ ଶ୍ୱାସ ପ୍ରଶ୍ୱାସ ସହିତ ଆମେ ଈଶ୍ୱରଙ୍କ ସ୍ତୁତିଗାନ କରିବା ଉଚିତ୍ ଏବଂ ତାଙ୍କର ପବିତ୍ରନାମ କୀର୍ତ୍ତନ କରିବା ଉଚିତ । ଈଶ୍ୱର ତଥା ତାଙ୍କ ଦୁଃଖୀ ସନ୍ତାନମାନଙ୍କର ସେବାପାଇଁ ଆମ ଶରୀରକୁ ଅର୍ପଣ କରିଦେବା ଉଚିତ୍ ।

* * *

Digitized by srujanika@gmail.com

ମୃତ୍ୟୁର ସର୍ବୋତ୍ତମ ରୂପ

ଅନ୍ୟ ଏକ ପ୍ରଶ୍ନ ହେଲା, ମରିବାର ସର୍ବୋତ୍ତମ ବିଧି କ'ଣ ?

ଏହା ପୂର୍ବରୁ ଆଲୋଚନା ହୋଇଛି ଯେ ମୃତ୍ୟୁ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ସ୍ୱାଭାବିକ ତଥା ସହଜ ପ୍ରାକୃତିକ ମୃତ୍ୟୁ ଏବଂ ଅନ୍ୟଟି ଅଶାନ୍ତ, କଷ୍ଟପୂର୍ଣ୍ଣ ଏବଂ ଅସ୍ୱାଭାବିକ । ମୃତ୍ୟୁର ସର୍ବୋତ୍ତମ ବିଧି ହେଉଛି ସ୍ୱାଭାବିକ ମୃତ୍ୟୁ । ଏହା ବିଭିନ୍ନ ପ୍ରକାରେ ଘଟିଥାଏ ।

ବୟସ ବଢ଼ି ଚାଲିଲେ, ମନୁଷ୍ୟର ବୃଦ୍ଧାବସ୍ଥା ଆରମ୍ଭ ହୁଏ । ତା'ର ଶିରାପ୍ରଶିରା, ରକ୍ତକଣିକା ସବୁ କଠିନ ହୋଇଯାଏ ଏବଂ ସେହି କଠିନ କୋଷରେ ହୃଦଯନ୍ତ୍ରରେ ରକ୍ତସଂଚାଳନ କରିବା କଷ୍ଟକର ହୁଏ । ଏବଂ ଶରୀରର ବିଭିନ୍ନ ଅଂଶକୁ ପର୍ଯ୍ୟାପ୍ତ ପରିମାଣର ରକ୍ତ ଯୋଗାଯାଇପାରେ ନାହିଁ । ପରିଶେଷରେ ଶରୀରର ମୃତ୍ୟୁ ହୁଏ । ଏହା ମୃତ୍ୟୁର ସ୍ୱାଭାବିକ ସ୍ୱରୂପ । ମୃତ୍ୟୁର ଅନ୍ୟ ଏକ ପ୍ରାକୃତିକ ରୂପକୁ ମସ୍ତିଷ୍କ ରକ୍ତସ୍ରାବ କୁହାଯାଏ । ମସ୍ତିଷ୍କର କ୍ଷୁଦ୍ର ରକ୍ତକୋଷିକା ଏତେ ଦୁର୍ବଳ ହୋଇଯାଏ ଯେ ତାହା ହୃଦ୍‌ଯନ୍ତ୍ର ଦ୍ୱାରା ପମ୍ପ କରାଯାଇଥିବା ରକ୍ତପ୍ରବାହକୁ ସହିପାରେ ନାହିଁ । ଏହାକୁ "ଷ୍ଟ୍ରୋକ୍" କୁହାଯାଏ ଏବଂ ଏହା ମୃତ୍ୟୁର ସ୍ୱାଭାବିକ କାରଣ ହୁଏ ।

ମୃତ୍ୟୁର ଅନ୍ୟ ଗୋଟିଏ ପ୍ରାକୃତିକ ରୂପ ମଧ୍ୟ ଅଛି । ବୟସ ବଢ଼ିବା ସହିତ ହୃଦ୍‌ଯନ୍ତ୍ର ଦୁର୍ବଳ ହୋଇଯାଏ ଏବଂ ଧୀରେ ଧୀରେ କାମ କରିବା ବନ୍ଦ କରିଦିଏ । ଏହା ସାଧାରଣତଃ ରାତିର ଅନ୍ତିମ ପ୍ରହରରେ ହୋଇଥାଏ । ଏହି ସମୟରେ ମନୁଷ୍ୟର ନିଦ୍ରାବସ୍ଥାରେ ଦେହାନ୍ତ ହୋଇଯାଏ ।

Digitized by srujanika@gmail.com

ଏସବୁ ମୃତ୍ୟୁର ସ୍ୱାଭାବିକ ରୂପ ଅଟେ । ଏହିପରି ମୃତ୍ୟୁ ଇଚ୍ଛା କରିବା ଉଚିତ୍ । କିନ୍ତୁ ମୃତ୍ୟୁର ସର୍ବୋତ୍ତମ ରୂପ ହେଲା ମନୁଷ୍ୟ ଈଶ୍ୱରଙ୍କଠାରେ ମନ କେନ୍ଦ୍ରୀଭୂତ କରି, ହୃଦୟ ମଧ୍ୟରେ ପବିତ୍ର ପ୍ରେମଭାବ ଧାରଣ କରି ଏବଂ ନିଜ ଓଠରେ ଦିବ୍ୟ ନାମ ଜପ କରି କରି ଦେହ ତ୍ୟାଗ କରିବା ।

***

Digitized by srujanika@gmail.com

ପରିଚ୍ଛେଦ - ୨୪

ଦୁର୍ଘଟଣାରେ ମୃତ୍ୟୁ

ଏହା ମଧ୍ୟ ପ୍ରଶ୍ନ କରାଯାଏ, ଅକସ୍ମାତ୍ ବା ଦୁର୍ଘଟଣାରେ ମୃତ୍ୟୁ ବରଣ କରୁଥିବା ବ୍ୟକ୍ତିର କ'ଣ ହୁଏ ?

ଏହି ପରିସ୍ଥିତିରେ, ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିର ଆତ୍ମାକୁ ଧକ୍କା ଦେଇ ବାହାର କରିଦିଆଯାଏ । କାରଣ ମୃତ୍ୟୁ ଏତେ ଶୀଘ୍ର ଆସିବା ଫଳରେ ଆତ୍ମାକୁ ଏହା ଅନୁଭବ ହୁଏ ନାହିଁ ଯେ ସେ ଭୌତିକ ଶରୀରରୁ ଅଲଗା ହୋଇଯାଇଛି । ଆଗରୁ କହିଛି ଯେ ପରଲୋକରେ ଅନେକ ସେବାଦଳ ଅଛନ୍ତି । ଏହି ଦଳ ମଧ୍ୟରୁ କେତେକଙ୍କୁ ଦାୟିତ୍ୱ ଦିଆଯାଇଛି ଯେ ସେମାନେ ଦୁର୍ଘଟଣାରେ ଭୌତିକ ଶରୀରରୁ ଅକସ୍ମାତ୍ ଅଲଗା ହୋଇଯାଉଥିବା ଆତ୍ମାମାନଙ୍କର ଦାୟିତ୍ୱ ନେବେ । ପରଲୋକରେ ସେମାନେ ବାଜପକ୍ଷୀ ପରି ଘୂରିବୁଲୁଥାଆନ୍ତି ଏବଂ ଆସୁଥିବା ଆତ୍ମାମାନଙ୍କ ଉପରେ ନଜର ରଖିଥାଆନ୍ତି । ଯେଉଁମାନଙ୍କର ସାହାଯ୍ୟ ଦରକାର ପଡ଼େ, ସେମାନେ ତୁରନ୍ତ ସାହାଯ୍ୟ କରିବା ପାଇଁ ଯାଆନ୍ତି ଏବଂ ଏହି ନୂଆ ପରିସ୍ଥିତିରେ ତାଙ୍କୁ ସାହାଯ୍ୟ କରିଥାଆନ୍ତି ।

ଅନେକ ପରିସ୍ଥିତିରେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ନିଜର ଅପୂର୍ଣ୍ଣ କାର୍ଯ୍ୟକୁ ପୂରଣ କରିବାକୁ ଶୀଘ୍ର ପୁନର୍ଜନ୍ମ ନେଇଥାଆନ୍ତି । କେତେକ ବ୍ୟକ୍ତି ଦୁର୍ଘଟଣାରେ ମୃତ୍ୟୁ ବରଣ କଲେ ମଧ୍ୟ ପବିତ୍ର ଜୀବନ ଯାପନ କରିଥିବାରୁ ସେମାନେ ଶୀଘ୍ର ପୁନର୍ଜନ୍ମ ନିଅନ୍ତି ନାହିଁ । ସେହି ଆତ୍ମା ତତ୍କ୍ଷଣାତ୍ ନିରବ ତଥା ସୁଖନିଦ୍ରା ଅବସ୍ଥାକୁ ଚାଲିଯାଆନ୍ତି । ସେଠାରୁ ସେ ଉଚ୍ଚତର ଲୋକକୁ ଯାଆନ୍ତି । ସେଠାରେ ସେମାନଙ୍କର ମାନସିକ ତରଙ୍ଗ ସହିତ ମେଳଥିବା ଆତ୍ମା ସହିତ ମିଳିତ ହୁଅନ୍ତି ।

Digitized by srujanika@gmail.com

କେତେକ ସ୍ଥଳରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କର ମୃତ୍ୟୁ ନ ହୋଇ 'କୋମା'କୁ ସେ ଚାଲିଯାଆନ୍ତି । ଏହା ମଧ୍ୟ ଦୀର୍ଘକାଳ ପର୍ଯ୍ୟନ୍ତ ହୋଇପାରେ । ଏହିପରି ବ୍ୟକ୍ତିଙ୍କ ଶଯ୍ୟା ପାଖରେ ପ୍ରାର୍ଥନା କରିବା ଉଚିତ୍ ।

* * *

Digitized by srujanika@gmail.com

ମୃତ୍ୟୁଦଣ୍ଡ

ମୃତ୍ୟୁଦଣ୍ଡ ଦିଆଯାଇଥିବା କିମ୍ବା ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କର କ'ଣ ହୁଏ ?

ଏହି ଅବସ୍ଥାରେ ଜୀବାତ୍ମାର ଇଚ୍ଛା ବିରୁଦ୍ଧରେ ଆତ୍ମାକୁ ତାଙ୍କର ଭୌତିକ ଶରୀରରୁ ବାହାର କରି ଦିଆଯାଇଥାଏ । ସେମାନେ ମରିବାକୁ ଚାହାନ୍ତି ନାହିଁ, କିନ୍ତୁ ସେମାନଙ୍କୁ ମୃତ୍ୟୁକକ୍ଷକୁ ଟାଣି ନିଆଯାଇଥାଏ । ଅନ୍ତିମ ସମୟରେ ତାଙ୍କ ହୃଦୟରେ ମୃତ୍ୟୁର ଆତଙ୍କ ତଥା ଘୃଣାର ଭାବନା ଥାଏ । ଏହି ଅବସ୍ଥାରେ ବ୍ୟକ୍ତିର ମୃତ୍ୟୁ ହେଲେ ସେ ଆତ୍ମା ଏଣେତେଣେ ଘୂରିବୁଲେ । ଏହାକୁ ପ୍ରେତାତ୍ମା ବା ଭୂତ ବୋଲି କୁହାଯାଏ । ଅନେକ "ଭୂତ" କଥା ଶୁଣିଲେ ହସିବେ କିନ୍ତୁ ପ୍ରକୃତରେ ଘୂରିବୁଲୁଥିବା ଆତ୍ମାମାନେ ହେଉଛନ୍ତି ଭୂତ । ସେମାନେ ଦୂଷିତ ବାତାବରଣ ତଥା ପାପର ସ୍ଥାନକୁ ଆକର୍ଷିତ ହୋଇଥାଆନ୍ତି । ସେମାନେ ଦୁର୍ବଳ ଇଚ୍ଛାଶକ୍ତି ଥିବା ବ୍ୟକ୍ତିଙ୍କୁ ଖୋଜୁଥାଆନ୍ତି ଏବଂ ପାଇଗଲେ ସେମାନଙ୍କୁ ନିଜ କବ୍‌ଜାରେ ନେଇ ଯାଆନ୍ତି । ସେଥିପାଇଁ ଲୋକମାନଙ୍କୁ, ବିଶେଷତଃ ଯୁବକ ଏବଂ ଯୁବତୀମାନଙ୍କୁ ଏପରି ସ୍ଥାନକୁ ଯିବାକୁ ମୁଁ ବାରଣ କରିଥାଏ । ଏଠାରେ ଦୁଷ୍ଟ ଆତ୍ମାର କବ୍‌ଜାରେ ପଡ଼ିଯିବାର ଯଥେଷ୍ଟ ସମ୍ଭାବନା ଥାଏ ।

କେତେକ ନିରପରାଧ ବ୍ୟକ୍ତି ନ୍ୟାୟର ଭୁଲ ବିଚାରରେ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ମୃତ୍ୟୁଦଣ୍ଡ ପାଇଥାଆନ୍ତି । ଅନ୍ୟ କେତେକ ପବିତ୍ର ଜ୍ୟୋତି ତଥା ପରମ ଭକ୍ତ ମଧ୍ୟ ମୃତ୍ୟୁଦଣ୍ଡ ପାଆନ୍ତି । ଅତ୍ୟାଚାରୀ ତଥା କ୍ରୂର ଶାସକ ବିନା ଅପରାଧରେ ମୃତ୍ୟୁଦଣ୍ଡ ଦେଇଥାଆନ୍ତି । ମୃତ୍ୟୁ ସମୟରେ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରତିଶୋଧ, ପଶ୍ଚାତାପ ତଥା ଘୃଣା ଭାବନା ରହିବା ଉଚିତ୍ ନୁହଁ । ମୃତ୍ୟୁ ସମୟରେ

Digitized by srujanika@gmail.com

ସେମାନଙ୍କ ମନରେ ଉଚ୍ଚତମ ବିଚାର ହେବା ଉଚିତ୍ । ସେମାନେ ନିଜର ପରିଜନମାନଙ୍କ ବିଷୟରେ ଚିନ୍ତା କରିବା ଉଚିତ୍ । ଏହା ଫଳରେ ତାଙ୍କ ହୃଦୟ ପବିତ୍ର ପ୍ରେମଭାବରେ ପୂର୍ଣ୍ଣ ରହିବ । କେତେକ ସ୍ଥାନରେ ବ୍ୟକ୍ତି କିଛି ଭୁଲ କରି ନଥାଏ । ଆଇନ ମଧ୍ୟ ଠିକ୍ ଥାଏ ତଥାପି ଆମରି ଭଲ ପାଇଁ ଆମର ଏ ଜନ୍ମର କିମ୍ବା ପୂର୍ବ ଜନ୍ମର କର୍ମଫଳ ପାଇଥାଉ ।

ଅତୀତରେ ଭାରତର ଋଷିମାନେ ଏହାକୁ କର୍ମ-ବିଧାନ ବୋଲି କହିଛନ୍ତି । ଏହି ବିଧାନ ଦଣ୍ଡ କିମ୍ବା କଷ୍ଟ ଦିଏ ନାହିଁ । ଏହା ସଂସ୍କାରର ନିୟମ ।

କୌଣସି ବ୍ୟକ୍ତିଙ୍କର ବର୍ତ୍ତମାନର ଜୀବନ ଭଲ ହୋଇପାରେ । କିନ୍ତୁ ପୂର୍ବଜନ୍ମରେ କିଛି ଘୋର ଅପରାଧ କରିପାରିଥାଆନ୍ତି । କର୍ମ ବିଧାନ ଏହି ସବୁର ହିସାବଖାତା । ପୁରୁଣା ହିସାବକିତାବ ଶୀଘ୍ର ବା ବିଳମ୍ବରେ ସଂପାଦିତ ହୋଇଥାଏ । ଯେତେ ଡେରି ହେବ ସେତିକି ଅଧିକ ସୁଧ ଦେବାକୁ ପଡ଼ିବ ।

ତେଣୁ ମୃତ୍ୟୁ ସମୟରେ ପ୍ରତିଶୋଧର ଭାବନା ନ ରଖି ହୃଦୟକୁ ପ୍ରେମଭାବରେ ପୂର୍ଣ୍ଣ କରି ରଖିବାକୁ ହେବ । ଯେଉଁମାନେ ଆମକୁ ଭଲ ପାଆନ୍ତି ବା ଘୃଣା କରନ୍ତି, ସେ ସମସ୍ତଙ୍କ ପ୍ରତି ପ୍ରେମଭାବ ରହିବା ଉଚିତ୍ । କାରଣ ମୃତ୍ୟୁହିଁ ସମସ୍ତଙ୍କର ସମାନ । ଯଦିଓ ଆମକୁ ଅଲଗା ଅଲଗା ଜଣାଯାଏ । ଏହାର କାରଣ ହେଲା ଆମେ ବିଭିନ୍ନ ଶରୀର ଧାରଣ କରିଥାଉ । ଆପଣ 'ମୁଁ' ଅଟେ ଏବଂ ମୁଁ 'ଆପଣ' ଅଟନ୍ତି । ଯେଉଁ ଭାବନା ଓ ସଦ୍ଭାବରେ ଆମେ ନିର୍ମିତ, ତାହା ପ୍ରେମ । ସେଥିପାଇଁ ପ୍ରତ୍ୟେକ ପରିସ୍ଥିତିକୁ ସ୍ୱୀକାର କରନ୍ତୁ । ମୃତ୍ୟୁଦଣ୍ଡ ମଧ୍ୟ ସମସ୍ତଙ୍କ ପାଇଁ ପ୍ରେମଧାରାର ପ୍ରବାହ ହେଉ !

❋❋❋

Digitized by srujanika@gmail.com

ପରିଚ୍ଛେଦ - ୨୬

ଆତ୍ମହତ୍ୟା ମୃତ୍ୟୁ

"ଯିଏ ଆତ୍ମହତ୍ୟା କରେ, ତା'ର କ'ଣ ହୁଏ ?"

ଆତ୍ମହତ୍ୟା କରିଥିବା ବ୍ୟକ୍ତି ମୃତ୍ୟୁର ପରେ ପରେ ପୃଥିବୀ ଲୋକରେ ଆତ୍ମା ହୋଇଥାଏ । ସେ ଆତ୍ମହତ୍ୟା କରିବା ପରେ ଭୌତିକ ଶରୀର ଅପେକ୍ଷା ଅଧିକ ଦୁଃଖ ତଥା ବ୍ୟାକୁଳତା ଅନୁଭବ କରିଥାଏ । ତାକୁ ବହୁତ ଡେରିରେ ଜ୍ଞାନ ଆସେ ଯେ ସେ ଭୌତିକ ଶରୀର ନୁହେଁ । ସେ ଜାଣିପାରେ ଯେ ସେ ମରିପାରେନା । ଆତ୍ମହତ୍ୟା ଦ୍ୱାରା ଯେଉଁ ଦୁଃଖ, କଷ୍ଟ, ପୀଡ଼ାରୁ ସେ ମୁକ୍ତି ପାଇବାକୁ ଇଚ୍ଛା କରିଥାଏ, ସେସବୁ ଏବେ ବଢ଼ିଯାଇଛି । ତା'ର ଅନ୍ତର୍ବେଦନା ବଢ଼ିଯାଇଛି ।

ଭୌତିକ ଶରୀର ମନୁଷ୍ୟ ସତ୍ତାର ଗୋଟିଏ ଅଂଶ । ଏହା ସାମଗ୍ରିକ ସତ୍ତାର ଗୋଟିଏ ଅଂଶବିଶେଷ । ହାତ ବା ଗୋଡ଼ ତାଙ୍କର ଅଧିକା ବଞ୍ଚିବା ପାଇଁ ଦରକାର ନାହିଁ ବୋଲି ଭାବି ସେଗୁଡ଼ିକୁ କାଟି ଶରୀରରୁ ଅଲଗା କରିଦେଲେ ମଧ୍ୟ ମଣିଷ ଅଂଗହୀନ ହୋଇ ଜୀବିତ ରହେ ଏବଂ ନିଜର ଜୀବନ ଗୋଟିଏ ଅନ୍ତହୀନ ପୀଡ଼ା ହୋଇ ରହିଯାଏ ।

ଆତ୍ମହତ୍ୟା କରିଥିବା ବ୍ୟକ୍ତିର ଅନୁଭବ ହୁଏ ଯେ ସମସ୍ୟାର ସମାଧାନ ହେବା ସ୍ଥାନରେ ଆତ୍ମହତ୍ୟା ଯୋଗୁଁ ସମସ୍ୟା ଅଧିକ ବଢ଼ିଯାଇଛି । ସେ ଅନୁଭବ କରେ ଯେ ଆତ୍ମହତ୍ୟା ବଦଳରେ ସମସ୍ୟାଗୁଡ଼ିକୁ ଭୁଲି ଶୋଇ ପଡ଼ିଥିଲେ ଅଧିକ ଭଲ ହୋଇଥାଆନ୍ତା । ପରଦିନ ଏ ବିଷୟରେ ଚିନ୍ତା କରିଥିଲେ ଆହୁରି ଭଲ ହୋଇଥାଆନ୍ତା । କୌଣସି ଧର୍ମଗୁରୁଙ୍କ ସାହାଯ୍ୟ ନେବା କିମ୍ବା ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ ହୋଇଥାନ୍ତା । ଈଶ୍ୱର ଆମକୁ ଜୀବନ ଦେଇଛନ୍ତି; ସେ

Digitized by srujanika@gmail.com

ହିଁ କେବଳ ଏହା ଫେରାଇ ନେଇ ପାରିବେ । ବିଧାନକୁ ଆମେ ନିଜ ହାତକୁ ନେଲେ ଆମକୁ ବହୁତ ମୂଲ୍ୟ ଦେବାକୁ ପଡ଼ିବ ।

ଆମେ ଆତ୍ମହତ୍ୟା କରିଥିବା ବ୍ୟକ୍ତିକୁ କିପରି ସାହାଯ୍ୟ କରିପାରିବା ?

ହଁ, ଆତ୍ମହତ୍ୟା କରିଥିବା ବ୍ୟକ୍ତିକୁ ଆମେ ସାହାଯ୍ୟ କରିପାରିବା । ଜୀବନର ପ୍ରତ୍ୟେକ ସ୍ତରରେ ପ୍ରେମ ହେଉଛି ସବୁଠାରୁ ବଡ଼ ରଚନାତ୍ମକ ଶକ୍ତି । ଆତ୍ମଘାତୀ ମନୁଷ୍ୟର ପ୍ରିୟଜନ ତାଙ୍କ ପ୍ରତି ସହାନୁଭୂତି ତଥା ପ୍ରେମପୂର୍ଣ୍ଣ ବିଚାର ଦ୍ୱାରା ସାହାଯ୍ୟ କରିପାରିବେ । ପ୍ରାର୍ଥନାଦ୍ୱାରା ଆରୋଗ୍ୟକାରୀ ଦେବଦୂତଙ୍କ ସାହାଯ୍ୟ ମଧ୍ୟ ନିଆଯାଇପାରେ । ଧ୍ୟାନଶକ୍ତିରେ ଦିବ୍ୟ ପ୍ରେମର କିରଣ ସେହି ଅଭାଗା ପାଖରେ ପହଞ୍ଚିପାରେ । ଏହି କିରଣ ସେହି ଆତ୍ମାକୁ ଚାରିପଟରୁ ଘେରି ରହି ଆତ୍ମାର ବ୍ୟାକୁଳତାକୁ ଶାନ୍ତ କରିପାରେ । ଆତ୍ମହତ୍ୟା କରିଥିବା ବ୍ୟକ୍ତିର ଆତ୍ମିକ ଶକ୍ତିକୁ ସଶକ୍ତ କରିବାରେ ସହାୟକ ହୁଅନ୍ତୁ, କାରଣ ସେହି ଆତ୍ମିକ ଶକ୍ତି ହିଁ ତାଙ୍କୁ ନିଜସୃଷ୍ଟ ଜଂଜାଳରୁ ମୁକୁଳାଇ ପାରିବ ।

* * *

Digitized by srujanika@gmail.com

ଆଲୋକ ତଥା ମୁକ୍ତିର ପଥ

ଏ ପର୍ଯ୍ୟନ୍ତ ଆମେ ଜନ୍ମ-ମରଣ ଚକ୍ରରେ ନିରନ୍ତର ଘୂରିବୁଲୁଥିବା ବ୍ୟକ୍ତିମାନଙ୍କ ବିଷୟରେ ଆଲୋଚନା କରୁଥିଲେ । ମନୁଷ୍ୟ ଜନ୍ମ ନିଏ, ନିଜର ନିର୍ଦ୍ଧାରିତ ଜୀବନ ଯାପନ କରେ ଏବଂ ପରେ ମରିଯାଏ । ତା'ପରେ ପ୍ରତିରୂପ ଦେହ ମଧ୍ୟ ଦେଇ ପାରଲୌକିକ ଜଗତକୁ ଯାଏ । ସେଠାରେ ସେ ନିରନ୍ତର ଉଚ୍ଚରୁ ଉଚ୍ଚତର ସ୍ତରକୁ ଯାଏ । ପୂର୍ଣ୍ଣ ରୂପରେ ଶୁଦ୍ଧ ନ ହେବା ପର୍ଯନ୍ତ ସେ ଗତି କରୁଥାଏ । ସେଠାରୁ ଦେବଲୋକରେ ପ୍ରବେଶ କରିଥାଏ । ଦେବଲୋକରୁ ଫେରି ଆସି ନୂଆ ଭୌତିକ ଶରୀର ଧାରଣ କରି ଭୌତିକ ଜଗତରେ ପୁନର୍ଜନ୍ମ ନିଏ । ଏହି ଚକ୍ର ଚାଲିଥାଏ । ଏହି ଚକ୍ରରୁ ରକ୍ଷା ପାଇବାର କ'ଣ ବାଟ ନାହିଁ ?

ହଁ, ବାଟ ଅଛି । ଦୁଇଟି ବାଟ ଅଛି । ପ୍ରଥମ ବଂଧନ ତଥା ପୁନର୍ଜନ୍ମର ବାଟ । ଦ୍ୱିତୀୟଟି ଆଲୋକର ବାଟ ତଥା ଜନ୍ମମରଣ ଚକ୍ରରୁ ମୁକ୍ତି ଓ ସାଧୀନତାର ବାଟ ।

ବଂଧନ ଏବଂ ପୁନର୍ଜନ୍ମର ରାସ୍ତାରେ ଆମ ମଧ୍ୟରୁ ଅନେକେ ଯାଇଥାନ୍ତି । ଏହା ଆମକୁ ଜନ୍ମମରଣ ଚକ୍ରରେ ବାନ୍ଧି ରଖିଥାଏ । ସେହି ବନ୍ଧନ ହେଉଛି କାମନାର । ଆମ ସମସ୍ତଙ୍କର କାମନା ଅଛି । ଆମର ଇଚ୍ଛାସବୁ ରହିଛି ଏହି ଶୃଙ୍ଖଳ ଆମକୁ ଜନ୍ମମରଣ ଚକ୍ରରେ ବାନ୍ଧି ରଖିଛି । ଆମେ ଭଲ ଫଳ ପାଇବା ଇଚ୍ଛାରେ କର୍ମ କରୁ । ଆଜି କେହି ମଧ୍ୟ ପ୍ରତିଦାନ ନ ନେଇ କର୍ମ କରିବାକୁ ପ୍ରସ୍ତୁତ ନୁହନ୍ତି ।

ଦିନେ ଜଣେ ମା' ନିଜ ପୁଅ ବିଷୟରେ କହିଲେ, ''ଏ ଧନ ପାଇଁ ଲୋଭୀ ହୋଇଯାଇଛି'' । ପୁଅଟି ରେଡିଓ ଇଞ୍ଜିନିୟରିଂ ଇନଷ୍ଟିଚ୍ୟୁଟ୍‌ରେ ଛାତ୍ର

Digitized by srujanika@gmail.com

ଥିଲା । ମା'ଟି ତା'ର ଦେଖାଶୁଣା କରୁଥିଲା । ତା'ର ଶିକ୍ଷାର ସମସ୍ତ ଖର୍ଚ୍ଚ କରୁଥିଲା । ପ୍ରତ୍ୟେକ ମାସରେ ତାକୁ ପକେଟ ଖର୍ଚ୍ଚ ଦେଉଥିଲା । ପରିବାରର ରେଡ଼ିଓଟି ଖରାପ ହୋଇଗଲା, ଏବଂ ପୁଅଟି ମା'କୁ କହିଲା, ''ମମ୍ମି ! ମୁଁ ଏ ରେଡ଼ିଓଟି ଠିକ୍ କରିଦେବି ଯେବେ ତୁମେ ଏହାର ଫିସ୍ ଦେବ ।'' ଆଜି ବିନା ଫିସ୍‌ରେ କେହି ବି କାମ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଆମେ ସମସ୍ତେ ଫଳ କାମନାରେ କାମ କରୁ । ବିନା ପଇସାରେ କାମ କଲାବେଳେ ଆମେ ମାନସମ୍ମାନ ଏବଂ କୀର୍ତ୍ତି ଚାହିଁଥାଉ । ସବୁ ସମୟରେ ଆମେ କୌଣସି ନା କୌଣସି ରୂପରେ ଧନ, ପ୍ରସିଦ୍ଧି, ଯଶ, ଆଦର, ଉପାଧି, ନଗର ନିଗମ କିମ୍ବା ବିଧାନସଭା ବା ଲୋକସଭାର ସଦସ୍ୟତାରୂପୀ ଫଳ ଇଚ୍ଛା କରିଥାଉ । ଫଳ ପାଇବାର ଏହି ଇଚ୍ଛା ଆମକୁ ବନ୍ଧନରେ ବାନ୍ଧି ରଖିଥାଏ ।

କେତେକ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ଏହି ସଂସାରରେ ନିଜପାଇଁ କିଛି ଚାହାନ୍ତି ନାହିଁ । ସେମାନଙ୍କର ସ୍ୱର୍ଗ ପାଇବାର ଇଚ୍ଛା ଥାଏ । ଏହି ଇଚ୍ଛା ମଧ୍ୟ ଜନ୍ମମୃତ୍ୟୁର ଚକ୍ରରେ ତାକୁ ବାନ୍ଧି ରଖିଥାଏ । ଏଥିପାଇଁ ମୃତ୍ୟୁପରେ ଆମେ ଗୋଟିଏ ସ୍ତରରୁ ଅନ୍ୟ ସ୍ତର ପର୍ଯ୍ୟନ୍ତ ସତ୍‌କର୍ମ ଫଳଜନିତ ଆନନ୍ଦ ପାଇଥାଉ ଏବଂ ଯେତେବେଳେ ସତ୍‌କର୍ମର ଫଳ ସମାପ୍ତ ହୋଇଯାଏ ସେତେବେଳେ ଆମକୁ ଏହି ପୃଥ୍ୱୀଲୋକକୁ ଫେରି ଆସିବାକୁ ପଡ଼ିଥାଏ ।

ଆଉ ଗୋଟିଏ ରାସ୍ତା ଅଛି । ତାହା ହେଉଛି ଆଲୋକ ତଥା ମୁକ୍ତିର ରାସ୍ତା । ଏଥିରେ କିଛି ମହାନ୍ ଆତ୍ମାମାନେ ଯାଇଥାଆନ୍ତି । ଯେଉଁମାନଙ୍କ ଜୀବନରେ ଅନୁଭବର ଚକ୍ର ବ୍ୟତୀତ ପବିତ୍ରତା, ନିଃସ୍ୱାର୍ଥ ପ୍ରେମ, କରୁଣା, ଶ୍ରଦ୍ଧା ତଥା ଆଧ୍ୟାତ୍ମିକତାର ବିକାଶ ହୋଇଥାଏ, ସେମାନଙ୍କର କୌଣସି ପ୍ରକାର ଇଚ୍ଛା ବା ଲାଳସା ନଥାଏ । ସ୍ୱର୍ଗଲୋକ ସୁଖର ଇଚ୍ଛା ମଧ୍ୟ ନଥାଏ । ସେମାନେ କର୍ମ ଈଶ୍ୱରଙ୍କ ପାଇଁ କରନ୍ତି । ଦୁଃଖୀମାନଙ୍କର ସେବା କରନ୍ତି । ଈଶ୍ୱରଙ୍କୁ ସମର୍ପିତ ଭାବରେ ସେବା କରନ୍ତି। ସେମାନେ ନିଜ ପାଇଁ କିଛି ମଧ୍ୟ ଚାହାନ୍ତି

Digitized by srujanika@gmail.com

ନାହିଁ । ସେମାନେ ନିଜକୁ ଈଶ୍ୱରଙ୍କ ହାତର ଆୟୁଧ ବୋଲି ଭାବନ୍ତି । "ସାରା ଯଶ ତୁମର-ମାନେ ମୋର ନୁହଁ, ଈଶ୍ୱର, ଏହା ତୁମର ହିଁ ମହିମା ।" ପ୍ରତ୍ୟେକ ଶ୍ୱାସପ୍ରଶ୍ୱାସ ସହିତ ସେମାନେ ଏହା କହନ୍ତି । ସେମାନଙ୍କର କୌଣସି ଇଚ୍ଛା ନଥାଏ । ସେମାନେ କୌଣସି ବସ୍ତୁ ଦରକାର କରନ୍ତି ନାହିଁ । ଧନ୍ୟବାଦ ପରି ଶବ୍ଦର ସେମାନଙ୍କର ମଧ୍ୟ ଦରକାର ନାହିଁ । କାରଣ ସେମାନେ ଜାଣନ୍ତି ଯେ ତାଙ୍କ ଦ୍ୱାରା କରାଯାଇଥିବା କର୍ମ ତାଙ୍କର ନୁହେଁ । ବରଂ ଅବ୍ୟକ୍ତ ଆତ୍ମିକ ଶକ୍ତିର ପରିପ୍ରକାଶ । ସେମାନେ ନିଜର କର୍ମ କରି ଚାଲନ୍ତି । ନିଜକୁ ତଥା ନିଜର ସବୁକିଛି ଭଗବାନଙ୍କ ଚରଣ କମଳରେ ଅର୍ପଣ କରି ଦିଅନ୍ତି । ନିଜର ହୃଦୟ, ବୁଦ୍ଧି ତଥା ଆତ୍ମାକୁ ଭଗବାନଙ୍କ ଚରଣ କମଳରେ ଅର୍ପଣ କରି ଦିଅନ୍ତି । ସେମାନଙ୍କର ନିଜର କିଛି ଇଚ୍ଛା ନାହିଁ । ଏଥିପାଇଁ ସେମାନଙ୍କୁ ଜନ୍ମମରଣ ଚକ୍ରରେ ବାନ୍ଧି ହେବାକୁ ପଡ଼େ ନାହିଁ । ଭୌତିକ ଶରୀରର ମୃତ୍ୟୁପରେ ସେମାନେ ଆଲୋକ ପଥରେ ଯାଆନ୍ତି ଏବଂ ପରମ ପଦରେ ପହଞ୍ଚିଯାଆନ୍ତି । କେହିଫେରି ଆସୁ ନଥିବା ବ୍ରହ୍ମଲୋକ ତଥା ଅନନ୍ତ ପଦରେ ସେମାନେ ପହଞ୍ଚନ୍ତି ।

ଏପରି ବ୍ୟକ୍ତି ବହୁତ କମ୍ । ଏକାକୀ ଜୀବନ ଯାପନ କରୁଥିବା ଜଣେ ବ୍ୟକ୍ତି ରହୁଥିଲେ । ତାଙ୍କର ଇଚ୍ଛା ବିରୁଦ୍ଧରେ ତାଙ୍କୁ ଗୋଟିଏ ଆଶ୍ରମର ମୁଖ୍ୟ କରିଦିଆଗଲା । ସେ ଗୋଟିଏ ସୁନ୍ଦର ଗ୍ରାମକୁ ଲୁଚି ପଳାଇଲେ । ଗୁପ୍ତ ଭାବରେ ଈଶ୍ୱରଙ୍କ ନାମ ନେଇ ଜୀବନ ବିତାଇଲେ । ନିଜ ହାତରେ ତିଆରି କରିଥିବା କୁଟୀରରେ ରହିଲେ । ପ୍ରତିଦିନ କିଛି ସମୟ କାମ କରି ଜୀବନ ଯାପନ କରୁଥିଲେ । ଯାହାକିଛି ରୋଜଗାର କରୁଥିଲେ, ତାହାସବୁ ଦରିଦ୍ରମାନଙ୍କୁ ବାଣ୍ଟୁଥିଲେ । ସେ ଅଧିକାଂଶ ସମୟ ଧ୍ୟାନ କରୁଥିଲେ । ସେ ସାଧୁ ନାମରେ ପରିଚିତ ହେଲେ ।

ଥରେ ଗୋଟିଏ ଯୁବତୀ ଗର୍ଭବତୀ ହୋଇଗଲା । ଯୁବତୀଟି ସମସ୍ତ ଦୋଷ ଈଶ୍ୱରଙ୍କର ଏହି ପବିତ୍ର ଭକ୍ତ ଉପରେ ଲଦି ଦେଲା । ଝିଅଟିର

Digitized by srujanika@gmail.com

ମା'-ବାପା ରାଗରେ ନିଆଁବାଣ ହୋଇଗଲେ । ସେମାନେ ତାଙ୍କୁ ଧରି ଖୋଲା ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ନେଲେ ଓ ତାଙ୍କ ଉପରେ ଛେପ ପକାଇଲେ । ଲୋକେ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଏ ନିଜକୁ ସାଧୁ ବୋଲି କହୁଛି । ଏ ସାଧୁ ବେଶରେ ଜଣେ ଭଣ୍ଡ । ଏପରି ବ୍ୟକ୍ତିର ବଞ୍ଚିବା ଅଧିକାର ନାହିଁ ।''

ଆତ୍ମରକ୍ଷାପାଇଁ ସାଧୁ ପଦୁଟିଏ ମଧ୍ୟ କହିଲେ ନାହିଁ । ଦଣ୍ଡ ପାଉଥିବା ସମୟରେ ମଧ୍ୟ ସେ ଧୈର୍ଯ୍ୟ ଧରିଥିଲେ । ପ୍ରତ୍ୟେକ ଆଘାତ ସହିତ ତାଙ୍କ ଶ୍ୱାସରୁ ମଙ୍ଗଳାଚରଣ ଉଚ୍ଚାରିତ ହେଉଥିଲା । ଯେତେବେଳେ ସେ ଦରମରା ହୋଇଗଲେ, ଜଣେ ବୃଦ୍ଧ ବ୍ୟକ୍ତି ହସ୍ତକ୍ଷେପ କଲେ ଏବଂ କହିଲେ, ''ଆପଣମାନେ ଏହି ଭକ୍ତକୁ କାହିଁକି ମାରିଦେବାକୁ ଚାହୁଁଛନ୍ତି ?''

''ଜଣେ ଭକ୍ତ ! ବାଃ, ବାଃ'' । ଲୋକମାନେ ବ୍ୟଙ୍ଗ କରି କହିଲେ, ''ଆପଣ ଜାଣିଛନ୍ତି କି ଏ କ'ଣ କରିଛି ? ଏହି ଭଣ୍ଡକୁ ଆପଣ ଭକ୍ତ ବୋଲି କହୁଛନ୍ତି ?''

ଯୁବତୀର ମା'ବାପା କହିଲେ, ''ଆମେ ତାକୁ ଛାଡିବୁ ନାହିଁ ଯେ ପର୍ଯ୍ୟନ୍ତ ଝିଅର ସମସ୍ତ ଖର୍ଚ୍ଚ ତୁଲାଇବାକୁ ସେ ପ୍ରସ୍ତୁତ ନ ହୋଇଛି କିମ୍ବା ଅନ୍ୟ କିଏ ଗ୍ୟାରେଣ୍ଟି ନ ଦେଇଛି ଯେ ସେ ଏଠାରୁ ଲୁଚି ପଳାଇବ ନାହିଁ ।''

ବୃଦ୍ଧଜଣକ ଗ୍ୟାରେଣ୍ଟି ଦେଲେ ଏବଂ ସାଧୁଙ୍କୁ ଛାଡ଼ି ଦିଆଗଲା । ସେ ଏହା କହି କହି ନିଜ କୁଟୀରକୁ ଫେରିଲେ, ''ଏବେ ଈଶ୍ୱର ତୋତେ ଜଣେ ପତ୍ନୀ ଦେଇଛନ୍ତି । ତୋତେ ତା'ର ଭରଣପୋଷଣ ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।''

ସେ ନିଜର ତଥା ସେହି ଯୁବତୀର ଭରଣପୋଷଣ ପାଇଁ ଦିନରାତି ପରିଶ୍ରମ କଲେ । ଯେତେବେଳେ ସେ ଯୁବତୀର ଗର୍ଭ ସମୟ ପୂରା ହେବାକୁ

Digitized by srujanika@gmail.com

ଗଲା, ସେତେବେଳେ ଝିଅଟି ବହୁତ ଦିନ ପର୍ଯ୍ୟନ୍ତ ଗର୍ଭଯନ୍ତ୍ରଣା ପାଇଲା । କିନ୍ତୁ ଶିଶୁକୁ ଜନ୍ମ ଦେଇ ପାରୁନଥିଲା । ପଶ୍ଚାତାପ ତା'ର ଆତ୍ମାକୁ ଧିକ୍କାର କଲା । ଅଶ୍ରୁଳ ନୟନରେ ସେ ସ୍ୱୀକାର କଲା ଯେ ସାଧୁଜଣକ ନିର୍ଦ୍ଦୋଷ ଏବଂ ତାଙ୍କର ପଡ଼ୋଶୀ ଯୁବକଜଣକ ଅପରାଧୀ ।

ବାପା-ମା' ସେ ସାଧୁଙ୍କର ଧୈର୍ଯ୍ୟ ଦେଖି ଚକିତ ହୋଇଗଲେ । ସାଧୁଜଣକ ଆତ୍ମରକ୍ଷା ପାଇଁ ଗୋଟିଏ ଶବ୍ଦ ମଧ୍ୟ ଉଚ୍ଚାରଣ କରି ନ ଥିଲେ । ସମସ୍ତ ଗ୍ରାମବାସୀ ଆଣ୍ଠୁମାଡ଼ି କ୍ଷମା ମାଗିବାପାଇଁ ସାଧୁଙ୍କ କୁଡ଼ିଆ ପାଖରେ ଜମା ହୋଇଗଲେ । କିନ୍ତୁ ସାଧୁ କାହାନ୍ତି ? ତାଙ୍କୁ ଖବର ମିଳିଯାଇଥିଲା ଯେ ଗ୍ରାମବାସୀମାନେ ତାଙ୍କ ପାଖକୁ ଆସୁଛନ୍ତି । ସେଥିପାଇଁ ସେ ଚୁପ୍‌ଚାପ୍ ଲୁଚିକରି ଅନ୍ୟ ଏକ ଅଜ୍ଞାତ ସ୍ଥାନ ଖୋଜିବାକୁ ବାହାରି ଯାଇଥିଲେ ।

* * *

Digitized by srujanika@gmail.com

ଦାଦା ଜେ.ପି. ଭାସୱାନୀଙ୍କ ଅନ୍ୟ କେତେକ ଜୀବନ ପରିବର୍ତ୍ତନକାରୀ ପୁସ୍ତକ (ଓଡ଼ିଆ)

୧। ଆତ୍ମିକ ପୋଷଣ (୪ ଭାଗ)
(ବର୍ଷର ୩୬୫ ଦିନ ପାଇଁ ୩୬୫ଟି ଜୀବନିକା ଗଳ୍ପ)

୨। କ୍ରୋଧକୁ ଜଳାଅ ନିଜକୁ ନୁହେଁ

୩। ଭଲଲୋକ ଦୁଃଖ ପାଆନ୍ତି କାହିଁକି ?

୪। ହସ ଚିକିତ୍ସା

୫। କ୍ଷମାର ଚମତ୍କାରିତା

୬। ପ୍ରେମର ପଥିକ (ଦାଦାଙ୍କ ସଂକ୍ଷିପ୍ତ ଜୀବନୀ)

୭। ଡରରୁ ମୁକ୍ତି (ପ୍ରକାଶ ଅପେକ୍ଷାରେ)

ଯୋଗାଯୋଗ

ବ୍ରଜ କୁମାର ଶତପଥୀ
୩୫, ଲକ୍ଷ୍ମୀ ବିହାର
ପୋ.ଅ. ସୈନିକ ସ୍କୁଲ, ଭୁବନେଶ୍ୱର - ୭୫୧୦୦୫
ଭ୍ରାମ୍ୟଭାଷ - ୯୪୩୭୬୩୦୫୭୪

Digitized by srujanika@gmail.com



ଦାଦା ଜେ.ପି. ଭାସୱାନୀ

Digitized by srujanika@gmail.com